


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-179 ♦THURSDAY ♦25 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୭୯ ♦ଗୁରୁବାର ♦୨୫ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଚଳନ୍ତା କାର୍‌ରେ ଆଇଟି କମ୍ପାନୀ ମ୍ୟାନେଜରଙ୍କୁ ଗଣଦୁଷ୍କର୍ମ

■ ଉଦୟପୁର, ୨୪।୧୨ (ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଚଳନ୍ତା କାର୍‌ରେ ଜଣେ ଆଇଟି କମ୍ପାନୀ ମ୍ୟାନେଜର ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ସାମ୍ନାକୁ ଆସିଛି। ଏକ ଜନ୍ମଦିନ ପାର୍ଟିରେ ଯୋଗ ଦେବା ପରେ ଘରେ ଛାଡିଦେବା ବାହାନାରେ ଷଡଯନ୍ତ୍ରପୂର୍ବକ ଏହି କାଣ୍ଡ ଘଟାଯାଇଛି। ପୀଡିତା ଯୁବତୀ ଏଥିପାଇଁ ନିଜ କମ୍ପାନୀ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, ମହିଳା କାର୍ଯ୍ୟନିର୍ବାହୀ ମୁଖ୍ୟ ଓ ତାଙ୍କ ପତିଙ୍କ ବିରୋଧରେ ଦୁଷ୍କର୍ମ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ସମ୍ପୂର୍ଣ୍ଣ ଅଘଟଣ ସୁଖେର ଅଞ୍ଚଳରେ ଘଟିଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ, ଯୁବତୀ ଜଣକ ଏକ ଘରୋଇ ଆଇଟି କମ୍ପାନୀର ମ୍ୟାନେଜର ଅଛନ୍ତି। ଡିସେମ୍ବର ୨୦ ତାରିଖରେ କମ୍ପାନୀର ସିଇଓଙ୍କ ଜନ୍ମଦିନ ଓ ନୂଆବର୍ଷ ପାର୍ଟି ଥିଲା। ଏହା ଶୋଭାଗପୁରାସ୍ଥିତ ଏକ ହୋଟେଲରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ସମସ୍ତେ ମଦ୍ୟପାନ କରିଥିଲେ। ରାତି ୯ଟାରେ ହୋଟେଲ ପହଞ୍ଚିବା ପରେ ସେଠାରେ ଏହି ୩ ଜଣ ଥିଲେ। ପାର୍ଟିରୁ ସମସ୍ତେ ଗଲା ପରେ ଏହି ୩ ଜଣ ତାଙ୍କୁ ଘରେ ଛାଡି ଦେବାକୁ କହିଥିଲେ ରାସ୍ତାରେ ତାଙ୍କୁ ସିଗାରେଟ ଭଳି ଏକ ପଦାର୍ଥ ପିଇବାକୁ ଦିଆଯାଇଥିଲା ଓ ଯୁବତୀ ଜଣକ ବେହୋସ ▶ପୃଷ୍ଠା-୧୦



## ମହାକାଶକୁ ଇସ୍ରୋ ପଠାଇଲା ସବୁଠୁ ଓଜନିଆ ଉପଗ୍ରହ

**ଆମେରିକୀୟ ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ-୨' ଉତ୍କ୍ଷେପଣ**

**ମହାକାଶରୁ ସ୍ମାର୍ଟଫୋନକୁ ସିଧା କଲ୍ ହୋଇପାରିବ**

■ ଶ୍ରୀହରିକୋଟା, ୨୪।୧୨ (ଏଜେନ୍ସି): ଭାରତର ସବୁଠାରୁ ଓଜନିଆ ବାହୁବଳୀ ରକେଟ ଏଲ୍‌ଭିଏମ୍‌୩-ଏମ୍‌୬ (ଲଞ୍ଚ ଭେଇକଲ ମାର୍କ-୩ ଏମ୍‌୬) ଆଜି ସକାଳ ୮ଟା ୫୫ରେ ଆମେରିକୀୟ ଉପଗ୍ରହ ବ୍ଲୁବାର୍ଡ ବ୍ଲକ-୨ ମହାକାଶ ।।ରେ ଛାଡିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହି ରକେଟ ଜରିଆରେ ୬, ୧୦୦କେଜି ଓଜନର ଏହି ଆମେରିକୀୟ ଉପଗ୍ରହ ଉତ୍କ୍ଷେପଣ କରିଛି। ବ୍ଲୁବାର୍ଡ ହେଉଛି ଭାରତ ମାଟିରୁ ଉତକ୍ଷେପଣ ହୋଇଥିବା ସବୁଠାରୁ ଓଜନିଆ ଉପଗ୍ରହ। ଉତକ୍ଷେପଣ ହେବାର ୧୫ ମିନିଟ୍ ପରେ ରକେଟଠାରୁ ଏହି ଉପଗ୍ରହ ଅଲଗା ହୋଇଥିଲା ଓ ୫୨୦ କିମି ଉପରେ ମହାକାଶ କକ୍ଷରେ ସଫଳତାର ସହ ସ୍ଥାପିତ ହୋଇଥିଲା।

ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ ଏହାକୁ ଦେଶ ପାଇଁ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବରୁ ନଭେମ୍ବରରେ ଉଦ୍‌କ୍ଷେପଣ କରାଯାଇଥିବା ଏଲ୍‌ଭିଏମ୍‌୩- ଏମ୍‌୫ ଯୋଗାଯୋଗ ଉପଗ୍ରହ-୦୩ ପ୍ରାୟ ୪, ୪୦୦ କେଜି ଓଜନର ଥିଲା। ଏହାକୁ ଜିଓସିଙ୍କ୍ରୋନାସ ଟ୍ରାନ୍ସଫର ଅରବିଟ୍ (ଜଟିଓ)ରେ ସ୍ଥାପିତ କରାଯାଇଥିଲା। ବ୍ଲୁବାର୍ଡ ଉତ୍କ୍ଷେପଣ କରିଥିବା ଏଲଭିଏମ୍‌୩-ଏମ୍‌୬ ରକେଟର ▶ପୃଷ୍ଠା-୧୦

## ଦିବ୍ୟାଙ୍ଗ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା

# ଚାନ୍ଦବାଲି ଅଶାନ୍ତ, ରାଜ୍ୟ ହୁଲସ୍ଥୁଲ

### ମୁଖ୍ୟ ଅଭିଯୁକ୍ତ ଗିରଫ, ଘର, ଦୋକାନ ଉଚ୍ଛେଦ

■ ଭଦ୍ରକ, ୨୪।୧୨ (ସମିସ): ଚାନ୍ଦବାଲି ଏନ୍‌ଏସି ରାମପଲ୍ଲୀ ଗାଁ(୧୫ ନମ୍ବର ୱାର୍ଡ) ରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଚାନ୍ଦବାଲି ଜଳୁଥିବା ବେଳେ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ପୀଡ଼ିତାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଲୋକମାନେ ଶବ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଘଟଣା ଘଟିଥିବା ବାଲିଗାଁ ଛକରେ ପ୍ରବଳ ନିଶା କାରବାର ଯୋଗୁଁ ଏହି ଘଟଣା ଘଟିଥିବା ଏସ୍‌ପି ଶ୍ରୀ ରାଉତଙ୍କ ନିକଟରେ ▶ପୃଷ୍ଠା-୧୦

**ଆଜି ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ**



### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ; ୧୦ ଲକ୍ଷ ସହାୟତା

■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ସହ ପୀଡ଼ିତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ▶ପୃଷ୍ଠା-୧୦

### ରାଜ୍ୟବାସୀ ବିଚଳିତ ଓ ଆତଙ୍କିତ: ନବୀନ



■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୧୧ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଅତ୍ୟନ୍ତ କଟୁ ଶବ୍ଦରେ ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦିନକୁ ଦିନ ଓଡ଼ିଶାରେ ବଢୁଥିବା ଦୁଷ୍କର୍ମ ପରି ଘଟଣା ଓ ସରକାରଙ୍କ ଅପାରଗତା ସମସ୍ତଙ୍କୁ ବିଚଳିତ ଓ ଆତଙ୍କିତ କରିଦେଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

## ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ

**ବରଗଡ଼ରେ ଆଜିଠୁ ରାଜତନ୍ତ୍ର**



**ବରଗଡ଼ ସହର ହେବ ମଥୁରା ନଗରୀ, ଅମ୍ବାପାଲି ହେବ ଗୋପପୁର**

**ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଛି ବରଗଡ଼**

**ଉଦ୍‌ଘାଟିତ ହେଲା ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ**

■ ବରଗଡ଼, ୨୪।୧୨ (ସମିସ): ବରଗଡ଼ରେ ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବୁଧବାର ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିରାଟ ଶୋଭାଯାତ୍ରା ହାଟପଡା ସ୍ଥିତରାଜ ଦରବାରରେ ପହଞ୍ଚିଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସାଂସଦ ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସପି ପ୍ରହଲ୍ଲାଦ ସହାୟ ମୀନା, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ଗୋପାଳ ଦାଶ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବହୁ ପ୍ରତିକ୍ଷୀତ ୭୮ ତମ ଧନୁଯାତ୍ରା ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା। ଆଜିଠାରୁ ବରଗଡ଼ ସହର ମଥୁରା ନଗରୀରେ ରୂପାନ୍ତରୀତ ହୋଇଛି ଓ ଅମ୍ବାପାଲି ଗୋପପୁର ପାଲଟିଛି। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଶୁଭାରମ୍ଭ ସହ ସମଗ୍ର ବରଗଡ଼ ଅଞ୍ଚଳ ଭକ୍ତି, ଆସ୍ଥା, ପୌରାଣିକ ପରିବେଶ ତଥା ଲୋକସଂସ୍କୃତିର ସୌନ୍ଦର୍ଯ୍ୟରେ ରଙ୍ଗିନ ହୋଇଉଠିଛି। ଦୀର୍ଘ ୧୧ ଦିନ ଧରି ଚାଲିବାକୁ ଥିବା ଏହି ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀକୃଷ୍ଣଙ୍କ ଲୀଳାର ବିଭିନ୍ନ ▶ପୃଷ୍ଠା-୧୦

## ନୂଆ ବର୍ଷରେ ପ୍ରଶାସନର ନୂଆ ମୁଖିଆ

# ଅନୁ ଗର୍ଗ ହେବେ ମୁଖ୍ୟ ସଚିବ



**ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ସଚିବ**

**ଜାନୁଆରୀ ପହିଲାରେ ନେବେ ଦାୟିତ୍ୱ**

■ ଭୁବନେଶ୍ୱର, ୨୪।୧୨ (ସମିସ): ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ତଥା ରାଜ୍ୟ ଉନ୍ନୟନ କମିସନର ଅନୁ ଗର୍ଗ ହେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ। ଆସନ୍ତା ଜାନୁଆରୀ ପହିଲାରେ ଶ୍ରୀମତୀ ଗର୍ଗ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୩୧ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବ ଓ ଏହାପରେ ଶ୍ରୀମତୀ ଗର୍ଗ ରାଜ୍ୟର ମୁଖ୍ୟ ସଚିବ ଭାବରେ ଆନୁଷ୍ଠାନିକ ଦାୟିତ୍ୱ ଗ୍ରହଣ କରିବେ। ୧୯୬୯ ମାର୍ଚ୍ଚ ୧ରେ ଜନ୍ମିତ ଅନୁ ଗର୍ଗ ମାତ୍ର ୨୨ବର୍ଷ ବୟସରେ ଆଇଏଏସ୍ ପାଇଥିଲେ। ଓଡ଼ିଶା କ୍ୟାଡ଼ର ଅଧିକାରୀ ଭାବରେ ସେ ▶ପୃଷ୍ଠା-୧୦

## ଆଣ୍ଠେଇଲା ବାଂଲାଦେଶ ଭାରତକୁ ମାଗିଲା ଚାଉଳ

■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ପରାଜୟ ଆଶଙ୍କାରେ ସାଧାରଣ ନିର୍ବାଚନ ଘୁଞ୍ଚାଇବା ପାଇଁ ବାଂଲାଦେଶରେ ଜାଣିଶୁଣି ହିଂସା କରାଉଛନ୍ତି ୟୁନୁସ୍ ସରକାର। ଛାତ୍ର ନେତା ଉସ୍‌ମାନ ହାଦିଙ୍କୁ ହତ୍ୟା କରି ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ଭାରତ ଉପରେ ଏହାର ଦୋଷ ଲଗାଉଛି। ଅପପ୍ରଚାର କରାଯାଇ ବାଂଲାଦେଶରେ ଭାରତ ବିରୋଧୀ ଆନ୍ଦୋଳନକୁ ଉସୁକାଯାଉଛି। ଏହାପଛରେ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ହାତ ରହିଛି। ପାକିସ୍ତାନ ଏବଂ ଆମେରିକା କଥାରେ ପଡ଼ି ସେ ଭାରତ ବିରୋଧରେ ବିଷ ଉଗାରୁଛନ୍ତି। ମାତ୍ର ଏପରି ସମୟରେ ବାଂଲାଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ଦେଖାଦେଇଛି। ଏହାକୁ ନେଇ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଥିବା ୟୁନୁସ ସରକାର ଏବେ ଚାଉଳ ପାଇଁ ଭାରତକୁ ହାତ ପତେଇଛନ୍ତି। ଦେଶରେ ବହୁତ କମ ଚାଉଳ ଥିବାରୁ ଭାରତକୁ ୫୫ ହଜାର ଟନ୍ ଚାଉଳ ଦେବା ପାଇଁ ଅନୁରୋଧ କରିଛନ୍ତି। ଏପରି ସ୍ଥିତିରେ ବାଂଲାଦେଶକୁ ▶ପୃଷ୍ଠା-୧୦



**୫୫ ହଜାର ଟନ୍ ଶସ୍ତା ଚାଉଳ ପଠାଇବାକୁ ଅନୁରୋଧ**

## ଆଜିଠୁ ବଢ଼ିବ ଶୀତ

**ଦୁଇରୁ ତିନି ଡିଗ୍ରୀ ଖସିବ ପାରଦ**

■ ଭୁବନେଶ୍ୱର, ୨୪।୧୨ (ସମିସ): ଆସନ୍ତାକାଲିଠାରୁ ରାଜ୍ୟରେ ପୁଣି ବଢ଼ିବ ଶୀତ। ଗୁରୁବାରଠାରୁ ରାଜ୍ୟକୁ କ୍ରମାଗତ ଭାବେ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହ ବଢ଼ିବ। ଏହାଦ୍ୱାରା ତାପମାତ୍ରାରେ ଆହୁରି ହ୍ରାସ ଘଟିବ। ଥଣ୍ଡା ବାୟୁର ପ୍ରବାହ ହେତୁ ବିଭିନ୍ନ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଏହ ଧାରାରେ ଆଗକୁ ମଧ୍ୟ ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ବଡ଼ଦିନଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ପୁଣି ଥରେ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ତାପମାତ୍ରା ୬.୧, ସେମିଳିଗୁଡ଼ିରେ ୬.୬, ଝାରସୁଗୁଡ଼ାରେ ୬.୮, ଦାରିଙ୍ଗବାଡ଼ି ୭.୫, ଜି ▶ପୃଷ୍ଠା-୧୦





**ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/13/1295/2526

DADLS-72





**ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା






# ପରକୀୟା ସନ୍ଦେହରେ ବ୍ୟାଙ୍କ ମ୍ୟାନେଜର ପତ୍ନୀଙ୍କୁ ହତ୍ୟା କଲେ ଇଞ୍ଜିନିୟର ପତି



ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ବେଙ୍ଗାଲୁରୁରେ ଜଣେ ସଫ୍ଟୱେୟାର ଇଞ୍ଜିନିୟର ମଙ୍ଗଳବାର ସନ୍ଧ୍ୟାରେ ସଡ଼କ ଉପରେ ହିଁ ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହାପରେ ସେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ପତ୍ନୀ ପରକୀୟା ପ୍ରୀତିରେ ଥିବା ପତି ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବହୁ ଦିନ ହେବ ବିବାଦ ଜାରି ରହିଥିଲା। ମୃତ ମହିଳା ହେଉଛନ୍ତି ୩୯ ବର୍ଷୀୟ ଭୁବନେଶ୍ୱରୀ। ସେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବସବେଶ୍ୱରନଗର ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଥିଲେ। ସେହିପରି ଅଭିଯୁକ୍ତ ସ୍ୱାମୀ ବାଲାମୁରୁଗାନ ଏକ ଘରୋଇ ଆଇଟି ଫାର୍ମରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଦୁଇଜଣ ତାମିଲନାଡୁର ସଲେମ ଜିଲ୍ଲାର ବାସିନ୍ଦା। ୧୮ ମାସ ହେବ ଦୁହେଁ ଅଲଗା ରହୁଥିଲେ। ଏହା ମଧ୍ୟରେ ସ୍ୱାମୀ ଚାକିରି ଛାଡ଼ି ସ୍ତ୍ରୀଙ୍କ ଉପରେ ନଜର ରଖୁଥିଲେ। ଏହି ମାମଲାରେ ପୁଲିସ ଏକ ମାମଲା ଦାଏର କରିଛି। ପୁଲିସ କହିବା ଅନୁସାରେ ରାଜାଜୀନଗର ଇଣ୍ଡଷ୍ଟ୍ରିଆଲ ଏରିଆର ମେନ୍ ରୋଡ଼ ଉପରେ ମଙ୍ଗଳବାର ପାଖାପାଖି ସନ୍ଧ୍ୟା ୬.୩୦ରେ ବାଲାମୁରୁଗାନ ଅତିନିକଟରୁ ଭୁବନେଶ୍ୱରୀଙ୍କ ଉପରେ ୪ଟି ଗୁଳି ଚଳାଇଥିଲେ। ଦୁଇଟି ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଆଉ ଦୁଇଟି ଗୁଳି ତାଙ୍କ ବାମହାତରେ ଲାଗିଥିଲା। ଆହତ ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ୨୦୧୧ରେ ଦୁହେଁ ବିବାହ କରିଥିଲେ ଓ ସବୁକିଛି ଠିକ୍‌ଠାକ ଥିଲା। କିନ୍ତୁ ଗତ ଦେଢ଼ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ବିବାଦ ଓ ଝଗଡ଼ା ହୋଇଥିଲା। ଭୁବନେଶ୍ୱରୀଙ୍କଠାରୁ ଛାଡ଼ପତ୍ର ନୋଟିସ ମିଳିବା ପରେ ମାମଲ ଆଗକୁ ବଢ଼ିଯାଇଥିଲା ଓ ବାଲାମୁରୁଗାନଙ୍କ ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ଦୁହିଁଙ୍କ ଗୋଟିଏ ପିଲା ମଧ୍ୟ ରହିଛି ବୋଲି ପୁଲିସ କହିଛି।


## ବିମାନ ଦୁର୍ଘଟଣାରେ ଲିବ୍ୟା ସେନା ମୁଖ୍ୟଙ୍କ ମୃତ୍ୟୁ

ତ୍ରିପୋଲି, ୨୪।୧୨(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଲିବିଆ ସେନାବାହିନୀର ମୁଖ୍ୟ ଲେଫ୍‌ନାଣ୍ଟ ଜେନେରାଲ ମହମ୍ମଦ ଅଲ- ହଦ୍ଦାକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ରାତିରେ ତୁର୍କୀରେ ଏହି ବିମାନ ଦୁର୍ଘଟଣା ଘଟିଥିଲା। ଏହି ବିମାନରେ ୮ଜଣ ଲୋକ ଯାତ୍ରା କରୁଥିଲେ। ସେନା ମୁଖ୍ୟଙ୍କ ସମେତ ମୋଟ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ତୁର୍କୀ ଗୃହମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ, ଫାଲକନ- ବିମାନର ଭଗ୍ନାବଶେଷ ତୁର୍କୀ ରାଜଧାନ ଆଙ୍କାର ନିକଟସ୍ଥ ମେମାନା ଅଞ୍ଚଳରେ ଠାବ କରାଯାଇଥିଲା। ଉଡାଣ ଭରିବାର ୩୦ ମିନିଟ୍ ପରେ ବିମାନଟି ଏକ ଯାନ୍ତ୍ରୀକ ତ୍ରୁଟିର ସମ୍ମୁଖୀନ ହୋଇ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗର ଉନ୍ନତି ପାଇଁ ଲିବିଆର ଏକ ସାମରିକ ପ୍ରତିନିଧି ଦଳ ତୁର୍କୀ ସହିତ ଆଲୋଚନା ପାଇଁ ଆଙ୍କାରାରେ ଥିଲେ। ବୈଠକ ସାରି ଏମାନେ ଲିବିଆ ଫେରୁଥିଲେ। ଏହା ଦେଶ ପାଇଁ ଏକ ବଡ଼ କ୍ଷତି ବୋଲି ଲିବିଆ ପ୍ରଧାନମନ୍ତ୍ରୀ ଅବଦୁଲ-ହମିଦ ଦବେବା କହିଛନ୍ତି। ବିମାନ ସ୍ଥାନୀୟ ସମୟ ରାତି ୮ଟାରେ ଆଙ୍କାରାର ଏସନବୋଗା ବିମାନ ବନ୍ଦରରୁ ଉଡାଣ ଭରିଥିଲା ଓ ଏହାର କିଛି ସମୟ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା ତୁର୍କୀର ଗୃହମନ୍ତ୍ରୀ କହିଛନ୍ତି। ଅବତରଣ କରିବାକୁ ବିମାନର ପାଇଲଟ ସଂକେତ ପଠାଇଥିଲେ। ତେବେ ବିମାନ ସହ ସମ୍ପର୍କ ଛିର୍ଣ୍ଣ ହୋଇଥିଲା ବୋଲି ସେ କହିଛନ୍ତି। ଏହି ବିସ୍ଫୋରଣ ପରେ ଆଙ୍କାର ବିମାନ ବନ୍ଦରଙ୍କୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥିଲା।

## ତାଇୱାନରେ ଭୂକମ୍ପ
### ଚୀନ୍, ଫିଲିପାଇନ୍ସ, ଜାପାନରେ ଝଟ୍‌କା

ତାଇପେ, ୨୪।୧୨(ଏଜେନ୍ସି): ତାଇୱାନର ଦକ୍ଷିଣପୂର୍ବ ଅଞ୍ଚଳରେ ବୁଧବାର ସନ୍ଧ୍ୟା ୫.୪୭ ମିନିଟ୍‌ରେ ୬.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ଭୂକମ୍ପର ଝଟ୍‌କା ଚୀନ୍, ଫିଲିପାଇନ୍ସ ଓ ଜାପାନରେ ମଧ୍ୟ ଅନୁଭୂତ ହୋଇଥିଲା। ସେଣ୍ଟ୍ରାଲ ୱେଦର ଆଡମିନିଷ୍ଟ୍ରେସନ (ସିଡବ୍ଲ୍ୟୁଏ) ଅନୁସାରେ, ଭୂକମ୍ପର କେନ୍ଦ୍ର ତାଇତୁଙ୍ଗ କାଉଣ୍ଟି ହଲରୁ ୧୦.୧ କିମି ଦୂରରେ ଥିଲା ଓ ଏହାର ଗଭୀରତା ୧୧.୯ କିମି ଥିଲା। ଗୋଟିଏ ବର୍ଷ ପୂର୍ବରୁ ତାୱାନର ହୁଲିଏନ କ୍ଷେତ୍ରରେ ୨୦୨୪ ଏପ୍ରିଲ ୩ରେ ୭.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଗତ ୨୫ ମଧ୍ୟରେ ଏହାଥିବା ଏହି ଅଞ୍ଚଳର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ। ଏଥିରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବହୁ କୋଠା ଧ୍ୱଂସସ୍ତୂପରେ ପରିଣତ ହେବା ସହ ପାହାଡରୁ ଭୂସ୍ଖଳନ ମଧ୍ୟ ହୋଇଥିଲା। ଦୁଇଟି ଟେକ୍ଟୋନିକ ପ୍ଲେଟ ଉପରେ ତାଇୱାନ ସୃଷ୍ଟି ହୋଇଛି।

## କାନାଡ଼ାରେ ଭାରତୀୟ ମହିଳାଙ୍କୁ ହତ୍ୟା



ଟରଣ୍ଟୋ, ୨୪।୧୨(ଏଜେନ୍ସି): କାନାଡ଼ାର ଟରଣ୍ଟୋ ସହରରେ ଜଣେ ୩୦ ବର୍ଷୀୟା ଭାରତୀୟ ବଂଶୋଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଛି। ଏହି ମାମଲାରେ ସଂଦୀଗ୍ଧ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରାଯାଇଛି। ପୁଲିସ ସୂଚନା ମୁତାବିକ, ଡିସେମ୍ବର ୧୯ରେ ଷ୍ଟ୍ରଚାନ ଆଭେନ୍ୟୁ ଓ ୱେଲିଂଟନ ଷ୍ଟ୍ରିଟ୍ ଅଞ୍ଚଳରୁ ଜଣେ ମହିଳ ନିଖୋଜ ହୋଇଥିବାର ରିପୋର୍ଟ କରାଯାଇଥିଲା। ପରଦିନ ସକାଳେ ୨୦ ତାରିଖରେ ପୁଲିସ ଏକ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାକୁ ଏକ ହତ୍ୟାକାଣ୍ଡ ଭାବେ ବିଚାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକ ମହିଳାଙ୍କ ଟରଣ୍ଟୋ ନିବାସୀ ହିମାଂଶୀ ଖୁରାନା ବୋଲି ପୁଲିସ କହିଛି। ଏହି ଘଟଣା ସଂଦୀଗ୍ଧ ବ୍ୟକ୍ତି ଅବଦୁଲ ଗଫୁର (୩୨) ପୀଡିତାଙ୍କୁ ଜାଣିଛନ୍ତି ଓ ସେ ମଧ୍ୟ ଟରଣ୍ଟୋରେ ରହୁଥିଲେ। ତା ବିରୋଧରେ ହତ୍ୟା ଅଭିଯୋଗ କରାଯାଇଛି। ଟରଣ୍ଟୋରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛି। ଦୂତାବାସ ହିମାଂଶୀଙ୍କ ପରିବାରଙ୍କୁ ସମବେଦନା ଜଣାଇଛି ଓ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଜନସାଧରଣଙ୍କୁ ନିବେଦନ କରିଛି।

# ଜଳୁଛି ଆସାମ: ପୁଲିସ ଗୁଳିରେ ୨ ମୃତ
## କାର୍ବି ଆଙ୍ଗଲଙ୍ଗରେ ସେନା ମୁତୟନ


ଗୌହାଟୀ, ୨୪।୧୨(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର ପଶ୍ଚିମ କର୍ବି ଆଙ୍ଗଲଙ୍ଗରେ ଦେଖାଦେଇଥିବା ହିଂସା ନେଇ ଏବେ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ହିଂସା କାରଣରୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହାପରେ ରାଜ୍ୟ ସରକାର ସୁରକ୍ଷା ନେଇ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଓ ଉଚ୍ଚସ୍ତରୀୟ ମନିଟରିଂ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଜନଜୀବନର କ୍ଷତି ନେଇ ଦୁଃଖ ପ୍ରକାଶ କରିଛନ୍ତି। ମଙ୍ଗଳବାର ଖେରୋନୀରେ ହୋଇଥିବା ପୋଡ଼ାଜଳା ଘଟଣା ପରେ ସ୍ଥିତି ଉତ୍ତେଜନାମୂଳକ ରହିଛି। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପ୍ରୟସା କରାଯାଉଛି। ଏଥିପାଇଁ ସେନାକୁ ମୁତୟନ କରାଯାଇଛି ଓ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ପୁଲିସ ମହାନିର୍ଦ୍ଦେଶକ ହରମିତ ସିଂ ବୁଧବାର କହିଛନ୍ତି। ଗତ ଦୁଇଦିନ ଧରି ହିଂସା କିଭଳି ସୃଷ୍ଟି ହେଲା ଓ କିପରି ଉଗ୍ରରୂପ ଧାରଣ କଲା ସେ ନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି।

ବାଂଲାଦେଶରେ ପ୍ରାକ ନିର୍ବାଚନୀ ହିଂସା ଚାଲିଥିବା ବେଳେ ଏବେ ଆସାମରେ ମଧ୍ୟ ଅଶାନ୍ତି ସୃଷ୍ଟି ହୋଇଛି। କର୍ବି ଆଙ୍ଗଲଙ୍ଗରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ୨ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ଜଣ ପୁଲିସ କର୍ମଚାରୀଙ୍କ ସମେତ ୪୫ ଜଣ ଲୋକ ଆହତ ହୋଇଛନ୍ତି। ଆନ୍ଦୋଳନକାରୀ ମାନେ ସ୍ଥାନେ ସ୍ଥାନେ ପୋଡ଼ାଜଳା କରିବା ସହ ହିଂସା ସୃଷ୍ଟି କରିଥିଲେ। ଫଳରେ ପୁଲିସକୁ ଲାଠି ଚାର୍ଜ କରିବା ସହ ଲୁହବୁହା ଗ୍ୟାସ୍ ଛାଡିବାକୁ ପଡ଼ିଥିଲା।



ମଙ୍ଗଳବାର ଜବରଦଖଲ ହଟାଇବା ଦାବିରେ ଆନ୍ଦୋଳନ ହିଂସାର ରୂପ ନେବା ପରେ ହିଁ ଏହି ସ୍ଥିତି ଉପୁଜିଥିଲା। କର୍ବି ସମ୍ପ୍ରଦାୟର ଲୋକ ଗତ ୧୫ ଦିନ ହେବ ଅନଶନରେ ବସିଥିଲେ। ଆନ୍ଦୋଳନ ତଥା ପ୍ରତିବାଦ ଆଳରେ ଦୁର୍ବୃତ୍ତମାନେ ଦୋକାନରୁ ଜିନିଷ ପତ୍ର ଲୁଟି ନେଇଥିଲେ, ଯାନବାହନ ଜାଳି ଦେଇଥିଲେ ଓ ଜିଲ୍ଲାର ସ୍ୱୟଂଶାସିତ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ଘରକୁ ପୋଡି ଦେଇଥିଲେ। ଆନ୍ଦୋଳନକାରୀଙ୍କ ଦୁଇ ଗୋଷ୍ଠୀ ସାମ୍ନାସାମ୍ନି ହୋଇଥିଲେ। ଏହାପରେ ପରସ୍ପରକୁ ଟେକା ପଥର ଫିଙ୍ଗିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରଶାସନ ଇଣ୍ଟରନେଟ ସେବାକୁ ବନ୍ଦ କରିବା ସହ କର୍ଫ୍ୟୁ ଜାରି କରିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ସହିତ ଜଡିତ ଆନ୍ଦୋଳନକରୀମାନେ କର୍ବି ଆଙ୍ଗଲଙ୍ଗ ଓ ପଶ୍ଚିମ କର୍ବି ଆଙ୍ଗଲଙ୍ଗ ପ୍ରଫେସନାଲ ଗ୍ରେଜିଂ ରିଜର୍ଭ (ପିଜିଆର) ଓ ଭିଲେଜ ଗ୍ରେଜିଂ ରିଜର୍ଭ (ଭିଜିଆର)ରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ହଟାଇବା ନେଇ ଦାବି ହେବା ପରେ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଖେରୋନୀ ଅଞ୍ଚଳରେ ସବୁଠାର ଅଧିକ ପ୍ରଭାବିତ ହୋଇଛି।

## ହିନ୍ଦୁ-ମୁସଲମାନ ସମସ୍ୟା ପାଇଁ କଂଗ୍ରେସ ଦାୟୀ: ଗଡ଼କରୀ



ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଦେଶରେ ସୃଷ୍ଟି ହେଉଥିବା ହିନ୍ଦୁ- ମୁସଲମାନ ସମସ୍ୟା ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି। କଂଗ୍ରେସର ତଥାକଥିତ ଧର୍ମନିରପେକ୍ଷତାର ଭୁଲ ଚିନ୍ତାଧାରା ଓ ଭୋଟ ବ୍ୟାଙ୍କର ରାଜନୀତି କାରଣରୁ ଏହି ସାମ୍ପ୍ରଦାୟିକ ସମସ୍ୟା ଚାଲିଆସୁଛି। ପ୍ରକୃତପକ୍ଷେ କଂଗ୍ରେସ ଧର୍ମନିରପେକ୍ଷତାର ଭୁଲ ବ୍ୟାଖ୍ୟା କରିଥିଲା। ଧର୍ମ ନିରପେକ୍ଷତାର ଅର୍ଥ ହେଉଛି ସର୍ବ ଧର୍ମ ସମଭାବ। କିନ୍ତୁ ଏହାର ଅର୍ଥ ତୁଷ୍ଟିକରଣ ଆଦୌ ନୁହେଁ। ଅର୍ଥାତ୍ ସବୁଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଭାବେ ସମ୍ମାନ କରିବା, ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଏବଂ ସମାନ ଭାବେ ବ୍ୟବହାର କରିବା ବୋଲି ସେ କହିଛନ୍ତି। ଗଡ଼କାରୀ ରାଜସ୍ଥାନ ବିଧାନସଭାର ବାଚସ୍ପତି ବାସୁଦେବ ଦେବନାନୀଙ୍କ ପୁସ୍ତକ 'ସନାତନ ସଂସ୍କୃତି କି ଅଟଳ ଦୃଷ୍ଟି'ର ଲୋକାର୍ପଣ ସମାରୋହରେ ଯୋଗ ଦେଇ ଏହି କଥା କହିଛନ୍ତି। ଏହି ଅବସରରେ ଉପ-ରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ମଧ୍ୟ ଉପସ୍ଥିତ ଥିଲେ। ଭାରତ ପୂର୍ବରୁ, ବର୍ତ୍ତମାନ ଓ ଭବିଷ୍ୟତରେ ଧର୍ମ ନିରପେକ୍ଷ ରହିବ। ତେବେ ଏହା କେବଳ ହିନ୍ଦୁ ସଂସ୍କୃତି କାରଣରୁ ସମ୍ଭବ ବୋଲି ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ମନ୍ତବ୍ୟକୁ ଦୋହରାଇ କହିଥିଲେ। ଭାରତୀୟ ସଂସ୍କୃତି ସହିଷ୍ଣୁ, କରୁଣାମୟ ଓ ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ପ୍ରୟାସ କରିଥାଏ। କେବେ କୌଣସି ହିନ୍ଦୁ ରାଜା କୌଣସି ଧାର୍ମିକ ସ୍ଥଳ ନଷ୍ଟ କରିଥିବାର ଉଦାହଣ ଇତିହାସରେ ମିଳେନାହିଁ ବୋଲି ସେ କହିଛନ୍ତି।

# ୨୦ ବର୍ଷ ପରେ ଏକାଠି ହେଲେ ଉଦ୍ଧବ ଓ ରାଜ ଠାକରେ

ମୁମ୍ବଇ, ୨୪।୧୨(ଏଜେନ୍ସି): ଠାକରେ ପରିବାରର ଦୁଇ ଭାଇ ଉଦ୍ଧବ ଓ ରାଜ ଠାକ୍‌ରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଛନ୍ତି। ବୃହନମୁମ୍ବଇ ନଗର ନିଗମ (ବିଏମ୍‌ସି) ନିର୍ବାଚନ ଦୁହେଁ ସାଥି ହୋଇ ଲଢ଼ିବେ ବୋଲି ବୁଧବାର ଘୋଷଣା କରିଛନ୍ତି। ୨୦ ବର୍ଷ ପରେ ଶିବସେନା (ୟୁଟିବି) ଓ ରାଜଙ୍କ ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମଧ୍ୟରେ ମେଣ୍ଟ ହୋଇଛି। ପୂର୍ବରୁ ୨୦୦୫ରେ ରାଜ୍ ଶିବସେନାଠାରୁ ଅଲଗା ହୋଇ ଏମ୍‌ଏନ୍‌ଏସ୍ ପାର୍ଟି ଗଠନ କରିଥିଲେ। କିନ୍ତୁ ଏବେ ସାଥିରେ ହୋଇ ନିର୍ବାଚନ ଲଢ଼ିବେ ବୋଲି ଯୁଗ୍ମ ସମ୍ବାଦିକ ସମ୍ମିଳନୀରେ ଦୁହେଁ ଘୋଷଣା କରିଛନ୍ତି। ଆମର ଚିନ୍ତାଧାର ଗୋଟିଏ। ତେଣୁ ଆମେ ଅଲଗା ହେବୁ ତାହାଲେ ଭାଙ୍ଗିଯିବୁ। ମହାରାଷ୍ଟ୍ର ପାଇଁ ଆମେ ସମସ୍ତେ ଏକଜୁଟି ହୋଇଛୁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଉଭୟ ନେତା ଶିବାଜୀ ପାର୍କରେ ବାଲାସାହେବ ଠାକରେଙ୍କ ସ୍ମାରକୀ ପରିଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆସନ୍ତବର୍ଷ ଜାନୁଆରୀ ୧୫ରେ ମହାରାଷ୍ଟ୍ରର ୨୯ଟି ନଗର ନିଗମ ପାଇଁ ନିର୍ବାଚନ ହେବ। ୧୭ ତାରିକରେ ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ମୁମ୍ବାଇର ମେୟର ଜଣେ ମରାଠି ହେବେ ଓ ସେ ଆମରି ଦଳର ସଦସ୍ୟ ହେବେ ବୋଲି ରାଜ କହିଛନ୍ତି। ୨୦୨୫ ଜୁଲାଇ ୫ରେ ଦୁହେଁ ହିନ୍ଦୀ ଭାଷାକୁ ନେଇ ଚାଲିଥିବା ବିବାଦରେ ଦୁଇ ନେତା 'ମରାଠୀ ଏକତା' ପାଇଁ ବର୍ଲି ଡୋମ୍‌ରେ ଏକାଠି ହୋଇଥିଲେ। ଦୁଇ ଦଳ ଓ ନେତାଙ୍କ ମଧ୍ୟରେ ଆସନ ବୁଝାମଣା ହୋଇଛି। ଉଦ୍ଧବଙ୍କ ଦଳକୁ ୧୪୫ରୁ ୧୫୦ ଓ ରାଜଙ୍କୁ ୬୫ରୁ ୭୦ଟି ଆସନରେ ନିର୍ବାଚନରେ ଅବତୀର୍ଣ୍ଣ ହେବେ। ସେହିପରି ଶରତ ପାୱାରଙ୍କ ଏନ୍‌ସିପି ଦଳ ଏହି ମେଣ୍ଟର ଅଂଶୀଦାର ହେବେ ଓ ତାଙ୍କୁ ୧୦ରୁ ୧୨ଟି ଆସନ ମିଳିପାରେ ବୋଲି ଆଶା କରାଯାଉଛି। ଦୁହେଁ ଏକାଠି ହେବା ଦ୍ୱାର ବିଜେପି ଉପରେ ଚାପ ବୃଦ୍ଧି ପାଇବ। ମରାଠୀ ଭୋଟର ଏକାଠି ହେବେ ଓ ଶିନ୍ଦେ ଗୋଷ୍ଠୀର ଶିବସେନା ଉପରେ ମଧ୍ୟ ଚାପ ବୃଦ୍ଧି ପାଇବ। ବିଏମ୍‌ସି ଦେଶରୁ ସବୁଠାର ଧନୀ ନଗର ନିଗମ ମଧ୍ୟରୁ ଅନ୍ୟତମ। ଏଠାରେ ଦୀର୍ଘବର୍ଷ ଧରି ଶିବସେନାର ପତିଆର ରହିଆସିଥିଲା। ତେଣୁ ରାଜ ଓ ଉଦ୍ଧବ ଏକାଠି ହେବା ଦ୍ୱାରା ମୁମ୍ବଇରେ ହରାଇ ଥିବା ଗୌରବକୁ ଫେରିବେ ବୋଲି ଆଶା ରଖିଛନ୍ତି।

**ଏକାଠି ଲଢ଼ିବେ ମୁମ୍ବଇ ନଗର ନିଗମ ନିର୍ବାଚନ**

**ଅଜିତ ପାୱାରଙ୍କ ଉପରେ ନଜର**

# ଭାରତକୁ ସତର୍କ କରାଇଲା ଆମେରିକା
## ଚୀନ୍ ଚଳାଉଛି ଦ୍ୱୈତ ଚାଲ୍

ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ଚୀନ୍‌ର ଦ୍ୱୈତ ରଣନୀତି ତଥା ଚାଲ ନେଇ ଆମେରିକା ପୁଣିଥରେ ଭାରତକୁ ସତର୍କ କରାଇଦେଇଛି। ପେଣ୍ଟାଗନର ୨୦୨୫ ରିପୋର୍ଟ ମୁତାବକ ଚୀନ ଗୋଟିଏ ପଟେ ଭାରତ ସହ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ରେ ତିକ୍ତତା କମ୍ କରିବାକୁ ଚାହୁଁଛି। କିନ୍ତୁ ଅନ୍ୟପଟେ ପାକିସ୍ତାନ ସହ ସୈନ୍ୟ ସହଯୋଗ ବୃଦ୍ଧି କରୁଛି। ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୪ ଅକ୍ଟୋବରରେ ଭାରତ ଓ ଚୀନ୍ ଏଲ୍‌ଏସିରେ ସଂଘର୍ଷ ହୋଇଥିବା କ୍ଷେତ୍ରରୁ ପଛକୁ ହଟିବାକୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ଚୀନ୍‌ର କିଛି ଅଲଗା ଲକ୍ଷ୍ୟ ରହିଛି। ପେଣ୍ଟାଗନ୍‌ର ଆକଳନ ଅନୁସାରେ ଚୀନ୍ ଭାରତ ସହିତ ସମ୍ପର୍କ ସାମାନ୍ୟ କରି ଆମେରିକାର ଆହୁରି ନିକଟକୁ ଯିବାକୁ ନ ଦେବା। ଭାରତ ଓ ଚୀନ୍ ମଧ୍ୟରେ ବିଶ୍ୱାସ ଓ ଭରସା ଏବେ ମଧ କମ୍ ରହିଛି ଓ ଅବିଶ୍ୱାସର ବାତାବରଣ ଜାରି ରହିଛି। ଦୁଇ ଦେଶ ମଧ୍ୟରେ ଅରୁଣାଚଳ ପ୍ରଦେଶକୁ ନେଇ ଏବେ ମଧ୍ୟ ବଡ଼ ବିବାଦ ରହିଛି। ଅରୁଣାଚଳକୁ ଚୀନ୍ ନିଜର ବୋଲି ଦାବି କରୁଛି। ଏହାଦ୍ୱାରା ଭାରତର ସାର୍ବଭୌମତ୍ୟ ଉପରେ ପ୍ରଶ୍ନ ଉତ୍ଥାପିତ ହେଉଛି। ଚୀନ୍ ତାଇୱାନ ଓ ଦକ୍ଷିଣ ଚୀନ୍ ସାଗର ଭଳି ଅରୁଣାଚଳକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେଉଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେପଟେ ଚୀନ୍ ପାକିସ୍ତାନକୁ କ୍ରମାଗତ ଭାବେ ଅସ୍ତ୍ରଶସ୍ତ୍ର, ଡ୍ରୋନ୍ ଓ ଅନ୍ୟ ସାମରିକ ଉପକରଣ ପ୍ରଦାନ କରୁଛି। ପାକିସ୍ତାନ ଓ ଚୀନ୍ ମଧ୍ୟରେ ବୃଦ୍ଧି ପାଉଥିବା ସାମରିକ ସହଯୋଗ ନେଇ ପେଣ୍ଟାଗନ ଚିନ୍ତା ପ୍ରକଟ କରିଛି। ରିପୋର୍ଟ ଅନୁସାରେ ଚୀନ୍ ପାକିସ୍ତାନକୁ ୨୦୨୦ରୁ ଏପର୍ଯ୍ୟନ୍ତ ୩୬ଟି ଜେ-୧୦ସି ଲଢୁଆ ବିମାନ ପ୍ରଦାନ କରିଛି। ଏହାକୁ ବାଦ୍ ଦେଲେ ଦୁଇ ଦେଶ ସାଥି ହୋଇ ଜେଏଫ୍-୧୭ ଜେଟ୍ ତିଆରି କରୁଛନ୍ତି। ପାକିସ୍ତାନକୁ ଚୀନ୍ ନୌସେନା ଉପକରଣ ମଧ୍ୟ ପ୍ରଦାନ କରୁଛି। ପୁଣି ଭବିଷ୍ୟତରେ ଚୀନ୍ ପାକିସ୍ତାନରେ ସାମରିକ ଘାଟି ପ୍ରତିଷ୍ଠା କରିପାରେ। ତେଣୁ ଏ ସଂକ୍ରାନ୍ତରେ ଭାରତ ସତର୍କ ରହିବା ଉଚିତ ବୋଲି ପେଣ୍ଟାଗନ ପରାମର୍ଶ ଦେଇଛି।

# ରାଜସ୍ଥାନ ସୀମା ନିକଟରେ ନୂଆ ଏୟାରବେସ୍

ଯୋଧପୁର, ୨୪।୧୨(ଏଜେନ୍ସି): ରାଜସ୍ଥାନରେ ଥିବା ଭାରତ- ପାକିସ୍ତାନ ସୀମାରେ ଏବେ ନୂଆ ଏୟାରବେସ୍ ନିର୍ମାଣ ନେଇ ବାଟ ଫିଟିଛି ଏହି ଏୟାର ବେଶଠାରୁ ମାତ୍ର କେତେ ସେକେଣ୍ଡ ମଧ୍ୟରେ ଭାରତୀୟ ଲଢୁଆ ବିମାନ ପାକିସ୍ତାନର ୩ଟି ବଡ଼ ସୁରକ୍ଷା ଘାଟିରେ ପହଞ୍ଚି ପାରିବ। ଏହି ନୂଆ ଏୟାରବେସ୍ ନିର୍ମାଣ ପାଇଁ ଶ୍ରୀଗଙ୍ଗାନଗରର ସାଦୁଲଶହରର ତହସିଲ ଚାରିପାଖରେ ଜମି ଅଧିଗ୍ରହଣ ପାଇଁ ପଥ ପରିଷ୍କାର ହୋଇଛି। ଜମି ଅଧିଗ୍ରହଣ ବିରୋଧ କରି ୫୮ ଜଣ ଚାଷୀ ଓ ଜମିମାଲିକ ଆବେଦନ କରିଥିଲେ। ତେବେ ଡିସେମ୍ବର ୧୮ରେ ହୋଇଥିବା ଏକ ଶୁଣାଣିରେ ରାଜସ୍ଥାନ ହାଇକୋର୍ଟ (ଯୋଧପୁର) ସବୁ ଆବେଦନଗୁଡିକୁ ଖାରଜ କରିଥିଲେ। ଜଷ୍ଟିସ ନୁପୁର ଭାଟି କମ୍ପୋଜିଟ୍ ଆଭିଏସନ ବେସ୍ (ଏଫ୍‌ସିଏବି) ପାଇଁ ଜମି ଅଧିଗ୍ରହଣକୁ ସମର୍ଥନ କରିଥିଲେ। ହାଇକୋର୍ଟ କହିଛନ୍ତି ଯେ, ଏହି ଆବେଦନ କେବଳ ବୈଷୟିକ ଆପତ୍ତି ଉପରେ ଆଧାରିତ ଓ ରାଷ୍ଟ୍ରୀୟ ମହତ୍ତ୍ୱର ଏକ ପ୍ରତିରକ୍ଷା ପ୍ରକଳ୍ପକୁ ପଥଚ୍ୟୁତ କରିବା ପାଇଁ ଏକ ପ୍ରୟାସ ମାତ୍ର। ଜାତୀୟ ସୁରକ୍ଷା ସହିତ ଜଡିତ ପ୍ରକଳ୍ପଗୁଡିକରେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଜନହିତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୋର୍ଟ କହିଛନ୍ତି। ସୀମାଠାରୁ ଏହି ଏୟାରବେସ୍ ମାତ୍ର ୪୦ କିମି ଦୂରରେ ଅବସ୍ଥିତ। ସୁରତଗଡ଼ ଏୟାରବେସ ଷ୍ଟେସନ ପରେ ଏହା ଶ୍ରୀଗଙ୍ଗାନଗର ଜିଲ୍ଲାରେ ଏହା ଦ୍ୱିତୀୟ ବାୟୁସେନା ଷ୍ଟେସନ ହେବ। ରାଜସ୍ଥାନର ସୀମାନ୍ତ ଜିଲ୍ଲାଗୁଡିକରେ ପୂର୍ବରୁ ୪ଟି ବାୟୁସେନା ଷ୍ଟେସନ କାର୍ଯ୍ୟକ୍ଷମ। ନିର୍ମାଣ ହେବାକୁ ଥିବା ଏହି ନୂଆ ଏୟାରବେସରୁ ଯୁଦ୍ଧ ବିମାନଗୁଡିକ ପାକିସ୍ତାନର ଜାକୋବାବାଦ୍, ଭୋଲାରି ଓ ରହିମ ୟାର ଖାନ୍ ଏୟାରବେସ୍‌କୁ ଅତିଶୀଘ୍ର ପହଞ୍ଚି ପାରିବ।

**■ ମାତ୍ର କେତେ ସେକେଣ୍ଡରେ ପାକିସ୍ତାନର ୩ ବଡ଼ ପ୍ରତିରକ୍ଷା ଠିକଣାରେ ପହଞ୍ଚିବ ଭାରତୀୟ ଲଢୁଆ ବିମାନ**

# ଉନ୍ନାଓ ଗଣଦୁଷ୍କର୍ମ ମାମଲା; କୁଲଦୀପଙ୍କ ଜାମିନଙ୍କୁ ବିରୋଧ
# ପୀଡ଼ିତା ପରିବାରକୁ ଘୋଷାଡ଼ିଲା ପୁଲିସ; ଗାଡ଼ିରୁ ଫୋପାଡ଼ି ଦେଲା

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଗଣଦୁଷ୍କର୍ମ ମାମଲାର ଦୋଷୀ ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ତାଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶକୁ ମଧ୍ୟ ହଟାଇ ଦେଇଛନ୍ତି। ଏହି ରାୟକୁ ବିରୋଧ କରି ମଙ୍ଗଳବାର ରାତିରେ ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲ ତଥା ସାମାଜିକ କର୍ମୀ ଯୋଗିତା ଭୟାନା ଇଣ୍ଡିଆ ଗେଟ୍ ସାମ୍‌ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାୟ ବଦଳାଇବାକୁ ଦାବି କରିଥିଲେ। ସେମାନେ ଗଣମାଧମରେ ନିଜ ମତ ରଖୁଥିବାବେଳେ ପୁଲିସ ଟିମ୍ ବର୍ବରତାର ସବୁ ସୀମା ଉଲ୍ଲଙ୍ଘନ କରିଦେଇଥିଲା। ଆନ୍ଦୋଳନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ସେ ନ ଶୁଣିବାରୁ ଜୋର ଜବରଦସ୍ତି ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲଙ୍କୁ ପୁଲିସ ଉଠାଇ ନେଇଥିଲା। ପୀଡ଼ିତାଙ୍କ ମାଆଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇ ଭ୍ୟାନରେ ଭର୍ତ୍ତି କରିଥିଲା। ଯୋଗିତା ଏହାର ଭିଡିଓ ଜାରି କରିଛନ୍ତି। ଦୁଷ୍କର୍ମ ପୀଡ଼ିତାଙ୍କ ସହ ପୁଲିସ କିଭଳି ଭାବେ ବ୍ୟବହାର କରୁଛି ତାହା ଦେଖାଯାଉଛି।

ବୁଧବାର ସକାଳେ ପୀଡ଼ିତା ଏବଂ ତାଙ୍କ ମାଆ ମଣ୍ଡି ହାଉସ ନିକଟରେ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। କିନ୍ତୁ ଏସ୍କର୍ଟ ଦେଉଥିବା ସିଆରପିଏଫ ବସ ଏଠାରେ ଅଟକି ନ ଥିଲା। ମଣ୍ଡି ହାଉସ କିମ୍ବା ଇଣ୍ଡିଆ ଗେଟ୍ କୋଉଠି ବି ଅନୁମତି ମିଳି ନାହିଁ ବୋଲି କୁହାଯାଇଥିଲା। ଉଭୟଙ୍କୁ ଜନ୍ତରମନ୍ତର କିମ୍ବା ନିଜ ଘରକୁ ପଠାଇ ଦିଆଯିବ। ଏହାର କିଛି ସମୟରେ ପୀଡ଼ିତାଙ୍କ ମାଆଙ୍କୁ ଏକ ଚଳନ୍ତା ବସ୍‌ର ଫାଟକ ନିକଟରେ ଦେଖିବାକୁ ମିଳିଥିଲା। ସିଆରପିଏଫ ଅଧିକାରୀ ତାଙ୍କୁ ବସ୍‌ରୁ ଡେଇଁବାକୁ ବାଧ କରିଥିଲେ। ତେବେ ଚିନ୍ତାର ବିଷୟ ଏହି କି ଯେ ଉକ୍ତ ବସ୍‌ରେ କୌଣସି ମହିଳା ସୁରକ୍ଷାକର୍ମୀ ନ ଥିଲେ। ସିଆରପିଏଫ ଅଧିକାରୀ ଧକ୍କା ଦେବା ପରେ ମହିଳା ବସ୍ ତଳକୁ ପଡ଼ି ଯାଇଥିଲେ।



ପୀଡ଼ିତା କହିଛନ୍ତି ଯେ ମୋ ମାଆଙ୍କୁ ଗାଡ଼ିରୁ ଫୋପାଡ଼ି ଦିଆଯାଇଥିଲା। ଆମକୁ ବନ୍ଦୀ କରି ରଖାଯାଇଥିଲା। ଓକିଲଙ୍କ ପାଖକୁ ବି ଯିବାକୁ ଦିଆଯାଇ ନ ଥିଲା। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନିର୍ଦ୍ଦେଶରେ ଏପରି କରାଯାଇଥିବା କୁହାଯାଇଥିଲା। ସେହିପରି ପୀଡ଼ିତାଙ୍କ ମାଆ କହିଛନ୍ତି ଯେ ହାଇକୋର୍ଟଙ୍କ ନିଷ୍ପତ୍ତି ଆମ ପାଇଁ କାଳ ସହ ସମାନ। ଆମେ ନ୍ୟାୟ ପାଇ ନାହୁଁ। ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ସେମାନେ ଆମକୁ ମାରିବାକୁ ଚାହୁଁଛନ୍ତି। ସିଆରପିଏଫ ଅଧିକାରୀ ମୋତେ ଗାଡ଼ିରୁ ଫୋପାଡ଼ି ଝିଅକୁ ନେଇ ଚାଲି ଯାଇଛନ୍ତି। ଅନ୍ୟପଟେ ପୀଡ଼ିତା ସନ୍ଧ୍ୟାରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ପୀଡ଼ିତା କହିଛନ୍ତି ଯେ ଦେଶର ପ୍ରଥମ ଦୁଷ୍କର୍ମ ମାମଲାରେ ଭାବେ ଏଥିରେ ଦଣ୍ଡ ଉପରେ କଟକଣା ଲଗାଇ ଜାମିନ ଦିଆଯାଇଛି। ଦେଶର ସବୁ ଝିଅ ଏବେ ଭୟଭୀତ। କାରଣ ଦୁଷ୍କର୍ମର ଶିକାର ହେଲେ ଏଭଳି ଭାବେ ଅପରାଧୀ ବଞ୍ଚିଯିବେ। କୁଲଦୀପଙ୍କୁ ୫ କିମି ଭିତରେ ରହିବାକୁ ଅନୁମତି ଦେଇ ଆମକୁ କୋର୍ଟ ଘରେ କଏଦ କରି ରଖିଛନ୍ତି। ସୁପ୍ରିମକୋର୍ଟରୁ ନ୍ୟାୟ ମିଳିବ ବୋଲି ଆଶା। ଏହି ମାମଲାରେ ପୀଡ଼ିତା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛନ୍ତି। ସେ ନ୍ୟାୟ ମିଳିବ ବୋଲି ସେ ଆଶା କରୁଛନ୍ତି।

ରାହୁଲ ଗାନ୍ଧୀ ଏହାକୁ ନେଇ ପୁଲିସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ପୁଲିସକୁ ପ୍ରଶ୍ନବାଣ ମାରିଛନ୍ତି। ଗଣଦୁଷ୍କର୍ମ ପୀଡ଼ିତାଙ୍କ ସହ ଏଭଳି ବ୍ୟବହାର ଉଚିତ କି? ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବା ତାଙ୍କର ଭୁଲ୍ କି? ପୂର୍ବତନ ବିଜେପି ବିଧାୟକ ସେଙ୍ଗରଙ୍କୁ ଏହି ମାମଲାରେ ଜାମିନ ଦେବା ନୈରାଶ୍ୟଜନକ ଏବଂ ଅତ୍ୟନ୍ତ ଚିନ୍ତାର ବିଷୟ। ଦୁଷ୍କର୍ମୀଙ୍କୁ ଜାମିନ ଏବଂ ପୀଡ଼ିତାଙ୍କୁ ଅପରାଧୀ ଭଳି ବ୍ୟବହାର ଏହା କେମିତିକା ନ୍ୟାୟ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରରେ ଅସହମତିକୁ ନେଇ ସ୍ୱର ଉଠାଇବା ଅଧିକାର ଏବଂ ଏହାକୁ ଦବାଇ ଅପରାଧ ବୋଲି ରାହୁଲ କହିଛନ୍ତି।

## ଚାନ୍ଦବାଲି ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ନାବାଳିକାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ

### ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି, ବାସଭବନ ଘେରଉ କଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ





ଭୁବନେଶ୍ୱର,୨୪।୧୨(ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଗାଁରେ ତୃତୀୟ ଶ୍ରେଣୀରେ ପଢୁଥିବା ୧୦ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ନାବାଳିକା ମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ ଥିବାବେଳେ

- ୧୮ ମାସର ବିଜେପି ଶାସନରେ କ୍ରମାଗତ ଭାବେ ନାବାଳିକା ଦୁଷ୍କର୍ମର ଶିକାର
- ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥାଇ ଯଦି ମୁଖ୍ୟମନ୍ତ୍ରୀ ପାରୁନାହାନ୍ତି ଗାଦି ଛାଡ଼ନ୍ତୁ

ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦଳ ଦାବି କରିଛି। ଯୁବ ଓ ଛାତ୍ର ବିଜେଡିର ବହୁସଂଖ୍ୟକ କର୍ମକର୍ତ୍ତା ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଉଦ୍ୟମ କରିଥିଲେ। ଧଉଳି ଗଣଦୁଷ୍କର୍ମ ଓ ସହୀଦ ନଗର ନାବାଳିକା ଦୁଷ୍କର୍ମ ଘଟଣା ଏଯାବତ୍ ରାଜ୍ୟବାସୀଙ୍କ ମନରୁ ଲିଭିନାହିଁ। ଏପରି ସମୟରେ ଚାନ୍ଦବାଲିର ଲୋମହର୍ଷଣକାରୀ ଘଟଣା ଓଡ଼ିଶାକୁ ସାରା ଦେଶରେ ନିନ୍ଦିତ କରିଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ବିଜେପି ସରକାର ଶାସନକୁ ଆସିବା ପରେ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଗୋପାଳପୁର, ବାଲିହରଚଣ୍ଡୀ, ଧଉଳି, ଶହୀଦ ନଗର, ମାଲକାନଗିରି ଗଣଦୁଷ୍କର୍ମର ଲମ୍ବା ତାଲିକା ଦେଖେଇ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଦଳର ହଜାର ହଜାର ଯୁବ ଓ ଛାତ୍ର ଆଜି ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିଥିଲେ । ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବା ସହିତ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି । ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳା ଓ ନାବାଳିକାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ, ଅପରାଧୀ ମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉ ନାହାନ୍ତି । ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଇଛି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟୁଛି। ଯଦି ରାଜ୍ୟର ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ି ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଧୃତି ମାର୍ଥା, ଜ୍ୟୋସ୍ନାମୟୀ ପରିଡ଼ା, ସୋଫିଆ ଆଲାମ, ତାରିଣୀ ପ୍ରସାଦ ନାୟକ, ଶୁଭ୍ରଜିତ୍ ପାଢ଼ୀ, ନୀଳମାଧବ ମହାନ୍ତି, ସୁଜିତ ପାଲଟାସିଂହ, ଅସ୍ମିତ ଦାସ, ସ୍ନେହାଶିଷ, ତବରେଜ ଖାନ, ଫାତିମା ଖାତୁନ, ଲଗ୍ନାଦୀପ ମିଶ୍ର, ଦୀପକ ଜେନା, ସତ୍ୟଜିତ୍ ପଟ୍ଟନାୟକ, ଦୀପକ ସାହୁ, ସୌମ୍ୟ ରଞ୍ଜନ ତ୍ରିପାଠୀ, ଜଗମୋହନ ବଲିଆରସିଂହ, ସୁଦୀପ୍ତ କୁମାର ସାମଲ, ଶେଖ ଅମୀର ଅହମ୍ମଦ, ସୌମ୍ୟ ଶଙ୍କର ରାୟ, ଦୀପକ ମହାପାତ୍ର, ମନୋଜ ମହାନ୍ତି, ସଙ୍ଗୀତ ମହାନ୍ତି, ମନୋଜ ସେନାପତି, ଅମରଜିତ୍ ସେନାପତି, ଅରୁପ ଶ୍ରୀଚନ୍ଦନ, ପ୍ରଶାନ୍ତ ସ୍ୱାଇଁ, ସ୍ମୃତି ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ନାୟକ, ସ୍ୱାଗତିକା ମହାନ୍ତି, ଦୀପକ ବେହେରା, ଜ୍ୟୋତି ପ୍ରକାଶ ସାମଲ, ମନୋରଞ୍ଜନ ସ୍ୱାଇଁ, ବିକ୍ରମ ପଟ୍ଟନାୟକ, ଇଲା ସାସମଲ, ରାଜେଶ ରୋଶନ, ଶ୍ରୀଚନ୍ଦନ ପାତ୍ର, ମନୋଜ ମାରାଣ୍ଡି, ଦିବ୍ୟସିଂହ ସେଠୀ, ଶେଖ ନିୱାଜ, ସମିମ ଅଖତର, ସାଗର ବଳବନ୍ତରାୟ, ସାଇରାମ ସେଠୀ, ଶୁଭମ ବେହେରା, ଅମିତ କୁମାର ଜେନା, ଅଶୋକ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଚାନ୍ଦବାଲି ଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

# ରାଜ୍ୟବାସୀଙ୍କୁ କି ଆଶ୍ୱାସନା ଦେବେ ମନମୋହନ




ଭୁବନେଶ୍ୱର,୨୪।୧୨(ସମିସ): ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ଦୁଷ୍କର୍ମ ଏବଂ ହତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ତୃତୀୟ ଶ୍ରେଣୀର ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ଅତ୍ୟନ୍ତ ବେଦନାଦାୟକ। ଦୁଷ୍କର୍ମକାରୀ ଝିଅର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛି। ଏହା ଖୋଦ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଘଟିଥିବା ବେଳେ ଦୀର୍ଘ ୧୦ ମାସ ହେଲା ଚାନ୍ଦବାଲିରେ ଏସ୍‌ଡିପିଓ ନାହାନ୍ତି। ସ୍ଥାନୀୟ ଆଇଆଇସି ଚୋରା ମଦର କଣ୍ଟ୍ରୋଲ ରୁମ ଖୋଲିଥିବା ନେଇ କଂଗ୍ରେସ ଅଭିଯୋଗ କରିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଓ ସ୍ଥାନୀୟ ଆଇଆଇସିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

ଦଳ ପକ୍ଷରୁ ପୂର୍ବତନ ସାଂସଦ ଅନନ୍ତ ସେଠୀ ଓ କଂଗ୍ରେସ ନେତା ମନୋଜ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଜେପି ସଭାପତି ପଦରେ ମନମୋହନ ସାମଲ ଅଛନ୍ତି। ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବା ଦୁଷ୍କର୍ମ ଘଟଣାକୁ ନେଇ ରାଜ୍ୟବାସୀଙ୍କୁ ସେ କି ଆଶ୍ୱାସନା ଦେବେ ବୋଲି ପ୍ରଶ୍ନ କରିବା ସହ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱର ନାରୀ ନିର୍ଯ୍ୟାତନାର ହବ ପାଲଟିଛି ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଲେ, ସରକାର ବର୍ତ୍ତମାନ ଜନତାଙ୍କ ପାଇଁ ଧୃତରାଷ୍ଟ୍ର ସାଜିଛି। ଛୋଟ ଝିଅଙ୍କ ପାଇଁ କଂସ ଅତ୍ୟାଚାର କରୁଛି। ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଯଦି ସରକାର ଚେତିଥାନ୍ତେ ତେବେ ସୌମ୍ୟାଶ୍ରୀ ବଲଙ୍ଗା ଏବଂ ବର୍ତ୍ତମାନର ଧଉଳି, ଚାନ୍ଦବାଲି ଘଟଣା ଦେଖିବାକୁ ମିଳି ନଥାନ୍ତା। ଯେହେତୁ ସରକାର ଏବଂ

- ୧୦ ମାସ ହେଲା ଚାନ୍ଦବାଲି ଏସ୍‌ଡିପିଓ ପଦବୀ ଖାଲି ପଡିଛି
- ରାଜ୍ୟରେ ଏକ ନିଲ୍ଲଠା, ଅଲାଜୁକ ସରକାରଙ୍କ ଶାସନ ଚାଲିଛି

ପୁଲିସ ଅପରାଧୀଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ହେଲେ ତେଣୁ ଅପରାଧୀଙ୍କ ମନୋବଳ ବୃଦ୍ଧି ପାଇଲା ବୋଲି ଦଳ କହିଛି। ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଫୁଲମାଳ ଦେଉଥିବା ଦଳଙ୍କଠାରୁ ଆଉ କ'ଣ ଆଶା କରାଯାଇପାରେ ଦଳ କହିଛି। ରାଜ୍ୟରେ ବର୍ତ୍ତମାନ ଅଯୋଗ୍ୟ ଏବଂ ନିକମ୍ମା ମହିଳା କମିଶନ ଅଛନ୍ତି। ତାଙ୍କ ସଦସ୍ୟ ରାତି ୮ ଟାରେ ଘରୁ ଝିଅପିଲା ନ ବାହାରିବା ପାଇଁ ତାଗିଦ କରୁଛନ୍ତି। ପ୍ରକୃତରେ ଆମେ ଏକ ନିଲ୍ଲଠା, ଅଲାଜୁକ ସରକାର ଦ୍ୱାରା ଶାସିତ ହେଉଛୁ ବୋଲି ଡଃ ପଟ୍ଟନାୟକ ପ୍ରକାଶ କରିଛନ୍ତି।

---

■ ପରୀକ୍ଷା ଦେଇ ଫେରିବା ବାଟରେ ଅଘଟଣ

# ଦୁର୍ଘଟଣାରେ ୨ ଛାତ୍ର ମୃତ , ଜଣେ ଗୁରୁତର

ରେଢ଼ାଖୋଲ,୨୪।୧୨(ସମିସ): ସମ୍ବଲପୁର ଜିଲ୍ଲା ଭୀମଭୋଇ ମହାବିଦ୍ୟାଳୟରେ ପରୀକ୍ଷା ଦେଇ ଫେରିବା ବାଟରେ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ରେଢ଼ାଖୋଲ ନାକଟିଦେଉଳ ରାସ୍ତାର ହଳଦୀଘାଟ ବ୍ରିଜ ନିକଟ ବୁଲାଣି ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଭୀମଭୋଇ କଲେଜର ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରମାନେ ଯୁଯୁମୁରା ବ୍ଲକ୍ କୟାକୁଦ ପଞ୍ଚାୟତ ରାମବଡ଼ମାଲଗ୍ରାମର ବାସିନ୍ଦା ବାଦଲ ବିଞ୍ଝାଲ ଓ ଚାରମାଳ ପଞ୍ଚାୟତ ନୂଆପଡାର ଠାକୁର ଦେହୁରୀ। ସୂଚନା ଯୋଗ୍ୟ ଯେ ଭୀମଭୋଇ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ବିଭାଗର ୩ ଜଣ ଛାତ୍ର ନୂଆପଡ଼ା ଗ୍ରାମର ସତ୍ୟବ୍ରତ ଦେହୁରୀ ,ଠାକୁର ଦେହୁରୀ ଓ ରାମ ବଡ଼ମାଳ ଗ୍ରାମର ବାଦଲ ବିଞ୍ଝାଲ ବୁଧବାର କଲେଜରେ ପରୀକ୍ଷା ଦେଇ ସାରି ଏକ ବାଇକ୍‌ରେ ନାକଟିଦେଉଳ ରାସ୍ତାରେ ଯାଉଥିଲେ। ହଳଦୀଘାଟ ବ୍ରିଜ ନିକଟ ବୁଲାଣି ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ କଡ଼ରେ ଥିବା ବାଡାରେ ଧକ୍କା ହୋଇ ଦୁର୍ଘଟଣା ହୋଇଥିଲେ। ଫଳରେ ଉକ୍ତ ଛାତ୍ରମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ବାଦଲ ବିଞ୍ଝାଲକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବୁର୍ଲା ସ୍ଥାନାନ୍ତର ବେଳେ ରାସ୍ତାରେ ଠାକୁର ଦେହୁରୀଙ୍କ ମୃତ୍ୟୁ ହୋଇଥିଲା।ସତ୍ୟବ୍ରତ ଦେହୁରୀ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଆନ୍ଧ୍ରକୁ ରାଜସ୍ୱ ମନ୍ତ୍ରୀଙ୍କ ଚରମବାଣୀ

# କୋଟିଆରେ ପଶିଲେ ବନ୍ଧାହେବେ ଅଧିକାରୀ

ଭୁବନେଶ୍ୱର,୨୪।୧୨(ସମିସ): ଆନ୍ଧ୍ର ଅଧିକାରୀ ମାନେ କୋଟିଆକୁ ପ୍ରବେଶ କଲେ ସେମାନଙ୍କୁ ବନ୍ଧାଯିବ। ଯେଉଁମାନେ କୋଟିଆକୁ ଭ୍ରମ ସୃଷ୍ଟି କରିବାକୁ ଆସୁଛନ୍ତି ଓ ଏହାଦ୍ୱାରା ଉତ୍ତେଜନା ସୃଷ୍ଟି ହେଉଛି, ସେ କ୍ଷେତ୍ରରେ ପୁରୁଣା ସିଆର୍‌ପିସିର ଧାରା ୧୦୭ ଲାଗୁ ହେବ। ଏହି ଆଇନ୍‌ର ବ୍ୟବହାର କରିବାକୁ କୋରାପୁଟ ଏସ୍‌ପି ଓ

- ଓଡ଼ିଶା କୋଟିଆର ମା'; ଆନ୍ଧ୍ର ମାଉସୀ ହୋଇ ରହୁ
- କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ

ସ୍ଥାନୀୟ ଡିଆଇଜିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି। ନିକଟରେ କୋଟିଆ ଗସ୍ତ କରିଥିବା ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସେଠାରୁ ଫେରିବା ପରେ ଆଜି କୋଟିଆ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକ ପରେ ମନ୍ତ୍ରୀ କହିଛନ୍ତି ଯେ, କୋଟିଆକୁ ଆସିବା ଓ ବୁଲିବା ପାଇଁ କାହାରିକୁ ମନା ନାହିଁ। ମାତ୍ର ବିଚିତ୍ର କାର୍ଯ୍ୟ କଲେ ଅବା ଲିଫ୍‌ଲେଟ୍ ବାଣ୍ଟିଲେ ଆଇନକୁ ବ୍ୟବହାର କରାଯିବ। ଯଦି ସେମାନେ (ଆନ୍ଧ୍ର ଅଧିକାରୀ) ଆଇନ୍ ଦେଖିବାକୁ ଚାହୁଁଛନ୍ତି ତେବେ ଓଡ଼ିଶା ସରକାର ସେମାନଙ୍କୁ ଆଇନ୍ ଦେଖାଇବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଓଡିଶା କୋଟିଆର ମାଆ, ଆନ୍ଧ୍ର ହେଉଛି ମାଉସୀ। ମାଆ ବଞ୍ଚିଥିବା ପର୍ଯ୍ୟନ୍ତ ମାଉସୀର ଆବଶ୍ୟକତା ନାହିଁ। ଆମ ସରକାର ପାଇଁ ଭୁବନେଶ୍ୱର ଯେତିକି ଗୁରୁତ୍ୱପୂର୍ଣ୍ଣ କୋଟିଆ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। କୋଟିଆ ଗାଁକୁ ବିକଶିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ରାଜ୍ୟ ସରକାରଙ୍କ ଗଠିତ କମିଟି ସବୁ ଦିଗକୁ ଦୃଷ୍ଟିରେ ରଖି କାମ କରୁଛି । ୩ ମାସ ପୂର୍ବେ ଏହି କମିଟିର ବୈଠକ ବସିଥିଲା। ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକର କିପରି କୋଟିଆରେ ସଠିକ୍ ରୂପାୟନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାକୁ ଆଧାର କରି ବାସ୍ତବ ସ୍ଥିତି ଦେଖିବାକୁ ମୁଁ କୋଟିଆ ଗସ୍ତ କରିଥିଲି। ସେଠାରେ ବାସ୍ତବ ସ୍ଥିତି ଦେଖିଲି।

ସ୍ଥାନୀୟ ବିଧାୟକ ଓ ବ୍ଲକ୍ ଅଧ୍ୟକ୍ଷଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କଲି। ରଥଯାତ୍ରା ସମୟରେ ପ୍ରଥମେ ସେଠାକୁ ଯାଇଥିଲି। ସେଥର ଓ ଏଥର ମଧ୍ୟରେ କୋଟିଆବାସୀଙ୍କ ମଧ୍ୟରେ ବ୍ୟାପକ ଭାବଭଙ୍ଗୀରେ ପରିବର୍ତ୍ତନ ଦେଖିବାକୁ ମିଳିଲା। ସେଠାରେ ଅନେକ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି। ଏସବୁ ଦେଖି ସେମାନଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି, ଓଡ଼ିଶା ଆମ କଥା ବୁଝିବ। ଯେଉଁ ଅଧିକାରୀମାନେ କୋଟିଆ ବାସୀଙ୍କୁ ପ୍ରଲୋଭନ୍ ଦେଖାଇବାକୁ ଆସିଥିଲେ, ସେମାନଙ୍କୁ ଆମ ଅଧିକାରୀମାନେ ଘଉଡ଼ାଇଦେବା ସହ ସୀମା ପାର୍ କରିଦେଲେ। ଆନ୍ଧ୍ର ପ୍ରଦେଶ ସହିତ ଆଗକୁ ଏହି ପ୍ରସଙ୍ଗରେ ଆଲୋଚନା ହୋଇପାରେ। ସେଥିପାଇଁ କିଛି ଅଧ୍ୟୟନ କରାଯାଉଛି। ମାତ୍ର କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ରହିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଗଠନ ହେବ ଅର୍ଥନୈତିକ କ୍ଷେତ୍ର

# ନିର୍ମାଣ ହେବ ୬୪୫ କିଲୋମିଟର ରିଙ୍ଗ୍ ରୋଡ୍



ଭୁବନେଶ୍ୱର,୨୪।୧୨(ସମିସ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଅର୍ଥନୈତିକ କ୍ଷେତ୍ର(ଇକୋନୋମିକ୍ ରିଜିଅନ୍ ) ଗଠନ କରାଯିବ। ଏହି ସମଗ୍ର ଅଞ୍ଚଳରେ ଥିବା ସହର ଗୁଡିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବୁଧବାର ଲୋକସେବା ଭବନରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସୂଚନା ଅନୁସାରେ ଅର୍ଥନୈତିକ କ୍ଷେତ୍ରରେ ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥିରେ କ୍ୟାପିଟାଲ ରିଙ୍ଗ୍ ରୋଡ୍ ଅଧୀନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟରର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ । ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (୧୧୧ କିଲୋମିଟର)ସହିତ ସମନ୍ୱିତ କରି ନିର୍ମାଣ କରାଯିବ । କଟକ ଜିଲ୍ଲା ଜାତମୁଣ୍ଡିଆ-ତ୍ରିଶୁଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କିଲୋମିଟରର ଏକ ଆଉଟର ରିଙ୍ଗ୍ ରୋଡ୍

### 'ଗ୍ରୋଥ୍ ହବ୍'ହେବ ସମଗ୍ର ଅଞ୍ଚଳର ସହରାଞ୍ଚଳ: ମୁଖ୍ୟମନ୍ତ୍ରୀ

ଏବଂ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋ ଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫ କିଲୋମିଟରର ଏକ ଇନ୍‌ର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବାର ଯୋଜନା ରହିଛି । ଏହିପରି ସମୁଦାୟ ୬୪୫ କିଲୋମିଟରର ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥି ସହିତ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କିଲୋମିଟର ରେଳପଥ ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡା ଦେଇ ୭୦ କିଲୋମିଟର ରେଳପଥ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ।


ଏହି ରିଜିଅନ୍ ମଧ୍ୟରେ କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକ୍‌ଚରିଙ୍ଗ୍, ପରିବହନ, ବନ୍ଦର ଭିତ୍ତିକ ଶିଳ୍ପ, କେମିକାଲ୍‌ସ, ଟେକ୍ସଟାଇଲ୍‌ସ, ଆଇ.ଟି. ଭଳି ଅନେକ ଶିଳ୍ପାନୁଷ୍ଠାନ ଗଢି ଉଠିବ। ଏସବୁ ଅଞ୍ଚଳ ଗୁଡିକରେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ। ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକ ସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

---

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

# ଭିଜିଲାନ୍ସ ଜାଲରେ ବରିଷ୍ଠ ରାଜସ୍ୱ ସହାୟକ

ସମ୍ବଲପୁର, ୨୪।୧୨ (ସମିସ) : ମାସିକ ମାତ୍ର ୭୮୭ ଟଙ୍କା ଦରମାରେ ରାଜସ୍ୱ ବିଭାଗରେ ଚାକିରି ଆରମ୍ଭ କରିଥିବା ଜଣେ ବରିଷ୍ଠ ସହାୟକ ଆଜି କୋଟି କୋଟି ଟଙ୍କାର ମାଲିକ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆଜି ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ସମ୍ବଲପୁର ସେଟେଲମେଣ୍ଟ କାର୍ଯ୍ୟାଳୟ, ମେଜର ସେଟେଲମେଣ୍ଟର ବରିଷ୍ଠ ରାଜସ୍ୱ ସହାୟକ ବାସୁଦେବ ଭୋଇଙ୍କ କାର୍ଯ୍ୟାଳୟ ଓ ଘର ଆଦି ଚାରୋଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ତାଙ୍କ ସମ୍ପତ୍ତି ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ଗୋଟିଏ ବହୁତଳ କୋଠା, ୧୬ଟି ମୂଲ୍ୟବାନ ପ୍ଲଟ୍, ଗୋଟିଏ କାର୍ ଆଦି ରହିଥିବା ଜଣାପଡ଼ିଛି। ତାଙ୍କ ଏହି ବିପୁଳ ସମ୍ପତ୍ତିର ଉତ୍ସକୁ ନେଇ ଅନୁସନ୍ଧାନ କରାଯାଉଛି।



ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସମ୍ବଲପୁରଙ୍କ କୋର୍ଟ ଦ୍ୱାରା ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ୪ଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା। ସେଗୁଡ଼ିକ ହେଲା - ବରଗଡ଼ରେ ଆବାସିକ ଦୁଇ ମହଲା କୋଠା, ସମ୍ବଲପୁରର ଚାରଭାଟିରେ ଗୋଟିଏ କୋଠା, ବରଗଡ଼ରେ ତାଙ୍କ ପୈତୃକ ଘର ଏବଂ ସମ୍ବଲପୁରରେ ତାଙ୍କ କାର୍ଯ୍ୟାଳୟ। ବରିଷ୍ଠ ରାଜସ୍ୱ ସହାୟକ ବାସୁଦେବ ଭୋଇଙ୍କ ୪ଟି ସ୍ଥାନରେ ଚାଲିଥିବା ସନ୍ଧାନରେ ଶ୍ରୀ ଭୋଇ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ମୂଲ୍ୟର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଏପର୍ଯ୍ୟନ୍ତ ମିଳିଛି। ତନ୍ମଧ୍ୟରେ ବରଗଡ଼ରେ ଅବସ୍ଥିତ ୪୦୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଗୋଟିଏ ଦ୍ୱିତଳ ଆବାସିକ କୋଠା, ସମ୍ବଲପୁରର ଚାରଭାଟିରେ ୧୭୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଗୋଟିଏ କୋଠା, ବରଗଡ଼ ସହର ଏବଂ ଏହାର ଆଖପାଖରେ ୧୨ଟି, ସମ୍ବଲପୁର ସହରରେ ୩ଟି ଏବଂ ସମ୍ବଲପୁର ଉପକଣ୍ଠରେ ଗୋଟିଏ ସମେତ ମୋଟ ୧୬ଟି ମୂଲ୍ୟବାନ ପ୍ଲଟ୍ ରହିଛି । ଉପରୋକ୍ତ କୋଠା / ପ୍ଲଟର ମାପ ଏବଂ ମୂଲ୍ୟାୟନ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ ଦ୍ୱାରା କରାଯାଉଛି।

ଏହାସହ ୧୧.୫୬ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଙ୍କ ଏବଂ ବୀମା ଜମା, ପ୍ରାୟ ୧୧ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ ଚାରିଚକିଆ ଗାଡ଼ି (ମାରୁତି ସୁଜୁକି ସ୍ୱିଫ୍ଟ), ୪ଟି ଦୁଇଚକିଆ ଗାଡ଼ି ପ୍ରାୟ ୧୧ ଲକ୍ଷ ଟଙ୍କା ମୂଲ୍ୟର ଏବଂ ପ୍ରାୟ ୬.୦୭ ଲକ୍ଷ ଟଙ୍କା ମୂଲ୍ୟର ଘରୋଇ ସାମଗ୍ରୀ ମିଳିଛି।

୨୦.୬.୧୯୬୮ ରେ ଜନ୍ମିତ ଶ୍ରୀ ଭୋଇ ୧୨.୯.୧୯୮୯ରେ ଭବାନୀପାଟଣାର ସେଟେଲମେଣ୍ଟ ଅଫିସରେ ଜୁନିଅର କ୍ଲର୍କ ଭାବରେ ମାସିକ ପ୍ରାରମ୍ଭିକ ଦରମା ୭୮୭ ଟଙ୍କା ସହିତ ସରକାରୀ ଚାକିରିରେ ପ୍ରବେଶ କରିଥିଲେ। ୧.୫.୧୯୯୯ରେ, ତାଙ୍କୁ ସେଟେଲମେଣ୍ଟ କାର୍ଯ୍ୟାଳୟ, ମେଜର ସେଟେଲମେଣ୍ଟ, ସମ୍ବଲପୁରରେ ବରିଷ୍ଠ ରାଜସ୍ୱ ସହାୟକ ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ସେବେଠାରୁ ସେ ଆଜିପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରଖିଛନ୍ତି। ଆଜିର ଚଢ଼ଉରେ ଓଡ଼ିଶା ଭିଜିଲାନ୍ସର ୪ଟି ଦଳ ୨ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଏହି ତଲାସି କାର୍ଯ୍ୟ କରିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ।

# ପ୍ରଦୂଷଣ ପ୍ରମାଣପତ୍ର କଟକଣା ଆଉ ମାସେ କୋହଳ

## ଫେବୃଆରୀରୁ ନିୟମ ଲାଗୁ ହେବା ନେଇ ମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୪।୧୨(ସମିସ): ମୋଟର ଯାନର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରିବା ପରେ ସରକାର 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ନିଷ୍ପତ୍ତିକୁ ଘୁଞ୍ଚାଇ ଦେଇଛନ୍ତି। ପୂର୍ବରୁ ନୂଆବର୍ଷ ଜାନୁଆରୀ ପହିଲାରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବୃଆରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧ୍ୟରେ ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିମାଲିକମାନେ ଯାନର ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।




ରାଜ୍ୟରେ ଏଭଳି ନିୟମ ଲାଗୁ ନେଇ ପରିବହନ ବିଭାଗ କଡ଼ା ନିର୍ଦ୍ଦେଶନାମା ପରେ ଗାଡ଼ି ଚାଳକଙ୍କ ମଧ୍ୟରେ ଛନକା ପଶିଛି। ଏଥିପାଇଁ ୩-୪ ଦିନ ହେବ ସବୁ ପ୍ରଦୂଷଣ ସାର୍ଟିଫିକେଟ୍ କେନ୍ଦ୍ରଗୁଡ଼ିକ ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ମୁଖ୍ୟତଃ ଯେଉଁମାନଙ୍କର ପ୍ରଦୂଷଣ ପ୍ରମାଣପତ୍ର ନାହିଁ, ସେମାନଙ୍କୁ ପୁରୁଣା ଚାଲାଣ ବାବଦ ଅର୍ଥରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗାଡ଼ିମାଲିକମାନେ ସେମାନଙ୍କ ପୁରୁଣା ଚାଲାଣ ବାବଦ ଜରିମାନା ରାଶି ପୈଠ ପାଇଁ ଟ୍ରାଫିକ୍ ଥାନାଗୁଡ଼ିକରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ୍ୟ ଦାନା ବାନ୍ଧିବାରେ ଲାଗିଛି।

ଏହା ବ୍ୟତୀତ ଅନେକ ଗାଡ଼ି ଚାଳକଙ୍କୁ ବିନା କାରଣରେ ଚାଲାଣ ଆସିଥିବା ଅଭିଯୋଗ ହେଉଛି। ଏମିତି କି କାର୍ ଚାଳଣ ମୋଟ୍‌ରସାଇକଲ ଚାଳକଙ୍କୁ ମଧ୍ୟ ଆସୁଛି ବୋଲି ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଓ ଲୋକଙ୍କ ଅସୁବିଧାକୁ ଦେଖି ମଙ୍ଗଳବାର ପରିବହନ ବିଶେଷଜ୍ଞ ସୁବ୍ରତ ନନ୍ଦ ଏହି ଘଟଣାରେ ରାଜ୍ୟ ମାନବାଧିକାର କମିସନଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ତୁରନ୍ତ ଏହି ନିୟମ ଲାଗୁ ପାଇଁ ୬ ମାସ ସମୟ ଦେବାକୁ ଦାବି କରିଥିଲେ। ଏହା ବ୍ୟତୀତ ସରକରା ଚାଲାଣ ପୈଠ ପରିମାଣକୁ ଅଧା କରିଦେଇଥିଲେ ହେଁ ମୋଟରଯାନ ଆଇନର କୌଣସି ଧାରାରେ ଜୋରିମାନା ନ ଦେଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି କୌଣସି ବ୍ୟବସ୍ଥା ନାହିଁ। ମାତ୍ର ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଯେଉଁ ଗାଡ଼ିଗୁଡିକର ପୁରୁଣା ମୋଟର ଯାନ ସଂପର୍କିତ ମାମଲା ଅଛି, ତାହାର ଜୋରିମାନା ଦାଖଲ କଲାପରେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି।

### ପ୍ରଶାସନର ଅଣଦେଖାରୁ ବଢ଼ୁଛି ଅସନ୍ତୋଷ

# ବିନା ଲାଇସେନ୍ସରେ ସାର ଓ ଔଷଧ ଦୋକାନ

**କଲମପୁର, ୨୪ା୧୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ଛତୁ ଫୁଟିଲା ଭଳି ରାସାୟନିକ ସାର ଓ ଔଷଧ ଦୋକାନ ଖୋଲିଛି। ୫୨ଖଣ୍ଡ ଗାଁକୁ ବିଭାଗର ସୂତ୍ରରୁ ଜଣାଯାଏ ଯେ ୩୬ରୁ ଉର୍ଦ୍ଧ୍ୱ ଦୋକାନ ରହିଥିବା ଜଣାପଡ଼ିଛି।ଏତଦ୍‌ବ୍ୟତୀତ ଅନେକ ଦୋକାନ ବେଆଇନ ଭାବେ ଘରେ ଘରେ ଚାଲିଥିବା ଜଣାପଡ଼ିଛି। ହେଲେ ବିଭାଗ ପାଖରୁ ସଠିକ ସୂଚନା ମିଳିପାରୁ ନାହିଁ। ଏହି ଅଞ୍ଚଳର ବନ୍ଧକନା ପଞ୍ଚବଟୀପଡ଼ା, ଧନପୁର, ଇଚ୍ଛାପୁର, ବଙ୍କାପଲା ଭଳି ଗ୍ରାମରେ ଥିବା ଦୋକାନ ଗୁଡିକ ବେଆଇନ ଭାବେ ଗଢି ଉଠିଥିବା ଜଣାପଡ଼ିଛି। ଏହି ଦୋକାନ ଗୁଡିକ ବେଆଇନ ଭାବେ ବିନା ଲାଇସେନ୍ସରେ ଚାଲୁ ଆସୁଥିବା ବେଳେ କିପରି ବିଭାଗର ଦୃଷ୍ଟିକୁ ଆସିପାରୁ ନାହିଁ ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥି ସହିତ କେତେକ ଅଣ ଲାଇସେନ୍ସଧାରୀମାନେ ଖତ ସାର ମଗାଇ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏମାନଙ୍କ ପାଖକୁ ଟ୍ରକ୍ ଟ୍ରକ୍ ୟୁରିଆ ସାର କେମିତି ଆଉ କେଉଁ ନୀୟମ ବଳରେ ଆସୁଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମାନେ ଟ୍ରକ୍ ଟ୍ରକ ୟୁରିଆ ମଗାଇ ଲଗାଣୀ କରିବା ସହିତ ଦୁରଦୁରାନ୍ତରକୁ ଚୋରା ଚାଲାଣ କରୁଥିବା ଚାଷୀ ମାନେ ଅଭିଯୋଗ କରୁଛନ୍ତି।ବୋଦେଲବନ୍ଧ, ପାତ୍ରବସା, ଧନପୁର, ମଣ୍ଡଳ ଏହାର ପେଣ୍ଠସ୍ଥଳୀ ପାଲଟିଛି। ସେହିଭଳି କଲମପୁର ଅଞ୍ଚଳରେ ବେଆଇନ ଧାନ ବିହନ କାରବାର ବି ମୁଣ୍ଡ ଟେକିବାରେ ଲାଗିଛି। ଧାନ ବିହନ ଦୋକାନ ପାଇଁ ଲାଇସେନ୍ସ ନେଇଥିବା ଜଣା ପଡୁନଥିବା ବେଳେ ବିଭିନ୍ନ କିସମର ଧାନ ବିହନ ବିଭିନ୍ନ ରାଜ୍ୟରୁ ଆଣି ଅନାୟାସରେ ବିକ୍ରି କରୁଛନ୍ତି। ଚାଷୀ ମାନେ ଏଭଳି ଦୋକାନଙ୍କ ଠାରୁ ସାର ବିହନ ଓ ଔଷଧ କିଣି ବ୍ୟବହାର କରୁଥିବା ବେଳେ ବିଭିନ୍ନ ସମୟରେ ଏସବୁ କାମ ଦେଉ ନ ଥିବା ଅଭିଯୋଗ କରୁଛନ୍ତି। ହେଲେ ଚାଷୀଙ୍କ ଅଭିଯୋଗ ପ୍ରତି କେହି ଗୁରୁତ୍ୱ ବହନ କରୁନଥିବାରୁ ବେଆଇନ କାରବାର ବୃଦ୍ଧି ଘଟିବାରେ ଲାଗିଛି। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି କାରବାରରେ ବାୟୋମେଟ୍ରିକ ପ୍ରଚଳନ ହୋଇଥିଲା, ହେଲେ ତାହାକୁ କୌଣସି ଦୋକାନ କାର୍ଯ୍ୟକାରୀ କରୁନଥିବା ଜଣାପଡ଼ିଛି। ଫଳରେ ଚାଷୀ କ୍ଷତି ସହିବାକୁ ପଡୁଥିଲେ ବି କ୍ଷତିପୂରଣ ପାଇଁ ଦାବି କରି ପାରୁନାହିଁ। ଏପରିକି ଦୋକାନ ମାନଙ୍କରେ କେଉଁ ସାର ଖତ ବା ଔଷଧ ଗଛିତ ଅଛି, ତାହାର ମୂଲ୍ୟ ସାରଣୀ ଦିଆଯାଇ ନ ଥିବା ବେଳେ କ୍ରେତା ଚାଷୀଙ୍କୁ ବିଲ ମଧ୍ୟ ପ୍ରଦାନ କରାଯାଉ ନାହିଁ। ଏନେଇ କଲମପୁର କୃଷି ବିଭାଗ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି।

## ଆମ୍ବୁଲାନ୍ସ ଧକ୍କାରେ ଦୁଇ ଗୁରୁତର

**ଧର୍ମଗଡ଼, ୨୪ା୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ସନ୍ଧିକୁଳିହାରୀ ନିକଟରେ ଛତିଶଗଡ଼ ରାଜ୍ୟର ଆମ୍ବୁଲାନ୍ସ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ୍ ଆରୋହୀମାନେ ଛତିଶଗଡ଼ ରାଜ୍ୟ ଦେଭୋଗ ଥାନା ଅନ୍ତର୍ଗତ ମୁଚବାହାଲ ଗାଁର ସରୋଜ ନେତାମ ଓ ଲିଙ୍ଗରାଜ ଯାଦବ। ସେମାନେ ବାଇକ୍ ଯୋଗେ ଧର୍ମଗଡ଼ରୁ ନିଜ ଗାଁକୁ ଯାଉଥିବା ବେଳେ ପଛପଟୁ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟିଥିବା ଦେଖି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ସୂଚନା ରହିଛି।



## ମିଲେଟ୍ ଟିଫିନ ସେଣ୍ଟର ଉଦ୍‌ଘାଟିତ

**କର୍ଲାମୁଣ୍ଡା, ୨୪ା୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ଠାରେ ମିଲେଟ୍ସ ଟିଫିନ ସେଣ୍ଟର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଖିତିସୁତା ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ସୌମ୍ୟ ରଞ୍ଜନ ମିଶ୍ର, ଗ୍ରାମ୍ୟ କୃଷି କର୍ମୀ ଲୋକନାଥ ନାଗ, ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ସଂଯୋଜକ ବିନୋଦ କବାସୀ, ଶ୍ରୀଅନ୍ନ ଅଭିଯାନ ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ମିଲେଟ୍ସ ଟିଫିନ ସେଣ୍ଟରକୁ ଉଦ୍‌ଘାଟନ କରିବା ସହ ମିଲେଟ୍ସ ଖାଦ୍ୟ ର ଉପାଦେୟତା ଉପରେ ଉପରେ ଆଲୋକପାତ କରିଥିଲେ। ସିଆରପି ଜୀବର୍ଦ୍ଧନ ସାହୁ, ବାଲ୍ମିକୀ ଛତ୍ରିଆ, କମଳ ସୁନା, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସହଯୋଗ କରିଥିଲେ।



## ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ୍

**ଗୋଲାମୁଣ୍ଡା, ୨୪ା୧୨(ସମିସ):** ଟ୍ରାକ୍ଟରକୁ ଏକ ମାଲ୍ ବୋଝେଇ ଟ୍ରକ୍ ଯାହା ଫଳରେ ଫୋରୱେ ରାସ୍ତା ଜାମ ହୋଇଥିଲା। ସୂଚନାକ୍ରମେ ସକାଳେ ଟ୍ରାକ୍ଟର କ୍ରସରରୁ ଗେଟି ବୋଝେଇ କରି ଆଣିବା ସମୟରେ ଗୋଲାମୁଣ୍ଡା ଥାନା ଅଧୀନ ବିଜୁ ଏକ୍ସପ୍ରେସ ଫୋରୱେ ଜୋର୍ ପାଖରେ ପମ୍ପଚର ହୋଇଥିଲା। ଡ୍ରାଇଭର ଟ୍ରାକ୍ଟରକୁ ରାସ୍ତା କଡ଼ରେ ରଖି ଘରକୁ ଜଗ୍ ଆଣିବା ପାଇଁ ଯାଇଥିବ ବେଳେ ଧର୍ମଗଡ଼ ପଟୁ ସିନାପାଲି ଅଭିମୁଖେ ଯାଉଥିବା ଏପି୨୯ୱାଇ-୨୨୫୬ ନମ୍ବର ଟ୍ରକ୍ ଦ୍ରୁତ ଗତିରେ ଆସି ପଛପଟୁ ଧକ୍କା ଦେଇ ଡ୍ରାଇଭର ଚମ୍ପଟ ମରିଥିଲା। ଟ୍ରାକ୍ଟର ଡୁମୁରା ଗ୍ରାମର ବୋଲି ଜଣାପଡ଼ିଛି। ଖବର ପାଇ ଗୋଲାମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

## ରାଜସ୍ୱ ନିରୀକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଚାରବାହାଲ, ୨୪ା୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ହାବସପୁରପଞ୍ଚାୟତ ଆନୁକୂଲ୍ୟରେ ପଞ୍ଚାୟତସ୍ଥ ସଭା ଗୃହରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ହାବସପୁର ରାଜସ୍ୱ ନିରୀକ୍ଷକ ରୂପେ ଯୋଗଦାନ କରିଥିବା ଭଗତରାମ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ହାବସପୁର ରାଜସ୍ୱ ମଣ୍ଡଳ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ପୁରୋହିତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିକାଶ ରଞ୍ଜନ ପଣ୍ଡା ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ସିମାଞ୍ଚଳ ନାଗ ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ତଥା ସଂସ୍କୃତି ଗବେଷକ ମୁଖ୍ୟଅତିଥି, ଚିତ୍ତ ରଞ୍ଜନ ପଣ୍ଡା ହାବସପୁର ପ୍ରାଥମିକ କୃଷି ସମବାୟ ସମିତି ବିଶିଷ୍ଟ ଅତିଥି, ପିଇଓ ଦୋରା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ସମାରୋହରେ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କ ସହ ଜନସାଧାରଣ ଉପସ୍ଥିତ ରହିଥିଲେ। କାମଦେବ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।



## ଅଟୋ ଦୁର୍ଘଟଣାଗ୍ରସ୍ତ; ୩ ଗୁରୁତର, ୬ ଆହତ

**ଥୁଆମୂଳରାମପୁର, ୨୪ା୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଲଯୋର୍ ଛକ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଟୋରେ ବସିଥିବା ସମସ୍ତ ଯାତ୍ରୀ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ଥିବା ଜଣାପଡ଼ିଛି। ସୂଚନା ମୁତାବକ ବୁଧବାର ସକାଳ ପ୍ରାୟ ୧୦ ଘଣ୍ଟା ସମୟରେ ଏକ ଅଟୋରେ ଅଟୋ ଚାଳକ ସହିତ



୯ ଜଣ ଯାତ୍ରୀ ଟୋକିମରା ପର୍ବ ଉପଲକ୍ଷେ ନିଜନିଜ ଘର ପାଇଁ ସଉଦା ପତ୍ର ଆଣିବାକୁ ଥୁଆମୂଳରାମପୁର ସଦର ମହକୁମାର ସାପ୍ତାହିକ ହାଟକୁ ଆସୁଥିଲେ। ଥୁଆମୂଳରାମପୁର ପହଞ୍ଚିବା ପୂର୍ବରୁ ଥୁଆମୂଳ ରାମପୁର-ଗୁଣପୁର ମୁଖ୍ୟରାସ୍ତାର ପାଲଜୋର୍ ଛକ ନିକଟରେ ଏକ ୪୦୭ଗାଡ଼ି ଉକ୍ତ ଅଟୋକୁ ଅତିକ୍ରମ କରି ଆଗକୁ ଯିବା ସମୟରେ ଅଟୋକୁ ଧକ୍କା ଦେଇଥିଲା।ଫଳରେ ନିୟନ୍ତ୍ରଣ ହରାଇ ରାସ୍ତାକଡ ଏକ ଗଛରେ ପିଟି ହୋଇଥିଲା। ସମସ୍ତ ଯାତ୍ରୀ ସିନ୍ଧିପଦର ପଞ୍ଚାୟତର ଅଲୁଆଗୁଡା ଏବଂ କନ୍ଧାଝାପି ଗ୍ରାମର ବୋଲି ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ୪୦୭ ଗାଡି ଘଟଣାସ୍ଥଳରୁ ଫେରାର ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ର ଶିକାର ସମସ୍ତ ଆହତ ଯାତ୍ରୀ ମାନଙ୍କୁ ତୁରନ୍ତ ଥୁଆମୂଳ ରାମପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ୧୦୮ ଭଳି ଜରୁରୀକାଳୀନ ଗାଡି ଉପଲବ୍ଧ ନଥିବା ବେଳେ ଥୁଆମୂଳ ରାମପୁର ପୋଲିସର ସହାୟତା ବଳରେ ପୁଲିସ ଗାଡିରେ ହିଁ ଗୁରୁତର ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଆହତ ବ୍ୟକ୍ତି ମାନେ ହେଲେ ମାଲଦେଇ ମାଝୀ, ରୁକୁଣା ମାଝୀ, ହୁଲମାଏ ମାଝୀ ଆହତ ହୋଇଥିବା ବେଳେ ସୁକମତୀ ମାଝୀ, କିଶୋର ଚନ୍ଦ୍ର ମାଝୀ ଭବାନୀପାଟଣା ଏବଂ ସୀତାରାମ ନାଏକ ଏହି ତିନି ଜଣ ଗୁରୁତର ଥିବା ଦେଖି ଥୁଆମୂଳରାମପୁର ଡାକ୍ତରଖାନାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅନ୍ୟ ୩ ଆହତଙ୍କ ନାମ ପରିଚୟ ମିଳିପାରିନି। ଦୁର୍ଘଟଣା ଘଟାଇଥିବା ଓଡି୦୮ ଜେ-୩୫୧୩ ନମ୍ବର ୪୦୭ ଗାଡି ବିରୁଦ୍ଧରେ ଥୁଆମୂଳରାମପୁର ଥାନାରେ ଲିଖିତ ଅଭିଯୋଗ ମଧ୍ୟ ହୋଇଛି। ପୁଲିସ ଉକ୍ତ ଗାଡିକୁ ଠାବ କରିପାରିନଥିବା ଜଣାପଡ଼ିଛି।

### ଶିଶୁ ଶ୍ରମ ମୁକ୍ତ ଜିଲ୍ଲା ଗଠନ ପାଇଁ ରାହାଗିରି

## କୃତିତ୍ୱ ଦେଖାଇଲେ ଛାତ୍ରଛାତ୍ରୀ

**ନୂଆପଡ଼ା, ୨୪ା୧୨(ସମିସ):** ନୂଆପଡ଼ା ଜିଲ୍ଲା ଶ୍ରମ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରାହାଗିରି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ତଥା ଓଡ଼ିଶା ଗଠନ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ସକାଳ ୭ ଘଣ୍ଟାରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ତିନି ଘଣ୍ଟା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକତା ଛକ ପର୍ଯ୍ୟନ୍ତ ଶିଶୁ ଶ୍ରମିକ ନିରାକରଣ ଓ ଉଚ୍ଛେଦ ନିମିତ୍ତ ରାହାଗିରି ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଜିଲ୍ଲାପାଳ ମଧୁସୂଦନ ଦାସ, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମଓ ଡା. ଧନେଶ୍ୱର ସେଠୀ, ଉପଜିଲ୍ଲାପାଳ ସୁର୍ମି ସୋରେନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ରାହାଗିରି ନିମନ୍ତେ ଯୋଗ, ଚିତ୍ରକଳା, ଗୀତ, ନୃତ୍ୟ, ରଙ୍ଗୋଲି, ଦୌଡିଟଣା, ପୁଚି, ସ୍ଲୋସାଇକେଲ,



ଦଳଗତ ନୃତ୍ୟ, ଦଳଗତ ସଙ୍ଗୀତ, ମେହେନ୍ଦୀ, ସ୍ଲୋଗାନ ଲେଖା, ସ୍ପୁନ ଲେମନ ରେସ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ରାହାଗିରି କାର୍ଯ୍ୟକ୍ରମରେ ଉତ୍ସାହ ସହିତ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଶିଶୁଶ୍ରମିକ ପ୍ରଥା ଆମ ସମାଜ ପାଇଁ ଏକ ବ୍ୟାଧି। ଏହାର ନିରାକରଣ ଏବଂ ଉଚ୍ଛେଦ କରିବା ଲାଗି ଆମେ ସମସ୍ତେ ଦୃଢ଼ ପଦକ୍ଷେପ ନେବା ଜରୁରୀ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଜଶ୍ମୀନ ଶୁଭଦର୍ଶିନୀ ସାହୁ, ଆରଟିଓ ଶର୍ମିଳା ମହାରଣା, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସେ, ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ଏବଂ ଅତିଥିମାନେ ମାନପତ୍ର ତଥା ଟ୍ରଫି ଦେଇ ସମ୍ମାନିତ କରିଥିଲେ। ରାହାଗିରି କାର୍ଯ୍ୟକ୍ରମ ପାଇଁ ଆଜି ନୂଆପଡ଼ା ସହର ସମ୍ପୂର୍ଣ୍ଣ ଭାବରେ ଉତ୍ସବ ମୁଖର ହୋଇ ଉଠିଥିଲା।

### ଲାଖବାହାଲିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ଦାବି

## ଏକତ୍ର ହେଲେ ୬ ପଞ୍ଚାୟତବାସୀ

**ଲାଞ୍ଜିଗଡ଼, ୨୪ା୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା ଆଜିବି ସାତ ସପନ ହୋଇଛି। ବ୍ଲକର ପାହାଡ଼ପଦର, ମାଳିଯୁବାଙ୍ଗ, ଲାଖବାହାଲି, ବେନଗାଁ, ବିଜେପୁର, ଲାଞ୍ଜି ଆଦି ପଞ୍ଚାୟତର ଶହଶହ ଛାତ୍ରଛାତ୍ରୀ ହାଇସ୍କୁଲ ଶିକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ୬୦ କିମି ବିଶ୍ୱନାଥପୁର, ୩୦ କିମି ଲାଞ୍ଜିଗଡ଼, ୬୫ କିମି ଦୂର ଅମ୍ବାଦଳା, ୩୦କିମି ଦୂର କଲ୍ୟାଣସିଂହପୁର ସହିତ୧୨୦ କିମି ଦୂର ଭବାନୀପାଟଣା ଉପରେ ନିର୍ଭର କରିଥାନ୍ତି। ଏପରିକି ଦୀର୍ଘ ଦିନ ହେଲା ବ୍ଲକର ଘାଟି ଅଞ୍ଚଳରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଆସୁଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଦାବି ଦୁର୍ଗମ ଅଞ୍ଚଳରେ ପୂରଣ ହୋଇପାରିନାହିଁ। ଏହାକୁ ଦୃଷ୍ଟିରେ ରଖି ଆଜି ଲାଖବାହାଲି ଗାଁର ଜନସାଧାରଣ ସମେତ ୬ଟି ପଞ୍ଚାୟତର ଲୋକେ ଏକଜୁଟ ହୋଇ ଲାଖବାହାଲି ସ୍କୁଲ ଠାରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦୁର୍ଗମ ଅଞ୍ଚଳ ଲାଖବାହାଲି ଗାଁରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଉପସ୍ଥିତ ସମସ୍ତ ଜନସାଧାରଣ ସହମତି ପ୍ରକାଶ କରିଥିବା ବେଳେ ସରକାରକଙ୍କୁ ଦାବିପତ୍ର ଦେବା ଶହ ଆଗାମୀ ପିଢ଼ି ପାଇଁ ଏକ ନୂତନ ଦିଗ ଖୋଲିବାରେ ସମସ୍ତେ ସହଯୋଗ କରିବାରେ ନିଷ୍ପତି ନିଆଯାଇଥିଲା।ବୈଠକରେ ଲାଖବାହାଲି ସରପଞ୍ଚ ପଦ୍ମିନୀ ମାଝୀ, ପାହାଡପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ମାଳିଯୁବାଙ୍ଗ ସରପଞ୍ଚ ଜନନୀ ମାଝୀଙ୍କ ସହ ବୈଦ୍ୟନାଥ ନାଏକ, ନୀଳକଣ୍ଠ ଦୁର୍ଗା, ଜଗଦୀଶ ପୁଟା, ସୁଶାନ୍ତ ନିଆଲ, ଶିବରାମ କରକରିଆ, ଅନିଲ ନିଆଲ, ଘାଷି ମାଝୀ, ବଳଭଦ୍ର ନାଏକ, ମାର୍କଣ୍ଡ ସୁନା, ଅମରଦାସ ନାଏକଙ୍କ ସମେତ ୬ଟି ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ।

## ଭବାନୀପାଟଣାରୁ ଶ୍ରୀକ୍ଷେତ୍ର ପଦଯାତ୍ରା




**ମ.ରାମପୁର, ୨୪ା୧୨(ସମିସ):** ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ ୧୮ ଜଣ ଶ୍ରଦ୍ଧାଳୁ ପଣ୍ଡିତ ମଙ୍ଗୁଲୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଠ ମହନ୍ତ ଜଗନ୍ନାଥ ଦାଶଙ୍କ ମାର୍ଗଦର୍ଶନରେ ତ୍ରିନାଥ ସେଠୀ, ଅଭିମନ୍ୟୁ ପ୍ରଧାନ, ସୀତାକାନ୍ତ ପ୍ରଧାନ, ମଧୁସୁଦାନ ବେହେରା, ପୁରୁଷୋତ୍ତମ ପ୍ରଧାନ, ଘାସିରାମ ଜେନା, କମ୍ବୁପାଣି ପରିଛା, ନଗେନ୍ ମହାରଣା, କାଳୀପ୍ରସାଦ ଡାକୁଆ, ରବିଚନ୍ଦ୍ର ଆରୁଖ, ଭାଗିରଥି ମହାରଣା, ଭଗବାନ ବିଶୋଇ, ଜଗବନ୍ଧୁ ବେହେରା, ଜଗନ୍ନାଥ ମହାରଣା, ସନ୍ତୋଷ ନାୟକ, ସଚ୍ଚିଦାନନ୍ଦ ମହାଖୁଡ଼, କ୍ଷିରସିନ୍ଧୁ ପ୍ରଧାନ, ଇନ୍ଦ୍ରମଣି ଡାକୁଆ, ଅଶ୍ୱିନୀ ପ୍ରଧାନ ଓ ବିକାଶ ସାହୁ ବୁଧବାର ସକାଳୁ ବାଗପୁର ଠାରୁ ଯାତ୍ରା ଆରମ୍ଭ କରି ଶେରଗଡ଼ ଜଗନ୍ନାଥ ମନ୍ଦିରରେ ମଧ୍ୟାହ୍ନରେ ପ୍ରସାଦସେବନ କରି ମ.ରାମପୁର ତଳସାଗର ପଡ଼ାସ୍ଥିତ କାଳୀମନ୍ଦିର ଠାରେ ରାତ୍ରିଯାପନ କରିଥିଲେ। ଅନେକ ଶୁଭେଚ୍ଛୁ, ଶ୍ରଦ୍ଧାଳୁଙ୍କ ସହ ଦଣ୍ଡ ଗୁରୁ ପଦ୍ମଲୋଚନ ମହାଖୁଡ କଳା ମନ୍ଦିର ଛକ ନିକଟରେ ପହଞ୍ଚିଠିଚ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପଣ୍ଡିତ ମଙ୍ଗୁଲୁ ମିଶ୍ର ନାମରେ ବିଶ୍ୱାସ, ଜୀବ ପ୍ରତି ଦୟା, ପ୍ରକୃତିକୁ ପ୍ରେମ କରିବାର ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟ ଥିବା ପ୍ରକାଶ କରିଛନ୍ତି।ପ୍ରାୟ ୧୮ ଦିନରେ ପୁରୀ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଥିବା କମ୍ବୁପାଣି ପରିଛା ପ୍ରକାଶ କରିଛନ୍ତି। ବରିଷ୍ଠ ସାମ୍ବାଦିକ ଉଦ୍ଧବ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ରଜନୀ କାନ୍ତ ମହାଖୁଡ଼, ଲଳିତ ମହାକୁଡ଼, ନରେନ୍ଦ୍ର ମହାଖୁଡ଼, କ୍ଷମା ନିଧି ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଦେବାଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ;ସିଉନୀ ଚାମ୍ପିଅନ

**କୋକସରା, ୨୪ା୧୨(ସମିସ):** କୋକସରା ବ୍ଲକ କାଉଡୋଲା ୟଙ୍ଗ୍ ଷ୍ଟାର୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ଦେବାଶିଷ ସରାବୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ବୁଧବାର ଅନୁଷ୍ଠିତ ହୋଇଛି। ଭଇଁରିପାଲିକୁ ହରାଇ ସିଉନୀ ଦଳ ଚାମ୍ପିଅନ୍ ହୋଇଛି। ସିଉନୀ ଦଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭଇଁରିପାଲି ପ୍ରଥମେ



ବ୍ୟାଟିଂ କରି ନିର୍ଦ୍ଧାରିତ୧୨ଓଭରରେ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ୍ ସଂଗ୍ରହ କରିଥିଲା।ସିଉନୀ ଦଳ ୪ ଓଭରରେ ଏକ ଉଇକେଟ ହରାଇ ମ୍ୟାଚ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଖେଳକୁ ଆମ୍ପିୟାର ଭାବେ ବସନ୍ତ ସରାବୁ ଓ ଚିତ୍ତରଞ୍ଜନ ସରାବୁ ପରିଚାଳନା କରିଥିଲେ। ସ୍କୋର ବୋର୍ଡରେ କେଶବ ମାଝୀ ଦାୟୀତ୍ୱ ନିର୍ବାହ କରିଥିବା ବେଳେ ଖେଳର ଧାରାବିବରଣୀ ତୁଳସୀରାମ ବାଗ ଓ ରମେଶ ବାରିକ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସତନାମୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଖେଳ ଶିକ୍ଷକ ସୁଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବାଲେଶ୍ୱର ବେଶ୍ରା, ସମାଜସେବୀ ସୁରଥ ସରାବୁ, ସମିତି ସଭ୍ୟା ବୈଦେହି ବେଶ୍ରା, ଶିକ୍ଷକ ଗିରିଶ ସରାବୁ, ସାମ୍ବାଦିକ ଚକ୍ରଧର ବେଶ୍ରା, ଆମପାଣି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ପ୍ରେମଲାଲ ସରାବୁ, ଚୈତନ୍ୟ ସରାବୁ, ଅରୁଣ୍ୟ ସରାବୁ, ଝସକେତନ ସରାବୁ, ରଜନୀ ସରାବୁ, ଖେଳ ଶିକ୍ଷକ ସଞ୍ଜୟ କୁମାର ବେଶ୍ରା, ବଂଶୀଧର ବେଶ୍ରା ପ୍ରମୁଖ ଯୋଗଦେଇ ଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହିତ ନଗଦ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ସିଉନୀର ଜମ୍ବେ ଠାକୁର ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭଇଁରିପାଲିର କିଶୋର ରାଉତ ବିବେଚିତ ହୋଇଥିଲେ। ୟଙ୍ଗ୍ ଷ୍ଟାର୍ ଆସୋସିଏସନର ଆକାଶ ନାଏକ, ଅନନ୍ତ ସରାବୁ, ପିଣ୍ଟୁ ସତନାମି, ବିରେନ୍ଦ୍ର ରଣା, ନିମାଇଁ ସତନାମି, ଚିତ୍ତରଞ୍ଜନ ସରାବୁ, ହରେକୃଷ୍ଣ ସରାବୁ, କରନ, ପିଣ୍ଟୁ, ମନୋଜ, ଜଗା, ନୂତନ, ଅଜିତ, କେଶବ, ଆନନ୍ଦ, ହିମାଂଶୁ, ଶୁଭମ ପ୍ରମୁଖ ସହଯୋଗ କରିଥିଲେ।

## ବ୍ରଜମୋହନ ହାଇସ୍କୁଲ ୧୯୭୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଭବାନୀପାଟଣା, ୨୪ା୧୨(ସମିସ):** କଳାହାଣ୍ଡି ଜିଲ୍ଲାର ସର୍ବ ପୁରାତନ ବ୍ରଜମୋହନ ହାଇସ୍କୁଲ ଗୋଲ୍ଡେନ ମାଟ୍ରିକ ବ୍ୟାଚ୍ ଭାବେ ପରିଚିତ ୧୯୭୪ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ୫୧ ବର୍ଷ ପୂର୍ବର ସ୍ମୃତିକୁ ସାଉଁଟିବା ପାଇଁ ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳ, ବଲାଙ୍ଗିର, ସମ୍ବଲପୁର, ଭୁବନେଶ୍ୱର, ଛତିଶଗଡ଼ରୁ ପୁରାତନ ଛାତ୍ରବନ୍ଧୁମାନେ ଏକତ୍ରିତ ହୋଇଥିଲେ। ଭବାନୀପାଟଣା ନିକଟସ୍ଥ ଏସକେ ହିଲ ଭିୟୁ ଡଙ୍ଗରପଦର ରିଶିଗା ଠାରେ ଆୟଜନ କରାଯାଇଥିଲା। ଗୋଟିଏ ଦିନ ପୂର୍ବରୁ ସପରିବାର ଭବାନୀପାଟଣା ପହଞ୍ଚିଥିବା ବନ୍ଧୁମାନଙ୍କୁ ସ୍ୱାଗତ କରିବା ପାଇଁ ହୋଟେଲ ଅମ୍ରାପାଲି କ୍ଲାସିକ ସମ୍ମିଳନୀ କକ୍ଷରେ



ପ୍ରି ବନ୍ଧୁମିଳନ ପାଇଁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଶ୍ୟାମ ପ୍ରସାଦ ସାହୁ, ସମ୍ପାଦକ ରାମ ଶଙ୍କର ଦାସ ଏବଂ ଭବାନୀପାଟଣାରେ ଥିବା ବନ୍ଧୁମାନେ ଯୋଗ ଦେଇଥିଲେ। ରାୟଗଡ଼ାର ପିଡିସି ଗ୍ରୁପ ଗ୍ରୁପ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପୂର୍ବଦିନ ସଭାପତି ସୁଧାଂଶୁ ଶେଖର ଦେଓ, ସମ୍ପାଦକ ରାମଶଙ୍କର ଦାସ, କାର୍ଯ୍ୟକାରୀ ସଭାପତି ଶ୍ୟାମ ପ୍ରସାଦ ସାହୁଙ୍କ ସଂଯୋଜନାରେ ପ୍ରଥମେ ଚଳିତ ବର୍ଷ ତିନି ଜଣ ବନ୍ଧୁ ପଦ୍ମ ଲୋଚନ ମେହେର, ସନ୍ତୋଷ କମାନି ଓ ଶାହ ଫିରୋଜ ମହମ୍ମଦଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସମସ୍ତ ପୁରାତନ ଛାତ୍ରବନ୍ଧୁଙ୍କୁ ମଞ୍ଚରେ ସମ୍ମାନିତ କରି ଭବନ।।କ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। କଳାହାଣ୍ଡିର ସୁନାମଧନ୍ୟ ମଞ୍ଚ ସଂଯୋଜକ ସୁଧୀର ମଞ୍ଚ ପରିଚାଳନା କରିଥିଲେ। ବନ୍ଧୁମିଳନ ଉଦ୍‌ଯାପନୀ ଉତ୍ସବରେ ମହମ୍ମଦ ଅଲ୍ଲୀ ଖାଁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ସୁନାମୁଖୀ ଦେବ ପୀଠରେ ପ୍ରସିଦ୍ଧ ଶିମ୍ବ ଯାତ୍ରା

**କର୍ଲାମୁଣ୍ଡା, ୨୪ା୧୨(ସମିସ)**

ମରାମପୁର ବ୍ଲକ ଅଲାତରା ଗ୍ରାମ ସୁନାମୁଖୀ ପାହାଡ଼ ତଳେ ଅବସ୍ଥିତ ସୁନାମୁଖୀବୁଢା ପୀଠରେ ପ୍ରସିଦ୍ଧ ଶିମ୍ବ ଯାତ୍ରା ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ପୌଷମାସ ଶୁକ୍ଳପକ୍ଷ ପ୍ରଥମ ବୁଧବାର ଅର୍ଥାତ ଶୁଳିଆ ଯାତ୍ରର ପରବର୍ତ୍ତୀ ଦିନ ଯାତ୍ରା ହୋଇଥାଏ। ଆଖପାଖ ସତାଧିକ ଗ୍ରାମର ସହସ୍ରାଧିକ ଲୋକ ଯାତ୍ରାରେ ସାମିଲ ହୋଇଥାନ୍ତି। ମନସ୍କାମନା ପୂର୍ଣ୍ଣ ହୋଇଥିବା ଭକ୍ତ ପୋଢ଼, ଛେଳି, ଗରରା, କୁକୁଡ଼ା, ପାରା, ନଡ଼ିଆ ଭୋଗ ଦେଇଥାନ୍ତି। ଚଳିତ ବର୍ଷ ପ୍ରବଳ ଭିଡ ହୋଇଥିବା ବେଳେ ଅପରାହ୍ନ ୨ଟାରୁ ପୂଜା ଆରମ୍ଭ ହୋଇଥିଲା ଦେବୀ ଦିଶାରୀ ଠାରେ କାଳସୀ ରୂପେ ଆର୍ବିଭୂତ ହୋଇ ଭକ୍ତଙ୍କ ହାରିଗୁହାରି ଶୁଣିଥିଲେ। ଯାତ୍ରାରେ ଶତାଧିକ



ଛେଳି, ଏକାଧିକ ପୋଢ଼, ଶହଶହ କୁକୁଡ଼ା, ପାରା ବଳିପଡ଼ିଥିଲା। ପଶୁପକ୍ଷୀଙ୍କ ରକ୍ତରେ ରକ୍ତ ରଞ୍ଜିତ ହୋଇପଡ଼ିଥିଲା ସୁନାମୁଖୀ ପୀଠ। ଯାତ୍ରା ପରେ ହିଁ ବିବାହ ଆଦି ଶୁଭକାର୍ଯ୍ୟ ହେବା ସହିତ ଶିମ୍ବ ଭକ୍ଷଣ କରିଥାନ୍ତି। କିମ୍ବଦନ୍ତୀ ଅନୁଯାଇ ସୁନାମୁଖୀ ବୁଢାକୁ ଶୁଳିଆ ବୁଢାଙ୍କ ସାନଭାଇ ବୋଲି କୁହାଯାଏ। ମୁଖ୍ୟପୂଜକ ଜଗବନ୍ଧୁ ଭୋଇଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମାପନ ହୋଇଥିବା ବେଳେ ଆଜିଠାରୁ ତିନିଦିନ ଧରି ସୁନାମୁଖୀ ମହୋତ୍ସବ ଆରମ୍ଭ ହୋଇଛି। ତେବେ ଟ୍ରାଫିକ ସମସ୍ୟା କାରଣରୁ ଲୋକେ ହଇରାଣ ହୋଇଥିବା ଦେଖା ଯାଇଥିଲା।

## ଡାଲମିଆ ମହାବିଦ୍ୟାଳୟ ଇତିହାସ ବିଭାଗର ଶିକ୍ଷା ଭ୍ରମଣ





କୁତ୍ରା,୨୪।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳର ଇତିହାସ ବିଭାଗର ଛାତ୍ରଛାତ୍ରୀମାନେ ଓଡ଼ିଶାର ବିଭିନ୍ନ ଐତିହାସିକସ୍ଥାନର ପରିଭ୍ରମଣ କରିଛନ୍ତି । କଟକ ଜିଲ୍ଲାର ବାରବାଟି ଦୁର୍ଗ, ଭୁବନେଶ୍ୱରର ଧଉଳିଗିରି, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି ଓ ଉଦୟଗିରିର ବିଭିନ୍ନ ଗୁମ୍ଫା ପରିଦର୍ଶନ ସହିତ ପୁରୀ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ପରିଦର୍ଶନ କରି ଚନ୍ଦ୍ରଭାଗା ଉପକୂଳରେ ଯାତ୍ରା ସମାପନ କରିଥିଲେ । ଏହି ଶିକ୍ଷା ପରିଭ୍ରମଣରେ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ମାଝୀ ଛାତ୍ରଛାତ୍ରୀମାନଙ୍କୁ ଅନେକ ଐତିହାସିକ ତଥ୍ୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ରେଶମ ୟାସ୍ମିନ ଓ ଅଧ୍ୟାପକ ରୁଦ୍ରନାରାୟଣ ଲେଙ୍କା ଅନେକ ଶିଳାଲେଖ ଏବଂ ଏଥିରେ ଇଂରାଜୀ ବିଭାଗର ଅଧ୍ୟାପିକା ମଧ୍ୟ ଅନେକ ସାହାଯ୍ୟ ଓ ସହଯୋଗ କରିଥିଲେ । ଏହି ଭ୍ରମଣ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲ ଅନୁମତି ପ୍ରଦାନ ସହ ଛାତ୍ରଛାତ୍ରୀମାନଙ୍କ ଶୁଭଯାତ୍ରା କାମନା ସହ ସହଯୋଗ ମଧ୍ୟ କରିଥିଲେ । ଏହି ଶିକ୍ଷଣୀୟ ଯାତ୍ରାରେ ସମସ୍ତ ଅଭିଭାବକଙ୍କ ପ୍ରେରଣା ସ୍ୱାଗତ ଯୋଗ୍ୟ ଅଟେ ।

## ବଣାଇଁ ସରସରାରେ ଟସର କୃଷି ମେଳା




ବଣାଇଁ,୨୪।୧୨(ସମିସ): ବଣାଇଁ ବ୍ଲକ ଅଧୀନ ସରସରା ଟିଏମ୍‌ସିଏସ୍‌ରେ ରେଶମ ଚାଷୀଙ୍କ ପାଇଁ ଏକ ଟସର କୃଷି ମେଳା ଆୟୋଜିତ ହୋଇଯାଇଛି । ଏହି କୃଷି ମେଳାରେ ଅଞ୍ଚଳର ପ୍ରାୟ ୩୦୦ ଜଣ ଟସର ଚାଷୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋ, ବଣାଇଁ ରେଞ୍ଜର ଦେବାଶିଷ ନାୟକ, ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ର ସେନ ନାୟକ, ଗବେଷକ କର୍ମବୀର ଜେନାଙ୍କ ସମେତ ଏଡିଏସ୍ ସୁନ୍ଦରଗଡ଼ ଯୋଗଦେଇଥିଲେ । ଏଥିରେ ବୈଜ୍ଞାନିକମାନେ ଉନ୍ନତ ଟସର କୀଟ ପାଳନ ପଦ୍ଧତି, ରୋଗ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି ଓ ମୂଲ୍ୟ ସଂଯୋଜନ ବିଷୟରେ ଚାଷୀମାନଙ୍କୁ ସଚେତନ କରିଥିଲେ ।

## ଅବସରପ୍ରାପ୍ତ ଆରଏସ୍‌ପି ଇଞ୍ଜିନିୟରଙ୍କ ଦେହାନ୍ତ



ରାଉରକେଲା, ୨୪।୧୨(ସମିସ): ରାଉରକେଲା ଇସ୍ପାତ କାରଖାନାରେ ବ୍ଲୁମିଙ୍ଗ ସ୍ଲାବିଙ୍ଗ ମିଲ ଓ ହଟ୍‌ଷ୍ଟ୍ରିପ ମିଲର ଅବସରପ୍ରାପ୍ତ ଇଞ୍ଜିନିୟର ବଂଶୀଧର ବାରିକଙ୍କ ମଧ୍ୟାହ୍ନରେ ୮୫ ବର୍ଷ ବୟସରେ ଆଇଜିଏଚରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ଦେହାନ୍ତ ଘଟିଛି । ସ୍ୱର୍ଗତ ବାରିକ ଅବସରପରେ କୋଏଲ ନଗର ନିଜ ବାସଗୃହ ବି- ୪୦୨ ରେ ରହି ନିଜକୁ ବିଭିନ୍ନ ସମାଜସେବା ଓ ଧାର୍ମିକ କାର୍ଯ୍ୟରେ ନିୟୋଜିତ କରିଥିଲେ । ତାଙ୍କର ବଡ଼ପୁଅ ଇଂ ନୟନ କୁମାର ବାରିକ ନୀଳାଚଳ ଇସ୍ପାତ କାରଖାନାରେ ଜିଏମ ଓ କନିଷ୍ଠ ପୁତ୍ର ଇଂ ତପନ କୁମାର ବାରିକ ରାଉରକେଲା ଇସ୍ପାତ କାରଖାନାର ଏଜିଏମ ଭାବରେ କାର୍ଯ୍ୟରତ ରହିଛନ୍ତି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ କନ୍ୟା ପୁଷ୍ପରାଣୀ ଜ୍ୱାଇଁ ସ୍ମୃତିରଞ୍ଜନ, ପୁତ୍ରବଧୂ ରୁନିତା, ସ୍ନିଗ୍ଧାରାଣୀଙ୍କ ସହ ନାତି ନାତୁଣୀ ସ୍ୱୟ, ସମ୍ଭବ, ସୂର୍ଯ୍ୟାଂଶୁ, ଇପସିତା ଉପସ୍ଥିତ ଥିଲେ । ସନ୍ଧ୍ୟାରେ ବେଦବ୍ୟାସ ଠାରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

**ଜାତୀୟ ମହୋତ୍ସବର ୪ର୍ଥ ସନ୍ଧ୍ୟା**

# ନାଟକ 'ମଧ୍ୟାନ୍ତର' ମଞ୍ଚସ୍ଥ

ରାଉରକେଲା,୨୪।୧୨(ସମିସ): ସ୍ପନ୍ଦନ ଆୟୋଜିତ ଜାତୀୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ବାରଣାସୀର ନାଟକ 'ମଧ୍ୟାନ୍ତର'। ପରିବାର କହିଲେ ପତି ଜ୍ଞାନ ଓ ପତ୍ନୀ ଛାୟା, ସେମାନଙ୍କର ସନ୍ତାନଟିଏ ହେଉ ନ ଥିବାରୁ ଦୁଃଖରେ ଦିନ କାଟୁଥିଲେ । ଅକସ୍ମାତ ଏକ ଦୁର୍ଘଟଣା ଯୋଗୁଁ ଜ୍ଞାନ ଗୋଟେ ଗୋଡ଼ ହରାଇଥବା ଯୋଗୁଁ ଚାକିରି ହରାଇ ଘରେ ବସିବାକୁ ବାଧ ହେଲେ ଅନ୍ୟ ପକ୍ଷେ ପତ୍ନୀ ଛାୟା ଚାକିରୀ କଲେ । ମଝିରେ ମଝିରେ ଜ୍ଞାନର ଜଣେ ସାଙ୍ଗ ଜୟନ୍ତ ତାଙ୍କ ଘରକୁ ଯିବା ଆସିବା କରୁଥିଲେ । କ୍ରମଶଃ ଛାୟା ସହ ଜୟନ୍ତର ଅନ୍ତରଙ୍ଗତା ବଢିବା ଦେଖି ବନ୍ଧୁ ଭାବରେ ଜୟନ୍ତ ଛାୟାକୁ ବିବାହ କରିବାପାଇଁ ପ୍ରସ୍ତାବ ଦିଅନ୍ତି । ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଚାଲିଯା'ନ୍ତି ଜୟନ୍ତ । ପରିଶେଷରେ ଗୋଟିଏ କୋର୍ଟ କାଗଜରେ ଜ୍ଞାନ ଛାୟାଙ୍କୁ ଛାଡ଼ପତ୍ର ଦେବାପାଇଁ ଗୋଟେ କୋର୍ଟ କାଗଜରେ ଲେଖେଇ ନିଜ ଘର ଟେବୁଲ ଉପରେ ରଖି ଦେଇ ଶୋଇ ପଡ଼ିଲେ ଯାହାକୁ ଛାୟା ପରେ ଦେଖି ଚକିତ ହୋଇ ସେ କାଗଜକୁ



ଚିରି ଦେଲେ ଓ ଜ୍ଞାନଙ୍କୁ ଉଠାଇ ତାଙ୍କୁ କ୍ଷମା ମାଗିବା ସହ ବିନା ସନ୍ତାନରେ ଦୁହେଁ ଛାଡପତ୍ର ନ ଦେଇ ହସ ଖୁସିରେ ରହିବେ ବୋଲି କହିଲେ । ନାଟକ ମଧ୍ୟାନ୍ତରରେ ସମର୍ପଣ ଓ ତ୍ୟାଗର କଥା ଦର୍ଶାଯାଇଛି । ଅଜୟ ରୋଷନଙ୍କ ନିର୍ଦ୍ଦେଶନା, ଶର୍ବଙ୍କ ସଂଗୀତ ସଂଯୋଜନା, ନବ୍ୟାଙ୍କ ଆଲୋକ ସମ୍ପାତ , ଜ୍ୟୋତିଙ୍କ ରୂପସଜ୍ଜା ଓ ଗୋପାଳ, ଗୌତମ, ଉଜ୍ଜ୍ୱଳ, ଅମନଙ୍କ ମଞ୍ଚ ସଜ୍ଜାରେ ମଞ୍ଚସ୍ଥ ହୋଇଥିଲା ନାଟକ । ଦର୍ଶକ ଉପଭୋଗ କରିଥିଲେ ନାଟକ ।

**ଭଲିବଲ୍ ଚାମ୍ପିଅନସିପ୍**

## ବିଶ୍ରା ସରକାରୀ ବାଳିକା ସ୍କୁଲ ବିଜାଡିହି ଚାମ୍ପିଅନ

ରାଉରକେଲା,୨୪।୧୨(ସମିସ): ଭୁବନେଶ୍ୱର ତପୋବନ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଆନ୍ତଃରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିଅନସିପରେ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରାବ୍ଲକ୍ ସ୍ଥିତ ବିର୍ସା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଫାଇନାଲ ମ୍ୟାଚରେ ବାଲେଶ୍ୱର ସହ ମୁକାବିଲା ହୋଇଥିଲାବେଳେ ୨-୦ ସେଟ୍ ରେ ବିଜୟୀ ହୋଇଥିଲା । ଏହି ବିଜୟ ଟ୍ରଫି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅତିଥି ଭାବେ ଯୋଗଦେଇ ପ୍ରଦାନ କରିଥିଲେ । ଏହି ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ବିଜୟୀ ହେବାପରେ ବିଜାଡିହି ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ଉତ୍ସବ ମହଲ ପରିବେଶ ସୃଷ୍ଟି ହୋଇଥିଲା । ଏହି ବିଜୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଖେଳଶିକ୍ଷକ ସୌମ୍ୟରଞ୍ଜନ ଘଡେଇ, ହଷ୍ଟେଲ ପାଟ୍ରିନ ଏକ୍କାଙ୍କ ସମେତ ଏମାନଙ୍କ କୋଚ୍



ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସମ୍ପାଦକ ତଥା ରାଉରକେଲା ଇସ୍ପାତ କାରଖାନାର ଫାୟାର ସର୍ଭିସ୍ ବିଭାଗର କାର୍ଯ୍ୟରତ ଦେବଦତ୍ତ ଜେନା ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ସୁନିତା ଗୋଦାରା ରାଉରକେଲା ହାଫ୍ ମାରାଥନ୍ ପାଇଁ ସେଲିବ୍ରିଟି ଆମ୍ବାସାଡର ନିଯୁକ୍ତ

ରାଉରକେଲା, ୨୪।୧୨(ସମିସ): ଆସନ୍ତା ୨୪ରେ ରାଉରକେଲାର ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍ -୨୦୨୬ ପାଇଁ ମାରାଥନ୍ ଧାବକ ଡ. ସୁନିତା ଗୋଦାରାଙ୍କୁ ସେଲିବ୍ରିଟି ଆମ୍ବାସାଡର ଭାବରେ ଘୋଷଣା କରିଛି । ଏଆଇଏମ୍‌ଏସ ପ୍ରମାଣିତ ଏହି ସମ୍ମାନଜନକ ଇଭେଣ୍ଟ ଆରଏସପି ଆନୁକୂଲ୍ୟରେ ଆୟୋଜିତ ହେଉଛି । ଡ. ଗୋଦାରା ୧୯୯୨ରେ ଏସୀୟ ମାରାଥନ୍ ଚାମ୍ପିଅନସିପ୍ ଜିତିଥିଲେ । ଲିମ୍‌କା ବୁକ୍ ଅଫ୍ ରେକର୍ଡଧାରୀ ଡ.



ଗୋଦାରା ଭାରତରେ ସର୍ବାଧିକ ସଂଖ୍ୟକ ମାରାଥନ୍ ବିଜୟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି । ୭୬ଟି ପୂର୍ଣ୍ଣ ମାରାଥନ୍ ଏବଂ ୧୨୬ଟି ହାଫ୍ ମାରାଥନ୍ ପୂରଣ କରିବା ସହିତ ୨୬ଟି ଦେଶରେ ଅଂଶଗ୍ରହଣ କରିଛନ୍ତି । ସେ ଦୁଇଟି ଏସୀୟ ମାରାଥନ୍ ପଦକ ମଧ୍ୟ ହାସଲ କରିଛନ୍ତି ଏବଂ ବର୍ତ୍ତମାନ ଏଲିଟ୍ ଧାବକଙ୍କ ସଂଯୋଜକ ଭାବରେ କାର୍ଯ୍ୟ କରୁଛନ୍ତି । ରାଉରକେଲା ହାଫ୍ ମାରାଥନ-୨୦୨୬ରେ ୨୧.୧ କିଲୋମିଟର, ୧୦ କିଲୋମିଟର, ୫ କିଲୋମିଟର ଏବଂ ୨ କିଲୋମିଟର ଦୌଡ଼ ବର୍ଗ ସାମିଲ ହେବ । ଏଥିରେ ବୃତ୍ତିଗତ ଖେଳାଳି, ଦୌଡ଼ ରୁଚିଶୀଳ ବ୍ୟକ୍ତିବିଶେଷ ଏବଂ ଫିଟନେସ୍ ଉତ୍ସାହୀମାନେ ସାମିଲ ହେବେ ।

## ସୁନ୍ଦରଗଡ଼ ଜିଲ୍ଲାରେ ୫ ଡିଏସ୍‌ପିଙ୍କ ବଦଳି

ରାଉରକେଲା,୨୪।୧୨(ସମିସ): ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଓଡ଼ିଶା ପୁଲିସରେ କାର୍ଯ୍ୟରତ ମୋଟ ୧୩୧ ଜଣ ଡିଏସପିସ୍ତରରେ ଅଦଳବଦଳ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି କ୍ରମରେ ସୁନ୍ଦରଗଡ଼ରୁ ୩ ଜଣ ତଥା ଚିତ୍ତରଞ୍ଜନ ନାଏକଙ୍କ ସମ୍ବଲପୁର, ମନୋରଞ୍ଜନ ପ୍ରଧାନଙ୍କ ରାଉରକେଲା ଓ ପୁଷ୍ପେନ୍ଦୁ ସାଗରଙ୍କ ସୁନ୍ଦରଗଡ଼ ପୁଲିସ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ରାଉରକେଲାରୁ ୨ ଜଣ ଡିଏସପି ତଥା ସେରୋଫିନା ଖେସଙ୍କ ଭିଜିଲାନ୍ସ ଓ ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ପୁରୀକୁ ବଦଳି ହୋଇଥିବା ଜଣାପଡ଼ିଛି । ସେହିପରି ଝାରସୁଗୁଡ଼ାରୁ କମଳଲୋଚନ ବେହେରାଙ୍କ ରାଉରକେଲା, ଯତୀନ୍ଦ୍ର ନାଥ ସେଠୀଙ୍କ ଭୁବନେଶ୍ୱରରୁ ରାଉରକେଲା, ରାଜେନ୍ଦ୍ର ଶିଆଳଙ୍କ ଝାରସୁଗୁଡ଼ାରୁ ସୁନ୍ଦରଗଡ଼, ଇସ୍ମାଇଲ ଏକ୍କାଙ୍କ ବରଗଡ଼ରୁ ରାଉରକେଲା, ସୁଦର୍ଶନ ପଣ୍ଡାଙ୍କ ସମ୍ବଲପୁରରୁ ରାଉରକେଲା ଓ ମନୋରଞ୍ଜନ ପ୍ରଧାନଙ୍କ ସୁନ୍ଦରଗଡ଼ରୁ ରାଉରକେଲାକୁ ବଦଳି ହୋଇଥିବା ଜଣାପଡ଼ିଛି ।

## ହାତିବାରୀ ଲ୍ୟାମ୍ପସ୍‌ରେ ଧାନକ୍ରୟ

ରାଉରକେଲା,୨୪।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲାର ହାତୀବାରୀ ଲ୍ୟାମ୍ପସରେ ଧାନ କ୍ରୟ ଆରମ୍ଭ ହୋଇଛି । ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡି ଉଦଘାଟନ କରିଥିଲେ । ଏହି ଲ୍ୟାମ୍ପସରେ ୨୪୦୦ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଲ୍ୟାମ୍ପସର ପ୍ରାୟ ୭୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ରହିଛି । ଧାନର ମୂଲ୍ୟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷିଙ୍କ ବ୍ୟାଙ୍କ ଖାତାକୁ ଯିବ । କୃଷକ ପିଛା ୩୧୦୦ ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ବୀରମିତ୍ରପୁର ବିଧାୟକ କହିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ଆରସିଏସ୍ ପାନପୋଷ ପିଟର ବେକ୍‌ଆ, ଆରଇ ସମିତ କୁମାର ପଟେଲ, ଲ୍ୟାମ୍ପସ ସଭାପତି ସାଧନି ଖାଖା, ସରପଞ୍ଚ ଆଶ୍ରିତା ଏକା, ଅମ୍ବରଶେଖର ଦେଓ, ପ୍ରିୟଙ୍କା ସାହୁ, ହିମାଂଶୁ ତ୍ରିପାଠୀ, ଗଣପତି ଦାଶ, ସରୋଜ କୁମାର ଦାଶ, ରବି ନନ୍ଦ ଓ ସମସ୍ତ ଡାଇରେକ୍ଟର ଏବଂ ଲ୍ୟାମ୍ପସର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।



## ବିଧାନସଭାର ସ୍ଥାୟୀ କମିଟିର ସଦସ୍ୟଙ୍କ ଆର୍‌ଏସ୍‌ପି ପରିଦର୍ଶନ



ରାଉରକେଲା,୨୪।୧୨(ସମିସ): ଓଡ଼ିଶା ବିଧାନସଭାର ସ୍ଥାୟୀ କମିଟିର ପାଞ୍ଚ ଜଣିଆ ସଦସ୍ୟଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଛନ୍ତି । ପରିଦର୍ଶନରେ ଆସିଥିବା ବିଧାୟକମାନେ ହେଲେ ବିଭୂତିଭୂଷଣ ପ୍ରଧାନ, ପ୍ରଶାନ୍ତ ବେହେରା, ରୂପେଶ କୁମାର ପାଣିଗ୍ରାହୀ, ଡ. ଫକୀର ମୋହନ ନାୟକ ଏବଂ ଉମାଚରଣ ମଲ୍ଲିକ । ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ, ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତାଗିର, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ପାନପୋଷ ସବ-କଲେକ୍ଟର ବିଜୟ କୁମାର ନାୟକ, ଆରଏସପି କାର୍ଯ୍ୟ ବିଭାଗର ଇଡି ବିଶ୍ୱରଞ୍ଜନ ପଲାଇ, ଆରଏସପି ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ପ୍ଲାଣ୍ଟ ପରିଦର୍ଶନ ସମୟେର ପରିଦର୍ଶକଙ୍କ ସହିତ ଉପସ୍ଥିତ ଥିଲେ । ପ୍ରତିନିଧିମଣ୍ଡଳୀ ଆରଏସପିର ମଡେଲ ରୁମ ପରିଦର୍ଶନ କରିଥିଲେ, ଯେଉଁଠାରେ ସେମାନଙ୍କୁ ଆରଏସପିର ଉତ୍ପାଦନ ୟୁନିଟ୍, ସମ୍ପ୍ରସାରଣ ଯୋଜନା, ପ୍ରଯୁକ୍ତିବିଦ୍ୟାର ଉନ୍ନତି ଏବଂ ଅଞ୍ଚଳର ସାମାଜିକ-ଆର୍ଥିକ ବିକାଶରେ ଅବଦାନ ବିଷୟରେ ତଥ୍ୟ ଦିଆଯାଇଥିଲା । ଏହି ପରିଦର୍ଶନ ଏକ ଆଲୋଚନା ଅଧିବେଶନ ସହିତ ଶେଷ ହୋଇଥିଲା, ଯେଉଁ ସମୟରେ କମିଟି ସଦସ୍ୟା ଆରଏସପିର କାର୍ଯ୍ୟଦକ୍ଷତା ଏବଂ ପ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି ।

# ବରିଷ୍ଠ ବିଜେଡି ନେତାଙ୍କ ବିୟୋଗରେ ଶୋକ

ରାଉରକେଲା,୨୪।୧୨(ସମିସ): ରାଉରକେଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଜନତା ଦଳ ଓ ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ପରେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ପରଲୋକ ହୋଇଥିଲା ।

ରାଉରକେଲା ବିଜେଡି ପକ୍ଷରୁ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଛି । ସ୍ୱର୍ଗତଃ ଆନନ୍ଦ ଚନ୍ଦ୍ର ମହାନ୍ତି ଏକାଧାରରେ ଜଣେ ସୁବକ୍ତା, ସୁସଂଗଠକ, ଶ୍ରମିକ ନେତା, ଆଇନଜୀବୀ ତଥା ପ୍ରାକ୍ତନ ସୁନ୍ଦରଗଡ଼ ଜିଲ୍ଲାର ବିଜେଡ଼ି ସଭାପତି ଭାବେ ରହି ବେଶ୍ ଦାୟିତ୍ୱ ତୁଲାଇଥିଲେ । ରାଉରକେଲା ବିଜେଡି ପକ୍ଷରୁ ଜୟନ୍ତ ମିଶ୍ର, ଭବାନି କବି, ଜିତୁ ଦାସ, ଶ୍ରୀଚରଣ ମହାନ୍ତି, ମୁକ୍ତିକାନ୍ତ ବେହେରା, ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ, ମୀନତୀ ଦେବତା, ସାରନଗରୀର ଶ୍ରୀଚରଣ ସାମଲ, ଜ୍ୟୋତି ପ୍ରକାଶ ମହାନ୍ତି, ଗୋପିନାଥ ଦାସ ପ୍ରମୁଖ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

**ରାଉରକେଲା ବିଜେଡି**



ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ସ୍ୱର୍ଗତ ମହାନ୍ତି ଜନତା ଦଳରେ ଜଣେ ଆଗଧାଡ଼ିର ରାଜ ନେତା ଥିଲେ ।

**ବିଧାୟକ ସାରଦା ପ୍ରସାଦ ନାୟକ.**

**ବିଧାୟକ**

ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକଟ କରି କହିଛନ୍ତି ଯେ ସେ ରାଉରକେଲାରେ ସାମ୍ବାଦିକତା କରୁଥିବାବେଳେ ସେ ତାଙ୍କ ସହ ସମ୍ପର୍କରେ ଆସିଥିଲେ । ସେ ଜଣେ ଅପ୍ରତିଦ୍ୱନ୍ଦୀ ରାଜନେତା ତଥା ଜଣେ ସୁସଂଗଠକ ଥିଲେ ବୋଲି କହିଛନ୍ତି ।

**ଗୌତମବୁଦ୍ଧ ଦାସ**

ବୀରେନ ସେନାପତି କହିଛନ୍ତି ଶ୍ରୀ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମର୍ମାହତ । ତାଙ୍କ ଅକାଳବିୟୋଗ ରାଉରକେଲାର ରାଜନୈତିକ ଓ ସାମାଜିକ କ୍ଷେତ୍ର ତଥା ଶ୍ରମିକ ଶ୍ରେଣୀ ପାଇଁ ଏକ ଅପୂରଣୀୟ କ୍ଷତି ।

**ବୀରେନ ସେନାପତି**

ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ଉଚ୍ଚ ଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଗଭୀରଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ସ୍ୱର୍ଗତ ମହାନ୍ତିଙ୍କ ସହ ତାଙ୍କର ବ୍ୟକ୍ତିଗତ ଭାବରେ ନିବିଡ ସମ୍ପର୍କ ରହିଥିଲା, ସେ ଜଣେ ଦକ୍ଷ ସଂଗଠକ ଥିଲେ । ଏଭଳି ଅସମୟରେ ତାଙ୍କର ଅମର ଆରାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମା ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

**ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ**

ରାଉରକେଲା ଇସ୍ପାତ ଷ୍ଟାଡ଼ିୟମ ଠାରେ ପ୍ରଥମ କରି ରାଉରକେଲା ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଚନ୍ଦ୍ରଶେଖର କ୍ରୀଡା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଏବଂ ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ ସ୍ୱର୍ଗତ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ସ୍ୱର୍ଗତ ମହାନ୍ତି ପ୍ରଥମେ ବିଜୁ ପଟ୍ଟନାୟକ ଫୁଟବଲ ପ୍ରତିଯୋଗିତାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବା ସହ ରାଉରକେଲାରେ କ୍ରୀଡ଼ାର ପ୍ରଚାର ଓପ୍ରସାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ । ରାଉରକେଲାର ଜାତୀୟ ରେଫରୀ ଭାସ୍କର ନନ୍ଦ, ବିଭୁତିଭୂଷଣ ମହାନ୍ତି, କେ.ସି ଧଳ, ପ୍ରଦିପ୍ତ ମହାନ୍ତି, କେଶବ ଚନ୍ଦ୍ର ପ୍ରଧାନ, ପି କେ ପଣ୍ଡା, ପି କେ ରାଉଳ, ଜୟନ୍ତ ମହାରଣା, ସଂଜୀବ ମଲ୍ଲିକ, ରେଫରୀ ଆସୋସିଏସନର ରାଜେଶ ଭସାଇ, ଭାନୁ ବାଉରୀ, ଥବୀର ଗରୁଡ଼, ରାଜକୁମାର ପାଣିଗ୍ରାହୀ, ସୁଶାନ୍ତ ଧରତୀ, ସାମୁ ହାଁସଦା ଯୁଧିଷ୍ଠିର କୁଲସୁରୀ, ହେମନ୍ତ ହାଁସଦା, ଗଂଜିତ ଓରାମ, ବିଜୟ ତିର୍କୀ, ସରୋଜ ବାଗଙ୍କ ସମେତ କ୍ରୀଡ଼ାବିତ୍, କୋଚ୍, ରେଫରୀ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

**ଚନ୍ଦ୍ରଶେଖର କ୍ରୀଡା ସଂଗଠନ ଓ ରେଫରୀ ଆସୋସିଏସନ**

### ଆନନ୍ଦଙ୍କ ରାଜନୀତି ସ୍ମରଣୀୟ ହୋଇ ରହିବ

ରାଉରକେଲା : ଆନନ୍ଦ ଚନ୍ଦ୍ର ମହାନ୍ତି ଜଣେ ରାଜନେତା ଥିଲେ ତା ନୁହେଁ ବିଭିନ୍ନ ଶ୍ରମିକ ସଂଗଠନ ଗଠନ କରି ତାର ଗୁରୁ ଦାୟିତ୍ୱ ମଧ୍ୟ ନେଇଥିଲେ । ବିଶେଷ କରି ତାଙ୍କର ରାଜନୀତି ସ୍ମରଣୀୟ ହୋଇ ରହିବ ବୋଲି 'ମୁଁ ଓଡ଼ିଆ ମୁଁ ଗର୍ବିତ' ସଙ୍ଗଠନ ପକ୍ଷରୁ ଶୋକ ସଭାରେ ମତ ପ୍ରକାଶ ପାଇଛି । ସଙ୍ଗଠନ ପ୍ରତିଷ୍ଠାତାବିଭୁଦାନନ୍ଦ ତ୍ରିପାଠୀ, ସୁଧୀର ସୁନ୍ଦରରାୟ, ରଜତ ଚୌଧୁରୀ, ଅନିରୁଦ୍ଧ ବିଶ୍ୱାଳ, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ, ଉପସଭାପତି ନମୀତା ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଗିରିଜା ନନ୍ଦ ତ୍ରିପାଠୀ, ସାଂଗଠନିକ ସମ୍ପାଦକ ଗୋପାଳ ଜେନା, କୋଷାଧ୍ୟକ୍ଷ ଲୀନା ନାୟକ, ସମ୍ପାଦକ ପ୍ରିୟତମ ଦାସ, ସରୋଜ ନାୟକ, ଜୀତେନ ମାଛଖଣ୍ଡ, ପ୍ରିତୀରାଣୀ ରାଉତ, ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ଅଜୟ ପ୍ରସାଦ, ହିମାଂଶୁ ନାୟକ, ବିଜୟ ପ୍ରସାଦ, ଲଳିତ ରାଉତ ପ୍ରମୁଖ ଗଭୀର ଶୋକ କରିଛନ୍ତି ।

ରାଉରକେଲା ମଜଦୁର ସଭାର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ରାଉରକେଲା ଠିକାଶ୍ରମିକ ସଭା ଓ ଆଇଡିଏଲ୍ ମଜଦୁର ସଭାର ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ପରଲୋକ ଖବର ପାଇ ରାଉରକେଲାର ଶ୍ରମିକ ସମାଜ ଓ ଜନମାନସରେ ଶୋକର ଛାୟା ଖେଳିଯାଇଥିଲା । ଏହି ଉପଲକ୍ଷେ ରାଉରକେଲା ମଜଦୁର ସଭା ଓ ହିନ୍ଦ ମଜଦୁର ସଭାର ସହବନ୍ଧିତ ଶ୍ରମ ସଂଗଠନ ପକ୍ଷରୁ ଏକ ଶୋକ ସଭା ମଜଦୁର ସଭାର ସହରାଞ୍ଚଳ କାର୍ଯ୍ୟାଳୟ ସି-୮, ସେକ୍ଟର-୬ ଠାରେ ଅନୁଷ୍ଠିତ ହୋଇଥିଲା । ସଭାପତି ଶଶଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ହିନ୍ଦ ମଜଦୁର ସଭାର ସହବନ୍ଧିତ ବିଭିନ୍ନ ଶ୍ରମ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ପ୍ରଭାକର ଚମ୍ପତିରାଏ, ଆଦିକନ୍ଦ ଭୋଳ, ହରେକୃଷ୍ଣ ପାଢୀ, ଖଗେନ୍ଦ୍ର ବେହେରା, କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଦିଲୀପ ଜେନା, ପ୍ରମୋଦ କୁମାର ଦାସ, ପତିତପାବନ ଜେନା, ସତ୍ୟାନନ୍ଦ ବେହେରା, ରବିନାରାୟଣ ପରିଡା, କେଦାର ଦାସ , ଦିଗମ୍ବର ମହାନ୍ତି, ସରୋଜ ରାଉଳ, ଜଗଦୀଶ ପଣ୍ଡା, ଅଜୟ କୁମାର ଦାସ, ଅଜୟ ପାତ୍ର, ମୀନକେତନ ବେହେରା, ପ୍ରମୋଦ କୁମାର ଜେନା, ପ୍ରଫୁଲ୍ଲ ବେହେରା, ବିଜୟ ଜେନା, ସଞ୍ଜୀବ ସାହୁ ସ୍ୱର୍ଗତ ମହାନ୍ତିଙ୍କ ଆମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

**ମଜଦୁର ସଭା**

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

### ● ଚିନ୍ମୟ ପବ୍ଲିକ୍ ସ୍କୁଲ

ରାଉରକେଲା, ୨୪।୧୨(ସମିସ): ଚିନ୍ମୟ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସିଂଙ୍କ ଅଧ୍ୟକ୍ଷତାରେ କବି କୁଞ୍ଜବିହାରୀ ରାଉତ, ଟାଙ୍ଗରପାଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଯୋଗଦେଇଥିଲେ । ଚିନ୍ମୟ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶ ମୋହନୀ, ସହ ନିର୍ଦ୍ଦେଶକ ରାଜେଶ ଦାଶମୋହିନୀ, ସମ୍ପାଦକ ପ୍ରତିଭା ଦାଶ ମୋହିନୀ, ସୁବାସ ଚନ୍ଦ୍ର ପାତ୍ର, ନୃସିଂହ ପ୍ରସାଦ ପାତ୍ର, କୈଳାଶ ଚନ୍ଦ୍ର ଦାସ, ଅମିତାଭ ଠାକୁର ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ପ୍ରଶିକ୍ଷକ ରମାକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଶ୍ରୀକାନ୍ତ ବୁଡା, ନମିତା ସେନାପତି, ଦୀକ୍ଷା ଲେଙ୍କା, ଏମ୍. ମାର୍ଥା, ସୌଦାମିନୀ ମହାକୁଲ, ଏସ୍‌କେ ଦାସ, ରଶ୍ମୀ ରାୟଗୁରୁ, ମେଘା ଦାସ, ବୀଣାପାଣି ସାହୁ, ବବିତା ମୁଦୁଲି, ଟି. ଦାସ, ଏସ୍. ସିଂହ, କଳ୍ପନା, ବିଜୟଲକ୍ଷ୍ମୀ ମିଶ୍ର, ଇରା ମହାନ୍ତି, ରିୟା ମହାନ୍ତି, ଏସ୍. ସାହାଣୀ, ପ୍ରତିମା ଦେଓ, ନିବେଦିତା ମିଞ୍ଜ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ସଂଯୁକ୍ତା ତନ୍ତୀଙ୍କ ସଂଯୋଜନା କରିଥିଲେ ।

### ● କୋଇଡ଼ା ଡିଗ୍ରୀ ମହାବିଦ୍ୟାଳୟ

କୋଇଡା: କୋଇଡା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରମେନ୍ଦ୍ର କୁମାର ସର, ସମାଜସେବୀ ପ୍ରଭାତ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ବାଦଲ ବାରିକ ଓ ଗୋପୀନାଥ ମହାନ୍ତ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ବିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ପଟ୍ଟନାୟକ ଯୋଗଦେଇଥିଲେ । ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ସମ୍ମାନିତ ଅତିଥି କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରମେନ୍ଦ୍ର ସର, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, ବିଦ୍ୟାଧର ମହାନ୍ତ, କ୍ରିତିକାନ୍ତ ଦାସ ମହାପାତ୍ର ପରିଚାଳନା କରିଥିଲେ ।



ସକାଳ
THE SAKALA

# ଗାଜାର ଗଜବ ସ୍ଥିତି

ଇସ୍ରାଏଲ ଓ ଗାଜା ମଧ୍ୟରେ ଗତ ଅକ୍ଟୋବର ୧୦ ରୁ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ତାହା କେତେଦୂର ଯଥାର୍ଥରେ କାର୍ଯ୍ୟକାରୀ ହେଉଛି ସେଥିପ୍ରତି ଦୃଷ୍ଟିଦେବାକୁ ମଧ୍ୟସ୍ଥଙ୍କ ଭୂମିକା ନଗଣ୍ୟ ହୋଇପଡ଼ିଛି। ଇତିମଧ୍ୟରେ ଇସ୍ରାଏଲ ୮୦୦ ଥର ଯୁଦ୍ଧବିରତି ଉଲ୍ଲଘଂନ କରି ୩୮୬ ଜଣଙ୍କୁ ହତ୍ୟା କରିଛି। ୫ ଦିନ ତଳେ ହମାସର ଜଣେ ସିନିୟର କମାଣ୍ଡର ଇସ୍ରାଏଲ୍ ଆକ୍ରମଣରେ ନିହତ ହୋଇଛନ୍ତି। ଏକଥା ସତ ଯେ ପୂର୍ବଭଳି ଯୁଦ୍ଧ ଘନଘଟାର ତୀବ୍ରତା ନାହିଁ। ପ୍ରବଳ ବର୍ଷାରେ ଗାଜାର ଅସ୍ଥାୟୀ ଶିବିର ଜଳମଗ୍ନ ହୋଇଛି। ସେମାନଙ୍କ ପୁନଃଥଇଥାନ ଓ ରିଲିଫ୍ ଯୋଗାଣ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏମିତିରେ ପୁନଃନିର୍ମାଣ ପ୍ରକଳ୍ପର କୌଣସି ଆଭାସ ଦେଖାଯାଉ ନାହିଁ। ନେତାନ୍ୟାହୁଙ୍କ ପରାମର୍ଶରେ ଡୋନାଲ୍ଡ ଟ୍ରମ୍ପ ହମାସଙ୍କୁ କିଭଳି ନିରସ୍ତ୍ର କରାଯିବ ସେ ନେଇ ବ୍ୟସ୍ତ ବିବ୍ରତ। ଏଥି ସକାଶେ ଆନ୍ତର୍ଜାତିକ ସ୍ଥିରତା ବାହିନୀ (ଆଇଏସଏଫ) ଗଠନରେ ସେ କିଛି ମୁସଲିମ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ବାହିନୀରେ ପାକିସ୍ତାନର ୩୦୦ ସୈନ୍ୟ. ଯୋଗ ଦେଇଥିବାର ଜଣାପଡ଼ିଛି। ପାକ୍ ସେନାବାହିନୀ ମୁଖ୍ୟ ଅସିମ ମୁନୀରଙ୍କ ସହ ଟ୍ରମ୍ପଙ୍କ ପ୍ରତ୍ୟକ୍ଷ ଆଲୋଚନା ସଫଳ ହୋଇଛି। ଏହି ବାହିନୀରେ ସାଉଦୀ ଆରବ, ମିଶର ଓ ଜୋର୍ଡାନର ଯୋଗଦାନ ରହିବାର ସୂଚନା ମିଳିଛି।

ମୁନୀରଙ୍କ ନିଷ୍ପତ୍ତି ପରେ ପାକିସ୍ତାନରେ ପ୍ରବଳ ପ୍ରତିକ୍ରିୟା ମୁଣ୍ଡ ଟେକିଛି। ଇମରାନ ଖାଁ ଓ ତାଙ୍କ ଭଉଣୀଙ୍କ ନେତୃତ୍ୱରେ ପରିଚାଳିତ ଦଳୀୟ କର୍ମୀଙ୍କ ବିକ୍ଷୋଭ ଓ ସମାବେଶକୁ ଆତଙ୍କବାଦ ନିରୋଧ ଆଇନ ବଳରେ ଦମନ କରାଯାଉଥିବା ବେଳେ ଗାଜାରେ ସୈନ୍ୟ ମୁତୟନକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ଦେଶରେ ସକ୍ରିୟ ଥିବା ଇସ୍ରାଏଲ ବିରୋଧୀ ଗୋଷ୍ଠୀ ବଡ଼ ଧରଣର ମେଳି ଓ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଥିବାର ଜଣାପଡ଼ିଛି। ଗାଜାରେ ଅସ୍ତ୍ରବିରତି ପରେ ଶାନ୍ତି ଫେରି ଆସି ନ ଥିବା ବେଳେ ଏହି ସ୍ଥିରତା ବାହିନୀ ଗଠନର ଆବଶ୍ୟକତା କ'ଣ? ସୂଚନାଯୋଗ୍ୟକି ଇସ୍ରାଏଲର ସ୍ଥଳବାହିନୀ ପରିସ୍ଥିତି ସମ୍ଭାଳିବାକୁ ଅସାମର୍ଥ୍ୟ ପ୍ରକାଶ କରିଛି। ସ୍ଥଳବାହିନୀ ମୁଖ୍ୟଙ୍କ ସୂଚନା ଅନୁଯାୟୀ ବିପୁଳ ସଂଖ୍ୟାରେ ଯବାନ୍ ଇସ୍ତଫା ଦେଇଛନ୍ତି। କେବଳ ବାୟୁସେନା ମାଧ୍ୟମରେ ଆକାଶ ମାର୍ଗରୁ ଯୁଦ୍ଧର ଚଳଚଞ୍ଚଳତା ଜାରି ରହିଛି। ହମାସଙ୍କୁ ନିରସ୍ତ୍ର କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ କିଛି ମୁସଲମାନ ରାଷ୍ଟ୍ରଙ୍କ ସେନା ମୁତାୟନ କରି ହମାସଙ୍କ ବିରୋଧରେ ସେମାନଙ୍କୁ ଲଢ଼ାଇଦେବାର ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ନେତାନ୍ୟାହୁଙ୍କ ଏହି ପ୍ରସ୍ତାବକୁ ଗ୍ରହଣ କରି ଟ୍ରମ୍ପ ମଧ୍ୟପ୍ରାଚ୍ୟର ସହଯୋଗୀ ରାଷ୍ଟ୍ର ଓ ପାକିସ୍ତାନ ଉପରେ ଚାପ ପ୍ରୟୋଗ କରିଛନ୍ତି। ମୁନୀର ଏହାକୁ ମାନି ନେଇ ନିଜ ଦେଶରେ ପ୍ରବଳ ଚାପର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଶାନ୍ତି ରାଜିନାମାର ଅନ୍ୟତମ ସହଯୋଗୀ କାତାର ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯାଇ ବୈଦେଶିକ ମନ୍ତ୍ରୀ ରୁବେରିଓଙ୍କ ସହ ଆଲୋଚନା କରିଛନ୍ତି। ଇସ୍ରାଏଲର ଅସ୍ତ୍ରବିରତି ଉଲ୍ଲଘଂନ ଓ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ଉଦ୍ୟମକୁ ପଣ୍ଡ କରିଦେବା ପାଇଁ ପ୍ରୟାସ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ନେତାନ୍ୟାହୁଙ୍କ ଆଭିମୁଖ୍ୟ ଯାହା, ସେଥିରେ ଗାଜାରେ ଯେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବ ସେ ଆଶା ଊଣା। ହସମାସଙ୍କୁ ନିରସ୍ତ୍ର କରିବା ନାମରେ ପରସ୍ପର ବିରୋଧରେ ଲଢ଼େଇ ସକାଶେ ଯେଉଁ ଯୋଜନା ହୋଇଛି ତାହାର ପରିଣାମ ଭୟଙ୍କର ହେବ।

# ଓମାନ ପରେ ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ ସହ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି। ୨୦୨୧ ପରେ ଭାରତର ଏହା ହେବ ସପ୍ତମ ବାଣିଜ୍ୟ ରାଜିନାମା। ଦୁଇଦେଶ ମଧ୍ୟରେ ୯ ମାସ ଧରି ଏହି ଚୁକ୍ତିନାମା ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ଅନ୍ତ ଘଟିଛି। କେବଳ ନ୍ୟୁଜିଲାଣ୍ଡ ସଂସଦର ଅନୁମୋଦନକୁ ଅପେକ୍ଷା। ଭାରତର ଶତପ୍ରତିଶତ ଓ ନ୍ୟୁଜିଲାଣ୍ଡ ୯୫ ପ୍ରତିଶତ ସାମଗ୍ରୀ ରପ୍ତାନି ଶୁଳ୍କ ମୁକ୍ତ ହୋଇଛି। ଦୁଇଦେଶର ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଏହି ରାଜିନାମା ଘୋଷଣା କରିଛନ୍ତି। ସପ୍ତାହକ ପୂର୍ବରୁ ଗଲ୍ଫ ରାଷ୍ଟ୍ର ଓମାନ ସହ ମଧ୍ୟ ଭାରତ ଅନୁରୂପ ରାଜିନାମା ସ୍ୱାକ୍ଷର କରିଥିଲା।

ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ବ୍ୟବସାୟ କ୍ଷେତ୍ରରେ ରକ୍ଷଣଶୀଳ ନୀତି ଅନୁସରଣ କରୁଥିବାରୁ ନିଜ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରାଜିନାମାରେ ଉପନୀତ ହେଉଛନ୍ତି। ଯେମିତି ନ୍ୟୁଜିଲାଣ୍ଡ ସହ ହୋଇଥିବା ରାଜିନାମାରୁ କୃଷିଜାତ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବାଦ ଦିଆଯାଇଛି। ୟୁକେ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମାରେ ମଧ୍ୟ ଭାରତ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରିଛି। ଅନ୍ୟ ପକ୍ଷରେ ଭାରତୀୟ ଚାଷୀ ନ୍ୟୁଜିଲାଣ୍ଡର ସଂପ୍ରାସାରିତ ବଜାରରେ ସୁଯୋଗ ପାଇବା ସହ ବୈଷୟିକ ସହାୟତା ମଧ୍ୟ ହାସଲ କରିବ। ମୁକ୍ତ ବାଣିଜ୍ୟ ରାଜିନାମାରେ ଦୁଗ୍ଧଜାତ ଦ୍ରବ୍ୟ ଓ କୃଷି ଉତ୍ପାଦକୁ ବାଦ ଦିଆଯାଉଥିବାରୁ ନ୍ୟୁଜିଲାଣ୍ଡ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ତେବେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ କହିବା କଥା ହେଲା, ଭରତ ତାହାର ଦୁଗ୍ଧ ବଜାରକୁ ଅନ୍ୟ ଦେଶ ପାଇଁ ମୁକ୍ତ କରିପାରିବ ନାହିଁ। ସେହିଭଳି ଚାଉଳ, ଗହମ, ସୋୟାବିନ ଓ ଅନ୍ୟାନ୍ୟ କୃଷି ଉତ୍ପାଦ କ୍ଷେତ୍ରରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ।

ଏହି ରାଜିନାମାର ବୃହତ୍ତର ଦିଗ ହେଲା, ନ୍ୟୁଜିଲାଣ୍ଡ ଏକାଥରକେ ଭାରତୀୟଙ୍କ ପାଇଁ ୫୦୦୦ ଭିସା ଦେବ। ତାହା ସହ ତିନିବର୍ଷ ରହଣି ପାଇଁ ମଧ୍ୟ ଅନୁମତି ପ୍ରଦାନ କରିବ। ଏହାଦ୍ୱାରା ଭାରତୀୟ ଛାତ୍ରଙ୍କ ପାଇଁ ଉଚ୍ଚତର ଶିକ୍ଷାଲାଭ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଚ୍ଚ ପେସାଦାରଙ୍କ ସହାୟତାର ଆବଶ୍ୟକତା ମଧ୍ୟ ଅଛି। ତେଣୁ ସାମୟିକ ଭିସା ମାଧ୍ୟମରେ ସେମାନେ ସେଠାରେ ଉପକୃତ ହୋଇପାରିବେ। ଆଗାମୀ ଦିନରେ ନ୍ୟୁଜିଲାଣ୍ଡରେ ବିପୁଳ ନିଯୁକ୍ତି ସୁଯୋଗ ଥିବାରୁ ଏହି ବୁଝାମଣା ଭାରତୀୟ ଶ୍ରମଭିତ୍ତିକ କର୍ମୀଙ୍କ ପାଇଁ ସମ୍ଭାବନାର ପଥ ଉନ୍ମୁକ୍ତ କରିଛି। ୨୦୨୪ ରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା କାରବାର ୨୪୦ କୋଟି ଡଲାର ଥିଲା। ସେଥିମଧ୍ୟରୁ କେବଳ ସେବା ବାବଦ ଅଂଶ ୧୨୪ କୋଟି ଡଲାର। ଆଗାମୀ ଦିନରେ ଭାରତୀୟ କମ୍ପାନୀଗୁଡ଼ିକ ନ୍ୟୁଜିଲାଣ୍ଡରେ ନିଜର ସ୍ଥିତି ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି। ସର୍ବୋପରି ଦେଶର ବୟନ, ପୋଷାକ, ଚମଡ଼ା ସାମଗ୍ରୀ ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି ପାଇଁ ବିପୁଳ ସୁଯୋଗ ସୃଷ୍ଟି ହୋଇଛି।

ଭାରତ ଭଳି ଦ୍ରୁତ ଗତିଶୀଳ ଅର୍ଥନୀତି ପାଇଁ ବିଭିନ୍ନ ରାଷ୍ଟ୍ରସହ ବାଣିଜ୍ୟ କାରବାରର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ବଜାର ଅର୍ଥନୀତିରେ ବାଣିଜ୍ୟିକ ସ୍ୱାର୍ଥରକ୍ଷା ସହ କୂଟନୈତିକ ସଂପର୍କ ସୁଦୃଢ଼ କରିବା ପ୍ରତି ରାଷ୍ଟ୍ରନାୟକମାନେ ପ୍ରାଧାନ୍ୟ ଦେଇଥିବାରୁ ଦିନକୁ ଦିନ ନୂଆ ବିକଳ୍ପ ମଞ୍ଚ ମୁଣ୍ଡ ଟେକୁଥିବାର ପରିଲକ୍ଷିତ ହେଉଛି।

# ସମ୍ପାଦକୀୟ



ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ମହିଳା ସଶକ୍ତୀକରଣ ଦ୍ୱାରା ଜନସଂଖ୍ୟା ବିସ୍ଫୋରଣକୁ ରୋକାଯାଇପାରିବ।
-ବିଲ୍ ଗେଟ୍ସ

# ପରମାଣୁ ଶକ୍ତି ବିକାଶ ଓ 'ଶାନ୍ତି'

ଇଂ ମାୟାଧର ସ୍ୱାଇଁ

ନିକଟରେ ଶେଷ ହୋଇଥିବା ସଂସଦର ଶୀତ ଅଧିବେଶନରେ ଦେଶରେ ପରମାଣୁ ଶକ୍ତିର ବିକାଶ ପାଇଁ ଏକ ବିଧେୟକ ପାରିତ ହୋଇଛି। ଏହା ହେଉଛି 'ସଷ୍ଟେନେବଲ୍ ହାର୍ସେନିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର ଟ୍ରାନ୍ସଫରମିଙ୍ଗ ଇଣ୍ଡିଆ' ବା ସଂକ୍ଷେପରେ 'ଶାନ୍ତି' ବିଲ୍। ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ଦୁଇଟି ଆଇନ୍ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଉଛି 'ପରମାଣୁ ଶକ୍ତି ଆଇନ-୧୯୬୨' ଏବଂ 'ପରମାଣିକ କ୍ଷତି ପାଇଁ ଦାୟିତ୍ୱ ଆଇନ-୨୦୧୦'। ନୂତନ ବିଲ୍ ଏହି ଦୁଇଟି ଆଇନ୍ ପ୍ରତିବଦଳରେ ପ୍ରଚଳିତ ହେବ। ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରମାଣୁ ଶକ୍ତି କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକୁ ଅନୁମତି ଦେବା।

ବର୍ତ୍ତମାନ ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ସରକାରୀ ସ୍ତରରେ କିମ୍ବା ସରକାରଙ୍କ ଅଧୀନସ୍ଥ ସଂସ୍ଥା 'ଭାରତୀୟ ଆଣବିକ ନିଗମ ଲିମିଟେଡ' ହାତରେ ଅଛି। ତା' ହେଲେ ଏହାକୁ ବେସରକାରୀ କମ୍ପାନୀକୁ ସମର୍ପଣ କରିବାର ଉଦ୍ଦେଶ୍ୟ କ'ଣ? ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍‌ରୁ ଆସୁଛି। ତାହା ହିଁ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ। ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ରାଜିନାମା ହୋଇଛି ଏବଂ ଭାରତ ସେଥିରେ ସ୍ୱାକ୍ଷର କରିଛି। ତାପଜ ବିଦ୍ୟୁତ୍‌ର ଏକ ବିକଳ୍ପ ଭାବରେ ପରମାଣୁ ଶକ୍ତିକୁ ବିଚାର କରାଯାଉଛି। ଏଣୁ ଭାରତ ସରକାର ୨୦୪୭ ମସିହା ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ୧୦୦ ଗିଗାୱାଟ୍‌କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସରକାରୀ ସ୍ତରରେ ଏହା ହାସଲ କରିବା ସମ୍ଭବ ନୁହେଁ ମନେ କରି ସରକାର ଏହି ପଦକ୍ଷେପ ନେଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ମହାରାଷ୍ଟ୍ରର ତାରାପୁରଠାରେ ୧୯୬୯ ମସିହାରେ ସ୍ଥାପିତ ହୋଇଥିଲା ଏବଂ ୨୦୨୫ ମସିହା ଡିସେମ୍ବର ମାସ ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ପ୍ରତିଷ୍ଠିତ କ୍ଷମତା ହେଉଛି ୮୭୮୦ ମେଗାୱାଟ୍ (୮.୭୮ ଗିଗାୱାଟ୍)। ଏହା ହେଉଛି ଦେଶର ମୋଟ ବିଦ୍ୟୁତ୍ ଉତ୍ପାଦନର ମାତ୍ର ତିନି ପ୍ରତିଶତ। ପରମାଣୁ ଶକ୍ତି ପ୍ରତିଷ୍ଠାର ଏହି କଚ୍ଛପ ଗତିକୁ ଦେଖିଲେ ଆଉ ୨୨ ବର୍ଷ ମଧ୍ୟରେ ଏହା ଆଠଗୁଣ ବୃଦ୍ଧି ପାଇବା ଆଶା କରିବା ବୃଥା। ସରକାରୀ ସ୍ତରରେ ଅର୍ଥାଭାବ ସାଙ୍ଗକୁ ଶାସନଗତ ଓ ଅମଲାତାନ୍ତ୍ରିକ ଅସୁବିଧା ଅଛି, ଯାହା ବେସରକାରୀ କମ୍ପାନୀ ପାଖରେ ନାହିଁ।

ପନ୍ଦର ବର୍ଷ ପୂର୍ବେ କ୍ଷୁଦ୍ର ପରମାଣୁ ରିଆକଟର ଓ ଭାରତ କ୍ଷୁଦ୍ର ରିଆକ୍ଟର ବିଷୟରେ ଜଣା ନଥିଲା କିମ୍ବା କେହି ଏହାର କଳ୍ପନା ମଧ୍ୟ କରି ନ ଥିଲେ। ୫ ମେଗାୱାଟ୍, ୫୫ ମେଗାୱାଟ୍ ଓ ୨୦୦ ମେଗାୱାଟ କ୍ଷମତାର ପରମାଣୁ ରିଆକ୍ଟରଗୁଡ଼ିକ ହେଉଛି ଦକ୍ଷ ଓ ନିରାପଦ ଏବଂ ଏହାର ନିର୍ମାଣ ସମୟ ବହୁତ କମ୍। ଏଗୁଡ଼ିକୁ ବେସରକାରୀ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିପାରିବେ ବୋଲି ଆଶା କରାଯାଉଛି। ଅନେକଙ୍କର ଧାରଣା ଯେ ପରମାଣୁ ଶକ୍ତି କେବଳ ବିଦ୍ୟୁତ୍ ଉତ୍ପାଦନ ଓ ଅସ୍ତ୍ର (ବୋମା) ନିର୍ମାଣ ପାଇଁ ବ୍ୟବହୃତ ହେଉଛି। କିନ୍ତୁ ଶାନ୍ତି କ୍ଷେତ୍ରରେ ଏହାର ଅନେକ ଉପଯୋଗ ହେଉଛି। ଏଣୁ ବେସରକାରୀ ସ୍ତରରେ ପରମାଣୁ ଶକ୍ତି ଉତ୍ପାଦିତ ହେଲେ ଏହି ସବୁ କ୍ଷେତ୍ର ପାଇଁ ସହଜରେ ଉପଲବ୍ଧ ହୋଇପାରିବ।

ବିଲ୍ ଅନୁଯାୟୀ କେନ୍ଦ୍ର ସରକାରଙ୍କ କୌଣସି ବିଭାଗ, ସରକାରୀ କମ୍ପାନୀ, ବେସରକାରୀ କମ୍ପାନୀ କିମ୍ବା ଯୌଥ କମ୍ପାନୀ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ପାଇଁ ସରକାରଙ୍କଠାରୁ ଲାଇସେନ୍ସ ନେବାକୁ ପଡ଼ିବ। ଏହାପରେ ସେମାନେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ, ପ୍ରଚଳନ କିମ୍ବା ଭାଙ୍ଗି ପାରିବେ। ସେମାନଙ୍କ କାର୍ଯ୍ୟ ମଧ୍ୟରେ ପରମାଣୁ ଇନ୍ଧନ ନିର୍ମାଣ, ପରମାଣୁ ଇନ୍ଧନ କିମ୍ବା ବ୍ୟବହୃତ ଇନ୍ଧନର ପରିବହନ ଓ ସଞ୍ଚୟ ଏବଂ ପରମାଣୁ ପଦାର୍ଥ, ଉପକରଣ, ପ୍ରଯୁକ୍ତିବିଦ୍ୟା କିମ୍ବା ସଫ୍ଟୱେୟାର ରପ୍ତାନି ଓ ଆମଦାନୀ ଅନ୍ତର୍ଭୁକ୍ତ।

ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଦୁଇଟି ବଡ଼ ବିପତ୍ତି ଅଛି। ଗୋଟିଏ ହେଉଛି ପରମାଣୁ ବିକିରଣ ଜନିତ ନିରାପତ୍ତା ଏବଂ ଅନ୍ୟଟି ହେଉଛି ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଏହାର ଦୁରୁପଯୋଗ। ପରମାଣୁ କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ବିକିରଣ ଯୋଗୁଁ ଅନେକ କ୍ଷତି ହୋଇପାରେ ଏବଂ ପରମାଣୁ ବୋମାର ଭୟାବହତା ସମସ୍ତଙ୍କୁ ଜଣା। ଏଥିପାଇଁ ଭାରତ ସମେତ ଅନେକ ଦେଶରେ ପରମାଣୁ କାର୍ଯ୍ୟକ୍ରମ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ନୂତନ ବିଲ୍‌ରେ ସରକାର ବେସରକାରୀ ସ୍ତରକୁ ଏହାକୁ ପ୍ରସାରଣ କରିଥିବାରୁ ଏହି ଉଭୟ ବିପତ୍ତିକୁ ଲକ୍ଷ୍ୟ କରି ଏଥିରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି। ସରକାର ପରମାଣୁ ପଦାର୍ଥ ଓ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖିବେ। ପରମାଣୁ ଶକ୍ତିର ଇନ୍ଧନ ହେଉଛି ୟୁରାନିୟମ ଓ ଅନ୍ୟ କେତେକ ବିଖଣ୍ଡନୀୟ ପଦାର୍ଥ। ସରକାର ଏହାର ନିରୀକ୍ଷଣ କରିବେ। ବ୍ୟବହୃତ ପରମାଣୁ ଇନ୍ଧନକୁ ନିର୍ଦ୍ଦିଷ୍ଟ ଶୀତଳନ ଅବଧି ପର୍ଯ୍ୟନ୍ତ ନିରାପଦରେ ରଖିବାକୁ ହେବ ଏବଂ ଏହା ପରେ ଏହାକୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡ଼ିବ। ପରମାଣୁ କେନ୍ଦ୍ରରେ ମନ୍ଦକ ଭାବେ ଭାରୀଜଳ ବ୍ୟବହୃତ ହୁଏ ଏବଂ ବିଲ୍ ଅନୁଯାୟୀ ବ୍ୟବହାର ପରେ ଏହାକୁ ମଧ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ।

ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ କ୍ରିୟାକଳାପଗୁଡ଼ିକ ସରକାରଙ୍କର ଅଧୀନରେ ଅଛି। ଏହିସବୁ ମଧ୍ୟରେ ୟୁରାନିୟମ୍ ସମୃଦ୍ଧିକରଣ, ବ୍ୟବହୃତ ପରମାଣୁ ଇନ୍ଧନର ପୁନଃପ୍ରକ୍ରିୟାକରଣ, ପରମାଣୁ ଅବଶେଷର ପରିଚାଳନା ଏବଂ ଭାରୀଜଳ ଉତ୍ପାଦନ ଅନ୍ତର୍ଭୁକ୍ତ। ପୁନଶ୍ଚ ଖଣିରୁ ୟୁରାନିୟମ୍ ଓ ଥୋରିୟମ୍ ନିଷ୍କାସନ ମଧ୍ୟ କେବଳ ହେଉଛି ସରକାରଙ୍କର ଅଧିକାର। ଏହାର ଉତ୍ତୋଳନ କେବଳ ସରକାରଙ୍କ ନିୟନ୍ତ୍ରିତ କମ୍ପାନୀ କରିପାରିବେ ଏବଂ ସରକାରଙ୍କର ବିନା ଅନୁମତିରେ ଏଗୁଡ଼ିକର ବିକ୍ରି କିମ୍ବା ପରିବହନ ହୋଇ ପାରିବ ନାହିଁ।

'ଶାନ୍ତି' ବିଲ୍‌ରେ ଏକ ଉଲ୍ଲେଖନୀୟ ଧାରା ହେଉଛି ପରମାଣୁ ଶକ୍ତିଜନିତ ଦୁର୍ଘଟଣାର କ୍ଷୟକ୍ଷତି ପୂରଣ। ଯଦି କୌଣସି ପରମାଣୁ ଦୁର୍ଘଟଣା ହୁଏ, ତା' ହେଲେ ଏହାକୁ ଚଳାଉଥିବା କମ୍ପାନୀ ଏଥିପାଇଁ ଦାୟୀ ହେବ ଏବଂ ପୀଡ଼ିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବ। ଏଥିମଧ୍ୟରେ ବିଦ୍ୟୁତ୍ କେନ୍ଦ୍ରରେ ଦୁର୍ଘଟଣା ଏବଂ ପରିବହନ ସମୟରେ ଦୁର୍ଘଟଣା ଅନ୍ତର୍ଭୁକ୍ତ। ଅବଶ୍ୟ ଯଦି ଜଣେ ବ୍ୟକ୍ତିର ନିଜର ଅବହେଳା ଯୋଗୁଁ ସେ କ୍ଷତିଗ୍ରସ୍ତ ହୋଇଥାଏ, ତା' ହେଲେ ସେ କ୍ଷତିପୂରଣ ପାଇବ ନାହିଁ। ପ୍ରତ୍ୟେକ ଦୁର୍ଘଟଣା ପାଇଁ କ୍ଷତିପୂରଣର ଏକ ସର୍ବୋଚ୍ଚ ସୀମା ବିଲ୍‌ରେ ନିର୍ଦ୍ଧାରଣ କରାଯାଇଛି। ଏହା ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ କ୍ଷମତା ଉପରେ ନିର୍ଭର କରେ। ୩୬୦୦ ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ କେନ୍ଦ୍ର ପାଇଁ ଏହା ୩୦୦୦ କୋଟି ଟଙ୍କା ଥିବା ବେଳେ ୧୫୦୦ରୁ ୩୬୦୦ ମେଗାୱାଟ ମଧ୍ୟରେ କ୍ଷମତା ପାଇଁ ୧୫୦୦ କୋଟି ଟଙ୍କା, ୭୫୦ ରୁ ୧୫୦୦ ମେଗାୱାଟର ରିଆକ୍ଟର ପାଇଁ ୭୫୦ କୋଟି ଟଙ୍କା, ୧୫୦ ରୁ ୭୫୦ ମେଗାୱାଟ କ୍ଷମତା ପାଇଁ ୩୦୦ କୋଟି ଟଙ୍କା ଏବଂ ଛୋଟ ରିଆକ୍ଟର, ଇନ୍ଧନ ଚକ୍ର ଉପକରଣ ଓ ପରମାଣୁ ପଦାର୍ଥର ପରିବହନ କ୍ଷେତ୍ରରେ ଏହା ୧୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ପରମାଣୁ ନିୟମ ଉଲଙ୍ଘନକାରୀଙ୍କୁ ମଧ୍ୟ ବିଦ୍ୟୁତ୍ କେନ୍ଦ୍ରର କ୍ଷମତା ଅନୁଯାୟୀ ୫୦ ହଜାର ଟଙ୍କାରୁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଅଛି।

ଦେଶରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମର ନିୟନ୍ତ୍ରଣ ପାଇଁ 'ପରମାଣୁ ଶକ୍ତି ନିୟାମକ ପରିଷଦ' ଅଛି। ନୂତନ ବିଲ୍‌ରେ ଏହାକୁ ଅଧିକ କ୍ଷମତା ଦିଆଯାଇଛି ଏବଂ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରାଯାଇଛି। ଏହି ବିଲ୍‌କୁ ଅନେକ ସ୍ୱାଗତ କରିଥିବା ବେଳେ କେତେକ ବିରୋଧ ମଧ୍ୟ କରୁଛନ୍ତି। ଏହାଦ୍ୱାରା ନିଶ୍ଚିତ ଭାବେ ଦେଶରେ ସ୍ୱଚ୍ଛ ଓ ପରିଷ୍କାର ବିଦ୍ୟୁତ୍‌ର ବିକାଶ ହେବ। କିନ୍ତୁ ସମ୍ବେଦନଶୀଳ ପରମାଣୁ ଶକ୍ତିକୁ ସରକାରୀ କଳ ବାହାରକୁ ଦେବାର ନିରାପତ୍ତାଜନିତ ଚିନ୍ତା ମଧ୍ୟ ରହିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଇଂଲଣ୍ଡ, ଫିନଲାଣ୍ଡ ଓ କାନାଡ଼ାରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ ବେସରକାରୀ ଭାବେ ହେଉଛି ଏବଂ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ। ଏଣୁ ଆମ ଦେଶରେ ଏହା ମଧ୍ୟ ଠିକ୍ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରିବା। କେବଳ ସରକାରଙ୍କ ଆୟୁକ୍ତ ନିରୀକ୍ଷଣ ଓ ସତର୍କତା ଆବଶ୍ୟକ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ସଂସଦରେ ଚା' ଭୋଜି: ଭାରତୀୟ ଗଣତନ୍ତ୍ରର ସଭ୍ୟ ପରମ୍ପରା

ରାଜେଶ କୁମାର ତ୍ରିପାଠୀ

ତୀବ୍ର ବାଦ-ବିବାଦ, ପ୍ରତିବାଦ, ବିରୋଧ, ଆରୋପ-ପ୍ରତ୍ୟାରୋପ ଓ ରାଜନୈତିକ ଉତ୍ତେଜନା ମଧ୍ୟରେ ସଂସଦର ଶୀତକାଳୀନ ଅଧିବେଶନ ସମାପ୍ତ ହୋଇଛି। ଅଧିବେଶନ ସମୟର ଏହିଭଳି ଦୃଶ୍ୟ ଆମ ସମସ୍ତଙ୍କ ପାଇଁ ସାଧାରଣ। ଭିନ୍ନ ମତ ଓ ତୀବ୍ର ତର୍କ ଛଡ଼ା ଗଣତନ୍ତ୍ର ଚାଲେ ନାହିଁ। କିନ୍ତୁ ଗଣତନ୍ତ୍ରର ଶକ୍ତି କେବଳ ତର୍କରେ ନୁହେଁ, ତର୍କରେ ସଂଯମ ଓ ସମ୍ମାନକୁ ଧରି ରଖିବାରେ ରହିଛି। ସେଇଠି ଆସେ ସଂସଦର 'ଚା' ଭୋଜି'ର ମହତ୍ତ୍ୱ।

ଲୋକସଭା ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତ୍ୟେକ ଅଧିବେଶନ ପରେ ଆୟୋଜିତ ଏହି ଚା' ଭୋଜି କେବଳ ଏକ ସାମାଜିକ ଔପଚାରିକତା ନୁହେଁ। ଏହା ଭାରତର ସଭ୍ୟତାମୟ ଗଣତାନ୍ତ୍ରିକ ପରମ୍ପରାର ନିଦର୍ଶନ, ଯେଉଁଠି ଚା' କପର ଉଷ୍ମତା ଭିତରେ ବାଦ-ବିବାଦ ଜନିତ ଉତ୍ତେଜନା ପ୍ରଶମିତ ହୁଏ। ବିରୋଧୀ ଦଳର ପ୍ରତିନିଧି ମଧ୍ୟ ସରକାରଙ୍କର 'ଶତ୍ରୁ' ନୁହନ୍ତି, ବରଂ 'ସହଯାତ୍ରୀ', ଏହାକୁ ଅନୁଭବ କରାଇବାର ସୌଜନ୍ୟଭରା ଅବକାଶ ତିଆରି କରନ୍ତି ଲୋକସଭା ଅଧ୍ୟକ୍ଷ। ଚଳିତ ଥର ଶାସକ ଓ ବିରୋଧୀ ଉଭୟ ପକ୍ଷର ସୁସ୍ଥ ଉପସ୍ଥିତି ଏହି ପରମ୍ପରାକୁ ଆଉ ଗୋଟିଏ ସକାରାତ୍ମକ ବାର୍ତ୍ତା ଦେଇଛି, ଯାହା କେବଳ ଶବ୍ଦରେ ନୁହେଁ, ମନୋଭାବରେ ମଧ୍ୟ ପ୍ରକାଶ ପାଇଥିଲା। ଅଧିବେଶନ ଶେଷରେ ଏହି ଆସରରେ ଗମ୍ଭୀର ଅଭିଯୋଗ-ପ୍ରତ୍ୟାଭିଯୋଗର ପରିବେଶକୁ ସାମାଜିକ ସୌଜନ୍ୟ, ଗଣତାନ୍ତ୍ରିକ ଆବଶ୍ୟକତା ଭିତରେ ସମସ୍ତେ ହସ-ମଜାର ହାଲୁକା ରଙ୍ଗରେ ଖୁବ ସୁଖଦ ଭାବରେ ନିଜକୁ ଯୋଡ଼ି ନେଇଥିଲେ।

ବିରୋଧୀ ପକ୍ଷର ପ୍ରତିନିଧି ବସିଥିବା ଆସନରେ ମଧ୍ୟ ଶାସକ ଶିବିରର କଠୋର ମୁଖମଣ୍ଡଳ ନୁହେଁ, ସହଜ ହସ, ଧୈର୍ଯ୍ୟ ଓ ଶୁଣିବାର ଶ୍ରଦ୍ଧାପୂର୍ଣ୍ଣ ମନୋଭାବ ଦେଖାଗଲା। ବିରୋଧୀ ପକ୍ଷର ପ୍ରତିନିଧି ଯେତେବେଳେ ନିଜ ନିର୍ବାଚନ ମଣ୍ଡଳୀର ଏକ ଔଷଧୀୟ ଉଦ୍ଭିଦ ବିଷୟରେ କଥା ଉଠାଇ 'ଆଲର୍ଜିରୁ ରକ୍ଷା ପାଇଁ ସେ ଏହା ସେବନ କରନ୍ତି' ବୋଲି କହିଥିଲେ, ପ୍ରଧାନମନ୍ତ୍ରୀ ଓ ପ୍ରମୁଖ ଶାସକ ନେତାଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଏହା ଗଣତନ୍ତ୍ରର 'ଭିନ୍ନ ମତ, କିନ୍ତୁ ମାନବିକ ସମ୍ପର୍କ' ଧାରଣାକୁ ସ୍ପଷ୍ଟ କରିଦେଇଥିଲା। ଏହି ଆସରରେ ବିରୋଧୀ ପକ୍ଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମ୍ପ୍ରତିକ ବିଦେଶ ଯାତ୍ରା ପ୍ରସଙ୍ଗ ଉଠାଇ ସହଜ ପ୍ରଶ୍ନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ତାହାର ସହଜ ଭାବରେ ଉତ୍ତର ଦେଇଥିଲେ। ଏହି ଛୋଟ ଆଦାନ-ପ୍ରଦାନରେ ଗୋଟିଏ ଗଭୀର ସୂଚନା ଥିଲା- 'ଆମେ ତର୍କ କରିପାରୁ, କିନ୍ତୁ କଥା ହେବା ବନ୍ଦ କରିବା ଉଚିତ୍ ନୁହେଁ, ପରସ୍ପରକୁ ସୌଜନ୍ୟ ଦେଖାଇବାରେ କାର୍ପଣ୍ୟତା ଦେଖାଇବା ଉଚିତ ନୁହେଁ।'

ଅନ୍ୟପଟେ ଉଚ୍ଚସ୍ୱର ଯୁକ୍ତିତର୍କ ନେଇ ଗୃହରେ ଚର୍ଚ୍ଚିତ ଥିବା ଜଣେ ବିରୋଧୀ ସଦସ୍ୟଙ୍କୁ ନେଇ ପ୍ରଧାନମନ୍ତ୍ରୀ ହାଲୁକା ମଜା କରିଥିଲେ- 'ସେଇଥିପାଇଁ ସେସନ୍ ଛୋଟ ରଖାଗଲା, ନହେଲେ ମୋ ଗଳା ଅଧିକ କଷ୍ଟ ପାଇ ଥା'ନ୍ତା।' - ଏପରି ହାସ୍ୟରେ ମନ ହାଲୁକା ହୁଏ, ରାଗ-ରୁଷା କାମ ହୁଏ। ତା' ସହିତ, ପ୍ରଧାନମନ୍ତ୍ରୀ କିଛି ବିରୋଧୀ ସଦସ୍ୟଙ୍କୁ 'ଭଲ ପ୍ରସ୍ତୁତି' ସହ ଗୃହକୁ ଆସିଥିବାରୁ ପ୍ରଶଂସା କରିଥିଲେ। ଭଲ ତର୍କକୁ ସ୍ୱୀକାର କରିବା, ବିରୋଧାଭାଷ ଉପରୁ ଉଠି ଗୁଣକୁ ସମ୍ମାନ ଦେବା ମଧ୍ୟ ଗଣତନ୍ତ୍ରର ଏକ ଭଲ ପରମ୍ପରା।

ବିରୋଧୀ ସଦସ୍ୟମାନେ ନୂଆ ସଂସଦ ଭବନରେ ଏକ 'କେନ୍ଦ୍ରୀୟ ହଲ୍' ଭଳି 'ସାଧାରଣ ମିଳନ ଆଲୋଚନା ସ୍ଥାନ' ରଖିବା ପ୍ରସଙ୍ଗ ଉଠାଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ସ୍ମିତହାସ୍ୟ ଭରା ଉତ୍ତର ଥିଲା - 'ସେଟା ତ ପୋଷ୍ଟ-ରିଟାୟରମେଣ୍ଟ ପାଇଁ; ସେ ସମୟ ପାଇଁ ଆପଣଙ୍କର ତ ଆଉ ଅନେକ ଦିନ ବାକି ଅଛି।' ଏହି ମୃଦୁ ଉତ୍ତର ପରିବେଶକୁ ଆହୁରି ମଜାଦାର କରିଥିଲା। ଏହିସବୁ ଆଚରଣମାନ କେଉଁଠି ନିୟମ ଭାବେ ଲିଖିତ ନାହିଁ। ଏହା ହେଉଛି ଗଣତନ୍ତ୍ର ପାଇଁ ଆବଶ୍ୟକ ଥିବା ସଭ୍ୟ ଆଚରଣର ଅଲିଖିତ ସଂବିଧାନ।

ଭାରତୀୟ ସଂସଦର ଇତିହାସରେ ଏପରି ଉଦାହରଣରେ ରହିଛି, ଯେଉଁଠି ତୀବ୍ର ବିରୋଧ ସତ୍ତ୍ୱେ ପରସ୍ପର ସମ୍ମାନ ଅତୁଟ ରହିଛି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଅଟଳ ବିହାରୀ ବାଜପେୟୀଙ୍କ ମଧ୍ୟରେ ଥିବା ବାଦବିବାଦ ଆଜି ମଧ୍ୟ ସଂସଦୀୟ ଆଦର୍ଶ ଭାବେ ଉଦ୍ଧୃତ ହୁଏ। ବାଜପେୟୀ ଯେତେବେଳେ ନେହେରୁଙ୍କୁ କଠୋର ଭାଷାରେ ସମାଲୋଚନା କରୁଥିଲେ ନେହେରୁ ତାଙ୍କୁ 'ଭବିଷ୍ୟତର ପ୍ରଧାନମନ୍ତ୍ରୀ' ବୋଲି କହି ସଂସଦରେ ସମ୍ମାନ ଦେଇଥିଲେ। ଏହା ହେଉଛି ଗଣତନ୍ତ୍ରର ଶ୍ରେଷ୍ଠ ଶିକ୍ଷା- ବିରୋଧ ମଧ୍ୟରେ ମଧ୍ୟ ସମ୍ମାନ। ସେହିପରି ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ବିରୋଧୀ ନେତା ମନମୋହନ ସିଂହଙ୍କୁ ସଂସଦରେ ସମ୍ମାନ ଦେଉଥିଲେ। ମନମୋହନ ସିଂହ ପ୍ରଧାନମନ୍ତ୍ରୀ ହେବା ପରେ ବାଜପେୟୀଙ୍କୁ 'ଭାରତୀୟ ରାଜନୀତିର ଶ୍ରେଷ୍ଠ ସଂସଦବିଦ୍' ବୋଲି ସ୍ମରଣ କରିଥିଲେ। ଏହି ପରମ୍ପରା ଦର୍ଶାଏ ଯେ ସତ୍ତା ବଦଳିଥାଏ, କିନ୍ତୁ ସଭ୍ୟତା ଅତୁଟ ରୁହେ।

ଭାରତୀୟ ସଂସଦର ଆଉ ଗୋଟିଏ ଶକ୍ତିଶାଳୀ ପରମ୍ପରା ହେଉଛି 'ପ୍ରଶ୍ନୋତ୍ତର କାଳ'। ଏଠି ବିରୋଧୀ ଦଳ ସରକାରକୁ କଠୋର ପ୍ରଶ୍ନ ପଚାରନ୍ତି ଏବଂ ସରକାର ଉତ୍ତର ଦେବାକୁ ବାଧ୍ୟ ହୁଅନ୍ତି। ଏହି ପ୍ରଣାଳୀ ଗଣତନ୍ତ୍ରକୁ ଜବାବଦେହୀ କରିଥାଏ। ଏହା ମଧ୍ୟ ଦର୍ଶାଏ ଯେ ବିରୋଧମାନେ ଅବରୋଧ ନୁହେଁ, ବରଂ ନିରୀକ୍ଷଣ। ଆଜି ଯେତେବେଳେ ଗାଁ ଓ ସହରରେ ରାଜନୀତି ଦ୍ୱେଷର ରୂପ ନେଉଛି ଏବଂ ଦ୍ୱେଷ ସଂଘର୍ଷ ତଥା ରକ୍ତପାତ ସ୍ତରକୁ ଯାଉଛି ସଂସଦର ଏହି ପରମ୍ପରାମାନ ଆମକୁ ଏକ ଆଇନା ଦେଖାଉଛି। ଗାଁ ହେଉକି ସହର; ଚା' ଦୋକାନରେ ମତଭେଦ ସହ ହସ-ଖୁସିର ଆସର ରହିବା ଦରକାର। ସଂସଦର ଚା' ପାର୍ଟି ଏହି ସତ୍ୟକୁ ସ୍ମରଣ କରାଏ। ଗଣଙ୍କ ସାମୂହିକ ଉନ୍ନତି ପାଇଁ ତର୍କ ହେଉ, ବିରୋଧ ରହୁ; ଶେଷରେ ସାଙ୍ଗ ହୋଇ ସେ ବିକାଶକୁ ଭୋଗ କରିବାକୁ, ସେ ପ୍ରଗତି ପାଇଁ ଖୁସି ହେବାକୁ ସମସ୍ତେ ସାଥିରେ ରହିବାର ଆବଶ୍ୟକତାକୁ ଆମକୁ ବୁଝିବାକୁ ହେବ। ଗୋଟେ କପ୍ ଚା' ଗଣତାନ୍ତ୍ରିକ ସୌନ୍ଦର୍ଯ୍ୟ ଉପରେ ଗୋଟେ ସହଜ କଥା କୁହେ- 'ରାଜନୈତିକ ବିରୋଧ ଭିତରେ ଯଦି ଆମେ ସାଙ୍ଗରେ ବସି କଥା ହେଇ ପାରିବା, ଏକାଠି ଚା' ଆସରରେ ଖୁବ ହସି ପାରିବା ଆଉ ପରସ୍ପରର ପରିପୂରକ ହେବାର ଇଚ୍ଛା ରଖିପାରିବା ତେବେ ଭାରତର ଗଣତନ୍ତ୍ର ସୁସ୍ଥ ରହିବ।'

ଶେଷରେ ଏହା ଅନୁଭବ ହୁଏ ଯେ ଯଦି ବିରୋଧ ପରେ ଏମିତି ସମ୍ବାଦ ରହିବ ଏବଂ ସଂସଦରୁ ଆରମ୍ଭ ହୋଇ ଏକାଠି ଆସର କରିବାର ଏହି ସଂସ୍କୃତି ଗାଁର ଚା' ଦୋକାନ ପର୍ଯ୍ୟନ୍ତ ଆଦୃତ ହେବ, ତେବେ ଆମେ ସମସ୍ତେ ନିଜକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ପୂଜାରୀ ବୋଲି କହିପାରିବା ଏବଂ ଦେଶର ଗତି ଠିକଣା ଦିଗରେ ଆଗକୁ ବଢ଼ିପାରିବ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

# ଶତାବ୍ଦୀ-ସାଧକ: ନିରାସକ୍ତ ନିତ୍ୟାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜନୀତି ଆଉ ସାହିତ୍ୟ ମଧ୍ୟରେ ଅବସ୍ଥାନ କରି ଉଭୟ ଭାବ-ପରିଧିର ଉର୍ଦ୍ଧ୍ୱ ସୋପାନକୁ ଯିଏ ସମୁତ୍ତୀର୍ଣ୍ଣ ହୋଇ ଯାଇପାରନ୍ତି ତାଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିବା କ'ଣ ସହଜସାଧ୍ୟ! ସେ କ୍ଷମତା ବିସ୍ତାର ସକାଶେ ରାଜନୀତିକୁ ଆସି ନ ଥିଲେ କିମ୍ବା ଯଶସ୍ୱୀ ହେବା ପାଇଁ ସାହିତ୍ୟକୁ ଆୟୁଧ କରି ନଥିଲେ। ପ୍ରାଚୀନ ଯୁଗର ଅସାମାନ୍ୟ ଋଷି-ଚେତନା ଧାରଣ କରି କାନ୍ତକବିଙ୍କ ବୈକୁଣ୍ଠରେ ସେ ଭୂମ୍ରି ହେବାର ରହସ୍ୟ ଭେଦ କରିବାର ଶକ୍ତି ଆମର କାହିଁ? ଯେଉଁ ଅପଶକ୍ତି ଅଶିଷ୍ଟ ଆଚରଣରେ ଲକ୍ଷ୍ମୀକାନ୍ତଙ୍କ ତନୁଶ୍ରୀ କରିଦେଇଥିଲା ବିବର୍ଣ୍ଣ, ସେହି ଅଶାଳୀନତାକୁ ଚୂର୍ଣ୍ଣିଭୂତ କରିଦେବା ନିମିତ୍ତ ଦେବ-ପ୍ରେରିତ ପ୍ରତିଭା ଆଉ ସାଧୁତାର କାନ୍ତିମୟ ନମନୀୟତା ନେଇ ଆବିର୍ଭୂତ ହୋଇଥିଲେ ନିତ୍ୟାନନ୍ଦ ମହାପାତ୍ର। ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ଉତ୍ତରାଧିକାରୀ ଭାବରେ ଲାଭ କରିଥିଲେ ସେ ଏପରି ଏକ ପରିଚ୍ଛନ୍ନ, ସମ୍ବେଦନଶୀଳ ସମ୍ପ୍ରସାରିତ ହୃଦୟ, ଯେଉଁଠୁ ନିରନ୍ତର ନିଃସୃତ ହେଉଥିଲା କେବଳ ସ୍ନେହ, ଶ୍ରଦ୍ଧା, ସଂପ୍ରୀତିର ଅମୃତ ନିର୍ଝର। ଏହି କାରଣରୁ ସେ ନିର୍ମାଣ କରି ପାରିଥିଲେ 'ହିଡ଼ମାଟି'। ଅର୍ଜନ କରିଥିଲେ 'ଘରଡିହ'। 'ହିଡ଼ମାଟି'ରେ ସେ ଲେଖିଛନ୍ତି ତାଙ୍କ ଭାଷାରେ- 'ଏଇ ଗାଁ -ଏଇ ଗାଁ -କେଡ଼େ ସୁନ୍ଦର, କେଡ଼େ ମିଠା। ସତେ ଏଇ ଗାଁର ଧୂଳି ବାଲିରେ କେତେ ପାଠ ଲେଖା ହୋଇଛି।' ନିତ୍ୟାନନ୍ଦଙ୍କ ପ୍ରତିଟି ବାକ୍ୟ ଏହିପରି ଆବେଗସିକ୍ତ। ସାଧାରଣ ମଣିଷ ପ୍ରତି କି ସୁଗଭୀର ମମତ୍ୱବୋଧ!

ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ରମ୍ୟରଚନା- ଯାହା ଲେଖନ୍ତୁ ନା କାହିଁକି ସବୁ ହେଉଛି ଏକ ଏକ ମହୁଫେଣା। କି ସୁଲଳିତ ଭାଷା! କି କୋମଳ ବର୍ଣ୍ଣନା! ଆଉ କି ଗଭୀର ସମ୍ବେଦନା! ତାଙ୍କ ଗଳ୍ପ 'ମାଉସୀ' ବ୍ରିଟିଶ ଶାସକ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା। ସେଥିପାଇଁ ତାଙ୍କ କଲମ ଅଟକିଗଲା ନାହିଁ। 'କ୍ଷଣିକା', 'ରାଜକନ୍ୟା' ପରି ଗଳ୍ପ ପୁସ୍ତକ, 'ଜୀବନର ଲକ୍ଷ୍ୟ', 'ସୁଖର ସନ୍ଧାନେ', 'ଭଙ୍ଗାହାଡ଼' ପରି ଉପନ୍ୟାସ, 'ପତ୍ର ଓ ପ୍ରତିମା' ପରି ରମ୍ୟ ରଚନା କିମ୍ବା 'ଭାରତ ଭାଗ୍ୟ ବିଧାତା' ଭଳି ଜୀବନୀ ଗ୍ରନ୍ଥ- ସବୁ କିଛି ଆନ୍ତରିକ ଅନୁରାଗରେ ଭାବାପ୍ଲୁତ, ରସାପ୍ଲୁତ, ମର୍ମଭେଦୀ ହୋଇ ଉଠିଛି ସେଇଥିଲାଗି।

ଲେଖାରେ ତାଙ୍କର କେଉଁଠି ସାମାନ୍ୟ ଚାତୁର୍ଯ୍ୟ ନଥାଏ, ଥାଏ କେବଳ ମାଧୁର୍ଯ୍ୟ। ପାଣ୍ଡିତ୍ୟ ନଥାଏ, ରହିଥାଏ ସାରଲ୍ୟର ଦ୍ୟୁତି। କବିତ୍ୱ ପ୍ରଦର୍ଶନ ନୁହେଁ, ସବୁଠି ପ୍ରେମର ନିଦର୍ଶନ। ସେ ସାହିତ୍ୟ ଲେଖନ୍ତି ନାହିଁ। ରକ୍ତ ନିଗାଡ଼ି ଦିଅନ୍ତି। ଅଶ୍ରୁ ତର୍ପଣ କରନ୍ତି। ହୋମାଗ୍ନି ପ୍ରଜ୍ୱଳିତ କରି ରଖନ୍ତି ହୃଦୟବେଦୀରେ। ସେଇଥିପାଇଁ ସେ ଏତେ ଆପଣାର। 'ଅଶ୍ରୁ' ଶୀର୍ଷକ ପ୍ରବନ୍ଧରେ ଲେଖକ କହୁଛନ୍ତି- 'ତୀର୍ଥଜଳ କଳୁଷିତ ହୋଇପାରେ। ମାତ୍ର ଆଖିପାଣି କେବେ କଳୁଷିତ ହୋଇପାରେ ନାହିଁ।' ସେ ପୂଜା କରିବା ପାଇଁ ଠାକୁର ଘରକୁ ଯାଆନ୍ତି। ଫଳ, ଫୁଲ, ଧୂପକାଠି କିଛି ନଥାଏ ତାଙ୍କ ପାଖରେ। ଅଶ୍ରୁର ନୈବେଦ୍ୟ ନିବେଦନ କରନ୍ତି ଭଗବାନଙ୍କୁ।

ନିତ୍ୟାନନ୍ଦ ମହାପାତ୍ରଙ୍କ ହୃଦୟପାତ୍ରରେ କେଉଁ ଭାବର ସାଙ୍ଗୀତିକ ସ୍ରୋତ ପ୍ରବାହିତ ହେଉନଥିଲା! ଓଡ଼ିଆରୁ ହିନ୍ଦୀକୁ ସେ ଅନୁବାଦ କରିଛନ୍ତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ'। ରାଜଗୋପାଳଚାରୀଙ୍କ ଇଂରାଜୀରେ ଲିଖିତ 'କମ୍ବନ ରାମାୟଣ'କୁ ଓଡ଼ିଆରେ ଅନୁବାଦ କରି ପ୍ରଦାନ କଲେ ଅନନ୍ୟ ଉପହାର। 'ନ୍ୟାସନାଲ ବୁକ ଟ୍ରଷ୍ଟ' ଦ୍ୱାରା ପ୍ରକାଶିତ ରମଣ ମହର୍ଷିଙ୍କ ଜୀବନୀ ମଧ୍ୟ ଓଡ଼ିଆରେ ଅନୁବାଦ କରିଛନ୍ତି। ଆଉ ସାହିତ୍ୟ ପତ୍ରିକା 'ଡଗର'? ତାହାରି ମାଧ୍ୟମରେ ତ ସେ ଘରେ ଘରେ ହୋଇଯାଇଥିଲେ ପରିଚିତ। ସେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିବା ବେଳେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଗୃହ ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟକରଣ ହୋଇଥିଲା। ସେଥିପାଇଁ ସେ ନିଜେ ଯାଇ ବୁଲି ଆସିଥଲେ କବିଗୃହ। ସାକ୍ଷାତ ଆଲୋଚନା କରିଥିଲେ କବିପୁତ୍ର ଭଗବାନ ମେହେରଙ୍କ ସହ।

ସେ ଶହେଟି ଶରତ ଅତିକ୍ରମ କରିଯାଇପାରିଲେ କେଡ଼େ ଧୀର ଗତିରେ ସତେ! ଶତବର୍ଷରେ ଉପନୀତ ହେବା ପରେ ତାଙ୍କ ଭିତରେ ବିଦ୍ୟମାନ ଥିଲା ବିରଳ ଓ ସଦା ଦେଦୀପ୍ୟମାନ ଚୈତ୍ୟସତ୍ତା, ଯାହା ଦେଖିପାରିବାର ଆଖି ଆମର ନାହିଁ। ସମଗ୍ର ଜୀବନବ୍ୟାପୀ ସେ ଏପରି ଏକ ଉଚ୍ଚତର ଚେତନା ଦ୍ୱାରା ପରିଚାଳିତ ହୋଇଛନ୍ତି, ଯେଉଁ କାରଣରୁ ସଂସାର ମଧ୍ୟରେ ରହି ମଧ୍ୟ ସେ ଥିଲେ ସନ୍ନ୍ୟାସୀ। ନିରାସକ୍ତ ମଣିଷ। ନିରାସକ୍ତ ସାଧକ। ତାଙ୍କ ରଚନାବଳୀ ଯେଉଁମାନେ ଧ୍ୟାନସ୍ଥ ଚିତ୍ତରେ ପାଠ କରିବେ ସେମାନଙ୍କ ଯେ ଅନ୍ତଃ ପରିବର୍ତ୍ତନ ସୁନିଶ୍ଚିତ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ନାଟକ 'ସନ୍ଧ୍ୟାଛାୟା' ମଞ୍ଚସ୍ଥ

**ଭବାନୀପାଟଣା, ୨୪।୧୨ (ସମିସ)**

ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍ ଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ହରଜିନ୍ଦର ସିଂ, ବରିଷ୍ଠ ଅଭିନେତା ଅବଦୁଲ କାଦିର, ଗିରିଶଚନ୍ଦ୍ର ବେହେରା ବିସିସିବି ବ୍ୟାଙ୍କ ସଭାପତି, ସମ୍ପାଦକ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସତ୍ୟ ନାରାୟଣ ସିଂହ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ। ଏହି ଅବସରରେ ନାଟକ କ୍ଷେତ୍ରରେ କଳାହାଣ୍ଡି ମାଟିକୁ ବିଶେଷ ଅବଦାନ ପାଇଁ ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅଭିନେତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜେଶ ଦାଶ ଏବଂ ଲିପ୍ସାରାଣୀ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ନାଟକ 'ସନ୍ଧ୍ୟାଛାୟା ଅ ୟୁଥ୍ ଜଙ୍କସନ୍'। ପରିବାର ଏବଂ ସମାଜର ଅବହେଳା ଯୋଗୁଁ ଆଜି ଯୁବପିଢ଼ି ଦିଗଭ୍ରଷ୍ଟ। ଏହି ଦିଗଭ୍ରାନ୍ତରର ସୁଯୋଗ ଅନେକ ରାଜନୈତିକ ଦଳ ନିଅନ୍ତି।



ଯୁବପିଢ଼ି ଅବହେଳିତ ପିଢ଼ି ପ୍ରତି ଘୃଣାରେ ପରିପୂର୍ଣ୍ଣ, ଯାହା ଏକ ନକାରାଣକ ରୂପ ନେଇଥାଏ। ନାଟକ 'ସନ୍ଧ୍ୟାଛାୟା' ସମାପ୍ତ ଏବଂ ଅସମାପ୍ତ ମଧ୍ୟରେ ଏକ ସ୍ଥାନରେ ଛାଡି ଦିଆଯାଇଛି, ଯେଉଁଠାରେ ଏକ ନିର୍ଣ୍ଣାୟକ ଯୁଦ୍ଧ ବାକି ଅଛି ଏବଂ ଯୁବ ଶକ୍ତିର ଘୋଷଣା ସହିତ ଏହା ଏକ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଏକ ଉନ୍ନତ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଆଶା ଜାଗ୍ରତ କରେ। ପାଥ୍, ଜାମସେଦପୁର ଦ୍ୱାରା ପ୍ରଦର୍ଶିତ ନାଟକକୁ ବରିଷ୍ଠ ନାଟ୍ୟକାର ଡକ୍ଟର ଅରୂପ ମୋଇତ୍ରା ରଚନା କରିଥିବାବେଳେ ଅନୁବାଦ କରିଥିଲେ ଜ୍ୟୋତି - ନିଜାମ। ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ମହମ୍ମଦ ନିଜାମ। ରୂପେଶ କୁମାର, ମହମ୍ମଦ ନିଜାମ, ରହମତ, ଛବି ଦାସ, ରାଜ କୁମାର ଦାସ, ରୂପେଶ ପ୍ରସାଦ, ଖୁର୍ସିଦ ଆଲମ ପ୍ରମୁଖ ଅଭିନୟ କରିଥିଲେ। ନାଟକରେ ସଙ୍ଗୀତ ପରିଚାଳନା ନୀତୀଶ ରାୟ କରିଥିବାବେଳେ ସତ୍ୟମ୍ ଏବଂ ବିକାଶ କର୍ମକର ଆଲୋକ ସଞ୍ଚାଳନ କରିଥିଲେ। ବେଶ ପୋଷାକରେ ସହାୟତା କରିଥିଲେ ଛବି ଦାସ। ବିକାଶ ଏବଂ ରୂପେଶ ପ୍ରସାଦ ମଞ୍ଚ ସାଜସଜ୍ଜା କରିଥିଲେ।ନାଟକଟି ବେଶ୍ ହୃଦୟସ୍ପର୍ଶୀ ହେବାସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ଯୁବ ଉଦଘୋଷକ ସୌରଭ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଭାସ ଚନ୍ଦ୍ର ମିଶ୍ର, ଶୁଭେନ୍ଦୁ ମହାପାତ୍ର, ଦେବୀ ପ୍ରସାଦ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ଅବିନାଶ ଅଗସ୍ତି, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ କୁମାର ସାହୁ, ଶୁଭମ ବେହେରା, ଶିବଶକ୍ତି ପୁରୋହିତ, ଅମରେନ୍ଦ୍ର ମହାନ୍ତି, ଆରାଧ୍ୟା ନାୟକ, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ଲିପ୍ସାରାଣୀ ବାରିକ, ଅନିଲ ବୈଠାରୁ, ସୁଶୀଲ ଆଚାର୍ଯ୍ୟ, ଗୋପିଧର ନାୟର, ରାଜେଶ ଦାଶ, ହେମନ୍ତ ଦଣ୍ଡସେନା ପ୍ରମୁଖ ସହାୟତା କରିଥିଲେ।

### ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜେଶ ଦାଶ ଏବଂ ଲିପ୍ସାରାଣୀ ବାରିକ ସମ୍ବର୍ଦ୍ଧିତ

# କଳାହାଣ୍ଡି ଜିଲ୍ଲାପରିଷଦର ବୈଠକ



**ଭବାନୀପାଟଣା, ୨୪।୧୨(ସମିସ):** ଜିଲ୍ଲା ପରିଷଦ କଳାହାଣ୍ଡି ଅଷ୍ଟମ ମିଲ୍ଲା ପରିଷଦ ବୈଠକ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପରିଷଦ ଅଧ୍ୟକ୍ଷ ସିଂଦେଓ ସମସ୍ତଙ୍କୁ ସ୍ୱାଗତ ଜଣାଇ କଳାହାଣ୍ଡିର ସର୍ବାଙ୍ଗୀନ ବିକାଶ ଦିଗରେ ସମସ୍ତ ଜିଲ୍ଲା ପରିଷଦର ସଭ୍ୟ ସଭ୍ୟା ଗଠନ ମୂଳକ ପ୍ରସ୍ତାବ ଦେବା ସହିତ ଶାନ୍ତିଶୃଙ୍ଖଳା ଭାବରେ ଆଲୋଚନା କରିବା ପାଇଁ ପରାମର୍ଶ ଦେଇଥିଲେ। କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ କଳାହାଣ୍ଡିର ବିକାଶ କ୍ଷେତ୍ରରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।ବୈଠକରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ଜନପ୍ରତିନିଧିଙ୍କ ସହିତ ଯୋଗାଯୋଗ ରଖି ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନରେ ଯତ୍ନବାନ ହୋଇ କାର୍ଯ୍ୟ ତୁଲାଇବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଧାୟିକା ନର୍ଲା ମନୋରମା ମହାନ୍ତି, ଉପାଧ୍ୟକ୍ଷା ଜିଲ୍ଲାପରିଷଦ ସୁଧୀରା ମେହେର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ଲାଞ୍ଜିଗଡ଼ ଏବଂ ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲାପରିଷଦର ସମସ୍ତ ସଭ୍ୟ, ସଭ୍ୟା, ବ୍ଲକ ଅଧ୍ୟକ୍ଷ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ଅଧ୍ୟକ୍ଷ ନିଜ ନିଜ ଅଞ୍ଚଳ/ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥାପନା କରିବା ସହିତ ସମାଧାନ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ବୈଠକରେ ଖାଦ୍ୟ ଯୋଗାଣ, କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ଶିକ୍ଷା, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତ୍, ସାମାଜିକ ମଙ୍ଗଳ ଓ ସୁରକ୍ଷା, ଅବକାରୀ, ଜିଲ୍ଲା ଜଙ୍ଗଲ ଅଧିକାର, ରାସ୍ତା ଓ କୋଠାବାଡି, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ବିଭାଗର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗରେ ଆବଶ୍ୟକ ଡାକ୍ତର ପଦବୀରୁ ୬୦ ଭାଗ ଖାଲି ରହିଥିବାରୁ ସ୍ୱାସ୍ଥ୍ୟସେବାର ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଆବଶ୍ୟକ ଡାକ୍ତର ପଦବୀ କିପରି ପୂରଣ କରାଯାଇପାରିବ ଆଲୋଚନା କରାଯାଇଥିଲା। ଧାନ ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ନ ଉଠିବା ନେଇ ସଭ୍ୟ, ସଭ୍ୟା ବୈଠକରେ ନିଜ ନିଜ ମତ ଉପସ୍ଥାପନ କରିବା ସହିତ ଠିକ ସମୟରେ ମିଲର୍ସ ଧାନ ମଣ୍ଡିରୁ ଧାନ ଉଠାଣ କରିବା ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ମିଲର୍ସମାନଙ୍କ ସହିତ ଯୋଗାଯୋଗ କରି ଠିକ ସମୟରେ ଚାଷୀଙ୍କ ଧାନ ଉଠାଣ କରିବାରେ ବିଳମ୍ବ ନ ହୁଏ ସେ ଦିଗରେ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ସମସ୍ତ ସଭ୍ୟ, ସଭ୍ୟାଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

# ଡିଏଭି ବେଦାନ୍ତ ବିଦ୍ୟାଳୟରେ ବିଜ୍ଞାନ ଗଣିତ ଓ ଏଆଇ ପ୍ରଦର୍ଶନୀ




**ଲାଞ୍ଜିଗଡ଼, ୨୪।୧୨(ସମିସ):** ଲାଞ୍ଜିଗଡ଼ ଡ଼ିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ, ଗଣିତ ଓ ଏଆଇ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ. ମାନବୀନ କୌରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଋଷିଆ ମେହେର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ତଥା ଜିଲ୍ଲା ପୁରସ୍କାରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଯୋଗଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଥମେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ପରେ ଅତିଥିମାନେ ପ୍ରଦର୍ଶନୀ ବୁଲିଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ପ୍ରକଳ୍ପ ଗୁଡିକ ବୁଲି ଦେଖିବା ବେଳେ ଛାତ୍ରଛାତ୍ରୀ ପ୍ରକଳ୍ପର କାର୍ଯ୍ୟ ବୁଝାଇଥିଲେ। ପ୍ରଦର୍ଶନୀରେ ତୃତୀୟ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ପ୍ରଦର୍ଶନୀରେ ଗଣିତରେ ୬୫ ପ୍ରକଳ୍ପ, ବିଜ୍ଞାନରେ ୪୮ ପ୍ରକଳ୍ପ ଏବଂ ଏଆଇରେ ୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ୨୫୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିବା ପାଇଁ କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣାରୁ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରିଥିଲେ। ବିଚାରକ ମଣ୍ଡଳୀ ଭାବେ ନର୍ଲାରୋଡ ଜୟଦୁର୍ଗା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କର, ଭବାନୀପାଟଣା ପୁଲିସ ଉଚ୍ଚବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପଟ୍ଟନାୟକ, ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦାୟିତ୍ୱ ଥିବା ଶିକ୍ଷକ ବୀରେନ୍ଦ୍ର କୁମାର ଆଚାର୍ଯ୍ୟ, କଳାହାଣ୍ଡି ପଞ୍ଚଶଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରସନ୍ନ କୁମାର ନନ୍ଦ, ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ନିଶାଙ୍କ ସମେତ ଭବାନୀପାଟଣା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟାପକ ଡ. ଅଶୋକ କୁମାର ଭୋଇ ପ୍ରମୁଖ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଗଞ୍ଜେଇ ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତ

**ଶଗଡ଼ା/ମନମୁଣ୍ଡା, ୨୪।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡ଼ା ପଞ୍ଚାୟତ ଅନ୍ତର୍ଗତ କହଁରପଡ଼ା ଗ୍ରାମର ବିଜେପି ନେତା ତଥା କୁଖ୍ୟାତ ଗଞ୍ଜେଇ ମାଫିଆ ସୁବ୍ରତ କର୍ମୀଙ୍କ ଘରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି। ସୁବ୍ରତ କର୍ମୀ ତାଙ୍କ ସହଯୋଗୀ ଓ ଆତ୍ମୀୟମାନେ ଗତ କିଛି ବର୍ଷ ମଧ୍ୟରେ ଅବୈଧ ମାଦକ ଦ୍ରବ୍ୟ ବ୍ୟବସାୟ କରି ଆୟରୁ ବହୁ ଅଚଳାଚଳ ସମ୍ପତ୍ତି ଅର୍ଜନ କରିଛନ୍ତି। ଏଥିପାଇଁ ଏହି ଅର୍ଥନୈତିକ ତଦନ୍ତ ପାଇଁ ବୌଦ୍ଧ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତ ଓ ତାଙ୍କ ସମ୍ପର୍କୀୟମାନଙ୍କ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରହିଛି। ଆଜି ଅଭିଯୁକ୍ତ ସୁବ୍ରତ କର୍ମୀ ଓ ତାଙ୍କ ଆତ୍ମୀୟମାନଙ୍କ ଘରେ ତଲାଶି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଦଲିଲପତ୍ର, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ସୂଚନା ଥାଉ କି, ମନମୁଣ୍ଡା ଥାନା ଶଗଡ଼ା ଅଞ୍ଚଳରୁ ପୁଲିସ ଗତ ମାର୍ଚ୍ଚ ୭ ତାରିଖରେ ୨ କୁଇଣ୍ଟାଲ ୯୩ କେଜି ଗଞ୍ଜେଇ ଜବତ କରିଥିବା ବେଳେ ମନମୁଣ୍ଡା ଥାନାରେ ୯୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିରେ ସୁବ୍ରତ କର୍ମୀଙ୍କ ସହ ୩ ଜଣ ସହଯୋଗୀଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି ପୁଲିସ ସୁବ୍ରତଙ୍କୁ ଗିରଫ କରି ଜେଲ ହାଜତକୁ ପଠାଯାଇଥିଲା। ଏହି ଅର୍ଥନୈତିକ ତଦନ୍ତ ସମୟରେ ବୌଦ୍ଧ ଏସ୍‌ଡିପିଓ ଲରେନ ରାଉତରାୟ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ମନମୁଣ୍ଡା ଥାନା ଅଧିକାରୀ ସସ୍ମିତା ମଗର, ସ୍ୱାଧୀନ ସାକ୍ଷୀ, ଟେକ୍ନିକାଲ୍ ଟିମ୍ ଓ ପୁଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜବତ ସମ୍ପତ୍ତିକୁ ସମ୍ପୃକ୍ତ ମାଲିକଙ୍କ ଜିମାରେ ଦିଆଯାଇଥିଲା। ତେବେ ତଦନ୍ତ ପ୍ରକ୍ରିୟା ଚାଲୁରହିଛି, ଏନ୍‌ଡିପିଏସ୍ ଆଇନ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏକ ପ୍ରେସ ବିବୃତ୍ତିରେ ପୁଲିସ ପକ୍ଷରୁ ସୂଚାଯାଇଛି।

# ୪୦ ଫୁଟ ଉଚ୍ଚରୁ ଖସି ଶ୍ରମିକ ଗୁରୁତର

**ବୌଦ୍ଧ, ୨୪।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କରଡ଼ି ନିକଟରେ ନିର୍ମାଣାଧିନ ଏମଜିଏମ ସ୍ପିରିଟ କାରଖାନାର ୪୦ ଫୁଟ ଉଚ୍ଚରୁ ଖସି ପଡ଼ି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଆଜି କରଡ଼ି ନିକଟରେ ରହି କାମ କରୁଥିବା ବାହାର ରାଜ୍ୟର ଶ୍ରମିକ ଦୀନେଶ ଯାଦବ କାରଖାନା ଚିମିନିରେ ୪୦ଫୁଟ ଉଚ୍ଚରେ କାମ କରୁଥିବାବେଳେ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ସହକର୍ମୀମାନେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ବିନା ସୁରକ୍ଷା ଉପକରଣରେ କାର୍ଯ୍ୟ କରୁଥିବା ପ୍ରତ୍ୟକ୍ଷ ଦର୍ଶୀ ପ୍ରକାଶ କରିଛନ୍ତି।

# ଚିଚିଆ ଆଞ୍ଚଳିକ ଯାଦବ ସମାଜର କର୍ମକର୍ତ୍ତା ଚୟନ

**ଗୋଲାମୁଣ୍ଡା, ୨୪।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ଅନ୍ତର୍ଗତ ଚିଚିଆ ଆଞ୍ଚଳିକ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ ଚିଚିଆ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଯାଦବସମାଜର ସମ୍ପାଦକ ପରୀକ୍ଷିତ ଖର୍ସେଲ ଉପସ୍ଥିତିରେ ସମାଜ ସଂକ୍ରାନ୍ତିୟ ଆଲୋଚନା ସହିତ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେକୃପା ବାଗ, ଉପସଭାପତି ପ୍ରଶନ୍ନ ନାଗ, ସମ୍ପାଦକ ଅଶ୍ୱିନ ନାଗ, ଯୁଗ୍ମ ସମ୍ପାଦକ ଗୁଞ୍ଜୀ ଭାଟି, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାଗ, ଯୁବ ଯାଦବ ସଭାପତି ରାଜେଶ ବାଗ, ଉପ ସଭାପତି ଚୈତନ୍ୟ ବାଗ, ସମ୍ପାଦକ ରାକେଶ ବାଗ, କୋଷାଧ୍ୟକ୍ଷ ବିକାଶ ବାଗ ଉପଦେଷ୍ଟା ମଣ୍ଡଳିରେ ଗୁନସାଗର ବାଗ, ଇଶ୍ୱରୀ ବାଗ, କ୍ଷିରସିନ୍ଧୁ ବାଗ, ନାରାୟଣ ହାତୀ, ମଧୁବାଗ, ତୁଳସୀ ଖର୍ସେଲ, କାର୍ତ୍ତିକ ଚଲାନ, ସୁଦର୍ଶନ ବାଗ, ଜୟ ବାଗ, ସୁବାଷ ଭରାସଗରିଆ, ଉଁଆସୁ ବଗର୍ତ୍ତୀ, ଗକୁଲ ଭାଟି, ବୈଷ୍ଣବ ନିଆଲ, ଭିମ ଚନ୍ଦ୍ର ଭାଟି ପ୍ରମୁଖ ଚୟନ ହୋଇଛନ୍ତି।


**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 23/12/2025, I, SAUBHAGYA RANJAN ROUT, resident of At: Sanabarchikayan, Ramachandrapur, Bonth, Bhadrak-756114, Odisha declare that I have changed the name of my daughter from SANGYA SIYALAXMI ROUT to **KHARADHIKA ROUT.** Henceforth, she shall be known as **KHARADHIKA ROUT** for all purposes.

SAUBHAGYA RANJAN ROUT

**AFFIDAVIT**

I, Rajendra Kumar Agrawalla, aged about 47 years, S/o- Gopiram Agrawal, resident of Mahalaxmi Nagar, Station Road, Po- Balangir, Ps-Town Bolangir, Dist- Balangir, Odisha, Pin- 767001 declare by this affidavit No. 2585, dtd- 24/12/2025, that now onwards I shall be known as **RAJENDRA KUMAR AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh dtd. 23/12/2025, I Jayanti Sahu, W/o- Jagamohan Sahu, R/o- Patharla, Po.- Govindpur, Ps.- Bargarh, Dist.- Bargarh state that, I have changed my name from **Damayanti Sahu** to **Jayanti Sahu**. Henceforth I shall be known as **Jayanti Sahu** for all future purposes.



**OFFICE OF THE MEDICAL OFFICER IN-CHARGE,CHC, DAVA**

BLOCK PROGRAMME MANAGEMENT UNIT (NHM)

At- CHC, Dava, Po-Dava, Block- Jharbandh Dist-Bargarh(Odisha)

Email : bpmudava3@gmail.com

Notice No.374 / Date 24.12.2025

**SHORT TENDER CALL NOTICE FOR HIRING OF VEHICLE**

Sealed proposals as per the prescribed RFP document are invited from interested eligible bidders (Private individuals/Tour operators / Travel Agency / Society / Firm) for hiring & empanelment of vehicle for BPMU Office at CHC DAVA on a monthly basis for BPMU Office . The eligibility criteria, the terms of reference and the formats for submission of bid are set forth in the RFP document, which can be received from the BPMU office Jharbandh . Interested bidders fulfilling the eligibility criteria may submit their proposals with EMD & documents as per RFP. The details of the Vehicle are mentioned in the RFP document. The bidders have to submit their proposals with all required documents and should reach to the office of the undersigned on or before Dt. 10/01/2026 up to 4.00 P.M. Technical & financial bid shall be opened in presence of the bidders on dt. 15/01/2026 at 3 PM . at the Meeting Hall PHC Jharbandha , Bargarh. The undersigned reserves the right to reject any or all the proposal without assigning any reason thereof.

Sd/-
Medical Officer I/c CHC Dava , Bargarh



**OFFICE OF THE NOTIFIED AREA COUNCIL, KAMAKHYANAGAR.** C-1874

At/Po-Kamakhyanagar, Ward No-06, District-Dhenkanal, pin-759018

kamakhyanagarnac@gmail.com, kamakhyanagarn.hud@nic.in

**"e" Procurement Notice**

Notice No. 2906/N.A.C. (K) Dt. 22.12.2025

**Tender Reference No.KNR-NAC-04/2025-26**

The Notified Area Council, Kamakhyanagar invites online Bid in single cover system through "e" Procurement.

| | |
|---|---|
| Total Nos. of works;- | 23(Twenty three) |
| Value of works;- | 2.11 Lakh to 4.23 lakh |
| Date of availability of tender for online Bidding;- | From dt.24.12.2025 at 11.00 A.M. up to dt.03.01.2026 at 5.00 P.M. |
| Date of opening of Bid:- | dt.05.01.2026 at 11.00 A.M. |
| Further details can be seen from the website;- | www. tendersodisha.gov.in |

OIPR-13128/11/0016/2526

Executive Officer
N.A.C. Kamakhyanagar



A-1177 E-mail :- eemidivision_deogarh@yahoo.in

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH.**
**No. 1588, Date. 20.12.2025**
**e-PROCUREMENT NOTICE**
**BID REF No: SE,MID,DGR /05/ 2025-26**

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works :- | Civil Construction works. |
| 2 | No of Works :- | 03(Three) No. |
| 3 | Estimated Cost :- | Approximately From **10.20 lakh and Rs. 22.33 lakh.** |
| 4 | Period of completion :- | 4 (Four) Calendar months & 2 (Two) Calendar months |
| 5 | Date and Time of availability of bid documents in the portal:- | From **Dt.26.12.2025** at 10.00 AM to **Dt. 05.01.2026** up to 5.00 PM. |
| 6 | Last Date / Time of receipt of bids in the portal :- | **Dt.05.01.2026** up to 5.00 PM |
| 7 | Date of opening of Bid :- | **Dt.06.01.2026** at 11.00 AM onwards |
| 8 | Name and address of the OIT :- | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security :- | Online |

** Further details can be seen from the e-Procurement market place http://tendersodisha.gov.in

OIPR-32289/11/0017/2526

Superintending Engineer
M.I. Division, Deogarh



**AFFIDAVIT**

I, Kadam Shaik, resident of Maltira, Po-Padhanpara, Ps-Bonth, Dist-Bhadrak, Odisha-756114, declare by this affidavit No.2893, dated: 23/12/2025, that now onwards I shall be known as **Sk Kadam** for all future purposes.

**Affidavit (For Minor)**

By virtue of an affidavit sworn before Executive Magistrate, Banpur, vide No- 4574, dated-20/12/2025, I, **Manas Bariki,** aged about 44 years, Address: S/o- Golakh Bariki, At- Bhimpur Nua Patana Sahi, Po- Bhimpur, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor son's name from **Rajesh Kumar Barik** to **Rakesh Kumar Bariki.** Henceforth, he shall be known as **Rakesh Kumar Bariki** for all purposes.

**Rakesh Kumar Bariki**

**AFFIDAVIT**

I, Namita Kumari Mahapatra, aged about 56 years, W/o- Rabindra Kumar Das, resident of At-Flat No. 405, Rosan Elegant, Haridaspur, Naharakanta, PS- Pahal, Bhubaneswar, Dist-Khordha, PIN- 752101, Odisha declared by this affidavit No. 2582, dtd-23/12/2025 that now onwards I shall be known as **NAMITA DASH** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.12.2025, I Bulu Nahak S/o-Kasinath Nahak, resident At-Kaudia,Po-Lenkakhali, Ganjam, Dist- Ganjam, Odisha, PIN-761144, declare that I have changed my Daughter name from Ankita Nahak to Sriya Nahak. Henceforth, She shall be known as **SRIYA NAHAK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 30/11/2025. I, **Susila Putel** (new name), formerly called as **Jemamani Putel** (old name), W/o- Sadhuram Putel, permanent & current resident of AT- Sirol, PO- Sirol, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Jemamani Putel to Susila Putel.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susila Putel** (new name) for all future purposes.

**Susila Putel**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 23/12/2025. I, **Trushnarani Dandsena** (new name), formerly called as **Trusnarani Mohapatra** (old name), aged about 35 years, W/o-Girish Chandra Mohapatra, permanent & current resident of AT- Badapari, PO/PS-Tangi, Dist- Khordha, (Odisha), PIN-752023 declare that I have changed my name from **Trusnarani Mohapatra to Trushnarani Dandsena.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name) for all future purposes.

**Trushnarani Dandsena**

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from **'SANJAY KUMAR MOHAPATRA'**, Son of Late Nabaghana Mohapatra to **'SWAMI DEVETANANDA'** as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as 'Swami Devetananda' , son of Swami Gahanananda and henceforth known as **"SWAMI DEVETANANDA"** Furthermore, it declared that Sri Sanajy Kumar Mohapatra and Swami Devetananda is one and same person.

**LOST**

I, **Kuni Behera,** W/o-Trilochan Behera, resident of At: Pandara, Po: GGP Colony, Ps: Mancheswar, Bhubaneswar-25, Dist-Khordha, Odisha declare that I have lost my Original Sale Deed bearing No-11831700062 at Mancheswar Market area at 11 am on dated-22/12/2025. If anybody found it please contact: Debabrata Padhy (Advocate): 9861454766.

**AFFIDAVIT**

By virtue of an affidavit sworn before Executive Magistrate, Sambalpur, CF No- 3712 dated 18/12/2025, I Satyanarayana sahoo, S/o- Abaduta sahoo, resident of Ganesh Nagar Rairakhol, Po- Rairakhol, Ps.-Rairakhol, Dist.- Sambalpur, Odisha, Pin-768106 declare that, I have changed the name of my minor daughter from Jagasmita sahoo to Yogasmita sahoo. Henceforth, she shall be known as **Yogasmita Sahoo** for all purposes.

**Sd/- Satyanarayana sahoo**

**AFFIDAVIT**

By virtue of an affidavit sworn before the Executive Magistrate, Rairakhol ,vide CF No.973 dtd. 20.12.2025 , I Priyabrata Bhurubhuri, S/o-Prasanta Bhurubhuri, resident of village- Kuteswar, Po.- Nagaon, Ps.- Athamallik ,Dist.-Angul ,Odisha, Pin- 759125 state that, I have changed the my name from Priyabrat Bhurubhuri (old name) and have assumed the name Priyabrata Bhurubhuri (new name) from the date hereof. Henceforth, I shall be known, called and identified by the name Priyabrata Bhurubhuri for all purposes. This change is made for Gazette Notification & Aadhaar Card correction only.

**Sd/- Priyabrata Bhurubhuri**

**AFFIDAVIT**

By virtue of an affidavit before the Notary Public, Titilagarh, on dated: 23/12/2025. I, **Jagannath Bhue,** aged about 65 years, S/o- Buda Bhue, permanent & current resident of AT- Piprut, P.O- Belgaon, PS-Saintala, Dist- Bolangir, (Odisha), PIN- 767032 declare that I have changed my minor daughter's name from **Rajyabanti Bhue** (old name) to **Rajbanti Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Rajbanti Bhoi** (new name) for all future purposes.

**Jagannath Bhue**

**AFFIDAVIT**

By virtue of an affidavit (CF No. 01, dtd- 24/12/2025) sworn before the Executive Magistrate, Padampur. I, **Nisha Bhoi,** D/o- Prashanna Bhoi, permanent & current resident of AT- Palsada, PO-Palsada, PS- Paikmal, Dist-Bargarh, PIN- 768039, Odisha declare that I have changed my name from **Lisa Bhoi to Nisha Bhoi.** Henceforth, I shall be known as **Nisha Bhoi** (new name) for all purposes.

**Nisha Bhoi**

**AFFIDAVIT**

I, Domti Abinash Dora, S/o - Alekh Chandra Dora, Resident of Police Camp, Sunabeda, Ps-Sunabeda, Dist-Koraput, Pin-763003, Odisha declare by this affidavit No.2275, dated-27/11/2025 that now onwards I shall be known as **D ABINASH DORA** for all future purposes.

**AFFIDAVIT**

By virtue of an affidavit (CF No. 447) sworn before The Executive Magistrate, Begunia dated- 03/04/2025. I, **Alok Kumar Sahoo,** S/o- Raja Kishore Sahoo, Address: Village- Balarampur, PO/PS-Begunia, Dist- Khordha, PIN-752062, Odisha declare that I have changed my minor son's name from **Ayush Kumar Sahoo** to **Aditya Sahoo.** Henceforth, he shall be known **Aditya Sahoo** (new name) for all purposes.

**Alok Kumar Sahoo**

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, BHUBANESWAR, Dated 23.12.2025, I, NRUSINGHA PRASAD DASH, At–Lingipur, P.O. Sisupalgarh, P.S. Dhauli, Bhubaneswar–751002, Dist. Khordha, State – Odisha declare that I have changed my name fromNRUSINGHA PRASAD NAYAK to NRUSINGHA PRASAD DASH. Henceforth, I shall be known as **NRUSINGHA PRASAD DASH.**

# ବିଧାନସଭା ଷ୍ଟାଣ୍ଡିଂ କମିଟିର ଡାକ୍ତରଖାନା ପରିଦର୍ଶନ

ଦେବଗଡ଼, ୨୪।୧୨(ସମିସ)



ବିଭିନ୍ନ ବିଭାଗର ସମୀକ୍ଷା ବୈଠକ

ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟି ଦେବଗଡ଼ ଗସ୍ତରେ ଆସି ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହାସହ ଜିଲ୍ଲାପାଳଙ୍କ ବିକାଶ ଭବନ ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ତେଲକୋଇ ବିଧାୟକ ଡ.ଫକୀର ମୋହନ ନାୟକ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ପ୍ରମୁଖ ଦେବଗଡ଼ରେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଖାନା ପରିଦର୍ଶନ କରିବା ସହ ୱାର୍ଡକୁ ଯାଇ ରୋଗୀ ମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମନ୍ୱିତ ଜନସାସ୍ଥ୍ୟ ପରୀକ୍ଷାଗାରକୁ ଯାଇ ବିଭିନ୍ନ ସମସ୍ୟା ବୁଝିଥିଲେ। ତେବେ କମିଟିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ ବେଳେ କମିଟି ସଦସ୍ୟଙ୍କ ସଂଖ୍ୟା ତୁଳନାରେ ଜିଲ୍ଲା ବିଜେପିର ଦଳୀୟ କର୍ମକର୍ତ୍ତା ସଂଖ୍ୟା ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଥିଲା। ପରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଏକ ସାଧାରଣ ବୈଠକରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ଓ ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଉପରେ ସମୀକ୍ଷା କରିଥିଲେ। ବିଭାଗ ଗୁଡିକ ପକ୍ଷରୁ କମିଟି ଆଗରେ କାର୍ଯ୍ୟକ୍ରମ ଓ ଯୋଜନା ଅଗ୍ରଗତି ସମ୍ପର୍କିତ ତଥ୍ୟ ଉପସ୍ଥାପିତ କରାଯାଇଥିଲା। ବୈଠକରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନୁର୍ଜୟ ମହନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଡିପିଏମ ଓଏଲଏମ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାରି ସମବାୟ ସମିତିରେ ଧାନ କିଣା

**ଇବଥର୍ମାଲ, ୨୪।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସୁନାରି କୃଷି ସମବାୟ ସମିତି ପକ୍ଷରୁ ବୁଧବାର ଖରିଫ ଧାନ କିଣା ଆରମ୍ଭ ହୋଇଛି।




ଆଜି ସକାଳେ ଧାନ କିଣା ଅନୁକୂଳ କରିବାକୁ ପୂଜା କରାଯାଇଥିଲା। ଏହି ଅବସରରେ ସମବାୟ ସମିତି ସଭାପତି ଗୌତମ ପ୍ରଧାନଙ୍କ ଉପସ୍ଥିତିରେ ପୂର୍ବତନ ବୋର୍ଡ ଡାଇରେକ୍ଟର ଡୋଲାମଣି ବାରିକ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ସୁନାରି ସରପଞ୍ଚ ନନ୍ଦିନୀ ସାହୁ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଟୋକନ୍ ପାଇଥିବା ଚାଷୀଙ୍କ ସମେତ ଚାଷୀ ଅକ୍ରୁର ବିଶ୍ୱାଳ, ତାପସ ବାରିକ, ମନବୋଧ ବାରିକ, ପବିତ୍ର ପଣ୍ଡା ଉପସ୍ଥିତ ଥିଲେ। ଚାଷୀ ବାସୁଦେବ ପ୍ରଧାନ, ଚୂଡାମଣି ପଧାନ, କ୍ଷୀର ପଟେଲଙ୍କ ମୋଟ ୧୮୧ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଏହି ଅବସରରେ ସଭାପତି ଗୌତମ ପ୍ରଧାନଙ୍କ ସରକାରୀ ନିର୍ଦ୍ଦେଶାବଳୀ ଅନୁସାରେ ଧାନ କିଣା ଯିବ। କଟଣି ଛଟଣି ଶୂନ୍ୟ ରହିବ, ଧାନ କ୍ରୟରେ କିଛି ସମସ୍ୟା ହେଲେ ଚାଷୀ ମତେ ଅଭିଯୋଗ କରିବେ ବୋଲି ସେ କହିଥିଲେ। ଆଜିର କାର୍ଯ୍ୟକ୍ରମକୁ ସମବାୟ ସମିତି ସମ୍ପାଦକ ସପନ ପଧାନ ପରିଚାଳନା କରିଥିଲେ।

# ଗଣ୍ଡା ସମାଜର ବାର୍ଷିକ ଅଧିବେଶନ

**ଝାରସୁଗୁଡ଼ା, ୨୪।୧୨(ସମିସ):** ଝାରସୁଗୁଡ଼ା ବ୍ଲକ ବଡ଼ମାଲ ପଞ୍ଚାୟତର ବଡ଼ମାଳ ଠାରେ ଗଣ୍ଡା ସମାଜ ବିକାଶ ପରିଷଦ ଝାରସୁଗୁଡ଼ାର ଏକାଦଶ ବାର୍ଷିକ ଅଧିବେଶନ ସଭାପତି ଧୀମାନ ରବୀନ୍ଦ୍ର ସୋହେଲାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସଂଗଠନର ଉପଦେଷ୍ଟା ଆଇନଜୀବୀ ଲକ୍ଷ୍ମୀଚରଣ ପାଲ, ଉପଦେଷ୍ଟା ସମାଜସେବୀ ଦୟାସାଗର କୁମୁରା, ଅବସରପ୍ରାପ୍ତ ନିର୍ବାହୀଯନ୍ତ୍ରୀ (କ୍ଷୁଦ୍ର ଜଳସେଚନ) ପୂର୍ଣ୍ଣଚନ୍ଦ୍ର ମହାନନ୍ଦିଆ, ସମାଜସେବୀକା କୁମୁଦିନୀ କୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଗଠନର ଉପସଭାପତି ଧୀମାନ ଚିନ୍ତାମଣି ସାମନ୍ତରା ମଞ୍ଚ ପରିଚାଳନା କରିଥିଲେ। ଜାତିବାଦର ବ୍ୟବସ୍ଥାରେ କିଛି ନିର୍ଦ୍ଦିଷ୍ଟ ଜାତି ଚକ୍ରାନ୍ତ କରି ଗଣ୍ଡା ଜାତିକୁ ଏକ ନୀଚ ଅଛୁଆଁ ଜାତିର ଆଖ୍ୟା ଦେଇଛନ୍ତି। ଜାତି ବ୍ୟବସ୍ଥା ବିରୋଧରେ ଲଢ଼େଇ କରି ଗଣ୍ଡା ଜାତିକୁ ଏକ ସ୍ୱାଭିମାନୀ ଜାତି ଭାବେ ଗଢ଼ିବା ପାଇଁ ସଭାପତି ଆହ୍ୱାନ ଦେଇଥିଲେ। ଏଥିରେ ଜମେରା ଓ ହିର୍ମା ଗାଁର ବାଳକ ବାଳିକାମାନେ ସମ୍ବଲପୁରୀ (ପୁରାତନ ଗଣ୍ଡା କଳା) ଲୋକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଗଠନର ସମ୍ପାଦକ ରବୀନ୍ଦ୍ର ବାଦୀ, ସହ ସମ୍ପାଦକ ଦୁଃଖନାଶନ ଘୁଘର, କୋଷାଧକ୍ଷ ତେଜରାଜ ଲୁହା, ତୀର୍ଥ ଲୁହା, ଅଶ୍ୱିନୀ କୁମ୍ଭାର, ସୁବୋଧ ମାଳି, ତରଣୀସେନ ବୁଡ଼ା, ଦୋଳଗୋବିନ୍ଦ ଦେହେରିଆ, ଉମାଶଙ୍କର ଦିହିରିଆ, ଗଣେଶ୍ୱର ଉର୍ମା, ମଙ୍ଗଲୁ ମାଳି, ମନୋଜ ଘୁଘର, ଗୋବିନ୍ଦରନବିଡ଼ା, ନାରାୟଣ ସିଂହ ପ୍ରମୁଖ ବିଶେଷ ସହଯୋଗ କରିଥିଲେ।

# ରିଆମାଳ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା

**ରିଆମାଳ, ୨୪।୧୨(ସମିସ):** ରିଆମାଳ ବ୍ଲକ ରିଆମାଳ ପ୍ରାଥମିକ କୃଷି ସମବାୟ ସମିତି ଲିଃ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଭାପତି ତରଣୀସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରିଆମାଳ, ଆଡ଼ସ୍, ମଳେହିପଡ଼ା ପଞ୍ଚାୟତର ୩ ଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ରିଆମାଳ ଶାଖା ମ୍ୟାନେଜର ବୃନ୍ଦାବନ ସାହୁ ସେବା ସମବାୟର ଆୟବ୍ୟୟର ସୂଚନା ଦେଇ ଋଣ ଗ୍ରହୀତା ମାନେ ଶୀଘ୍ର ଋଣ ପରିଶୋଧ କରି ସରକାରଙ୍କ ଯୋଜନାରେ ଲାଭ ଉଠାଇବାକୁ କହି ଧାନ ମଣ୍ଡି ଉପରେ କହିଥିଲେ। ସେହିପରି ଆଇନଜୀବୀ ପ୍ରମୋଦ ନନ୍ଦ, ପୂର୍ବ ସମିତି ସଭ୍ୟ ଗାନ୍ଧି ଚରଣ ନାୟକ ମଞ୍ଚାସୀନ ଥିଲେ। ବହୁ ଚାଷୀ ନିଜ ନିଜର ସମସ୍ୟା ଉପସ୍ଥାପନା କରିଥିଲେ। ସେବା ସମବାୟର ସମ୍ପାଦକ ମୋତିଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିରିକ୍ତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲୋକନାଥ ସାହୁ, ଗୋଲବଦନ ବିଶ୍ୱାଳ ସହଯୋଗ କରିଥିଲେ।

# ପଶ୍ଚିମେଶ୍ୱର ବାବା ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ଇବଥର୍ମାଲ, ୨୪।୧୨(ସମିସ):** ପଶ୍ଚିମେଶ୍ୱର ବାବା ଯୁବକ ସଂଘ ତରଫରୁ ତେଳେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଝାରସୁଗୁଡ଼ା ଜିଲ୍ଲା ରକ୍ତଭଣ୍ଡାର ମୁଖ୍ୟ ଡ.ଶିଳବନ୍ତୀ ଯୁଯୋ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଆକାଶ ସାହୁ ଓ ଯନ୍ତ୍ରୀ ସତପାଲ ସିଂ ଯୋଗ ଦେଇଥିଲେ। ସଞ୍ଜୟ ସ୍ୱାଇଁ, ସଞ୍ଜିବ ପଧାନ, ଦୀନେଶ ସା, ମନୋଜ ସା, ସୁଦେଶ ପେରେ, ବିକାଶ ପଧାନ ଶିବିର ଆୟୋଜନରେ ସହଯୋଗ କରିଥିଲେ।



୩୮ ୟୁନିଟ୍ ରକ୍ତ ସଂଗ୍ରହ

ନେତ୍ରାନନ୍ଦ ସାହୁ, ଶଙ୍କର ଖମାରୀ, କିରଣ ଉର୍ମା, ହୃଦାନନ୍ଦ ପଧାନ, ରାଜ ସ୍ୱାଇଁ, ଦିବ୍ୟଲୋଚନ ସେଟ୍, ଗୋପାଲ କୃଷ୍ଣ ବାରିକ, ବାବୁଲାଲ ଭୋଇ, କେତେନ ଦେହେରୀ, ବୈଲୋଚନ କୁମରା, ଅକ୍ଷୟ ଓରାମ, ସଞ୍ଜୀବ ଭୋଇ, ଛବିଲ ଭୋଇ, ସୁମନ ସେଟ୍, ଗୋବିନ୍ଦ ତନ୍ତୀ, ପ୍ରମୋଦ ସା, ସୂଜିତ ବେହେରା, ଗୋବର୍ଦ୍ଧନ ଧରୁଆ, ରମାକାନ୍ତ ନାୟକ, ରବି ବାର୍ଲା, ପପିନ୍ଦ୍ର ରାଉତ, ମନ୍ମଥ ପାଢ଼ୀ, ଉତ୍ତମ ଦାସ, ବିଷ୍ଣୁପ୍ରିୟା ସିଂ, ଅନୀତା ପ୍ରଧାନ, ଦିବ୍ୟରଞ୍ଜନ ଦାସ, ଭାନୁମତି ପଣ୍ଡା, ଜଗନ୍ନାଥ ଭୂୟାଁ, ଉମେଶ ଚନ୍ଦ୍ର ଖମାରୀ, ପୁରନ୍ଦର ଭୋଇ, ସତ୍ୟେନ୍ଦ୍ର ବଗର୍ତ୍ତି, ଲକ୍ଷ୍ମଣ ସା, କିରଣ ଉର୍ମା, ଅଜୟ ପଣ୍ଡା, ରଞ୍ଜନ ସେଟ୍, ଲଳିତ କାଲସେ, ରସ୍ମିତା ବଡ଼େଇ, ହେମନ୍ତ ଭୋଇ ବିଜୟ ପଧାନ ପ୍ରମୁଖ ରକ୍ତଦାନ କରିଥିଲେ।

# କୁଲତା ସମାଜର ଜନସମାବେଶ ଓ ମିଶ୍ରଣ ପାଇଁ ପ୍ରସ୍ତୁତି

**ଝାରସୁଗୁଡ଼ା, ୨୪।୧୨ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମଣ୍ଡଲିଆ ସ୍ଥିତ ଏମସିଏଲର କଲ୍ୟାଣ ମଣ୍ଡପ ଠାରେ ଆସନ୍ତା ଜାନୁଆରୀ ୧୦ ଏବଂ ୧୧ ତାରିଖ ଦୁଇ ଦିନ ଧରି ଓଡ଼ିଶା ଓ ଛତିଶଗଡ଼ରେ ବସବାସ କରୁଥିବା ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ଦେବୀଙ୍କ ଭକ୍ତ କୁଲତା ଜାତିର ଏକ ମହା ସମାବେଶ ମହା ସମାରୋହରେ ଆୟୋଜିତ ହେବ। ଏଥି ନିମନ୍ତେ ବ୍ରଜରାଜନଗର ନୂଆଁଡିହି ଗୌରୀ ଶଙ୍କର କ୍ଲବ୍ ଠାରେ ଜିଲ୍ଲାର ପ୍ରମୁଖ ପୀଠ ଗୁଡିକ ତଥା ଅନ୍ୟାନ୍ୟ କୁଲତା ସଂଗଠନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତିର ଏକତା ଓ ସଂହତି ରକ୍ଷା ସହ ଆଗାମୀ ମହାସମାବେଶକୁ ସଫଳ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ସମ୍ବଲପୁର ଜିଲ୍ଲା ଲପଙ୍ଗା ପୀଠର ସଭାପତି ଲଳିତ ସାହୁ,



କଦେଲ ପିଟା ପୀଠ ସଭାପତି କ୍ଷୀରୋଧ ପ୍ରଧାନ, ଅଢ଼ାପରା ପୀଠ ସଭାପତି ରଘୁମଣୀ ପ୍ରଧାନ, ବନ୍ଧବାହାଲ ରାମଚଣ୍ଡୀ ସଂଗଠନ ସଭାପତି ଭାଗିରଥି ପ୍ରଧାନ, କୁଲତା ସମାଜ ବିକାଶ ମଞ୍ଚ ସଭାପତି ନନ୍ଦ କିଶୋର ପ୍ରଧାନ, ଗଣ୍ଡ ଘୋର ପ୍ରଗଣା ସଭାପତି ରୂପୀନ୍ଦ୍ର ବଡ଼େଇ, ଶଶିଭୂଷଣ ସାହୁ, ଗୋବର୍ଦ୍ଧନ ବାରିକ, ରମେଶ ସା, ସମର ବଗା ଗୁଡି ସଭାପତି ଅକ୍ଷୟ ପ୍ରଧାନ, ଅତାବିରା ଉପପୀଠ ସଭାପତି ରତ୍ନାକର ଖମାରି, ସମାଜସେବୀ ସେବକରାମ ଭୋଇ ପ୍ରମୁଖ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ୨୪ ତମ କୁଲତା ଜାତି ମହାସଭା ସଭାପତି ସନ୍ତୋଷ ବଡ଼େଇ ମହାସମାବେଶକୁ ସଫଳ କରିବାକୁ ନିବେଦନ କରିଥିଲେ। ବୈଠକରେ କୁଲତା ସମାଜ ବିକାଶ ମଞ୍ଚ ସଭାପତି ନନ୍ଦ କିଶୋର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ହୃଦାନନ୍ଦ ମାଝି ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରଜରାଜନଗର କୁଲତା ସମାଜ ବିକାଶ ମଞ୍ଚର କର୍ମକର୍ତ୍ତାଙ୍କ ମଧ୍ୟରେ ଅରୁଣ ପ୍ରଧାନ, ପ୍ରେମାନିଧି ପ୍ରଧାନ, ରଞ୍ଜିତ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ, ତୁଲାରାମ ପ୍ରଧାନ, ଛବିଳ ବଡ଼େଇ, ଦୀର୍ଯୋଧନ ଖମାରି, ଶୈଳେନ୍ଦ୍ର ପ୍ରଧାନ, ସୀତାରାମ ପ୍ରଧାନ, ଚନ୍ଦ୍ରମଣୀ ପ୍ରଧାନ, ବାଲ ମୁକୁନ୍ଦ ପ୍ରଧାନ, ସୁରଥ ସାହୁ, ଦୟାସାଗର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

■ କେନ୍ଦୁପତ୍ର ତୋଳାଳି ଓ ଋତୁକାଳୀନ କର୍ମଚାରୀଙ୍କ ଦାବି

# ଜାନୁଆରୀ ଶେଷ ସୁଦ୍ଧା ସମାଧାନ ନ ହେଲେ ଆନ୍ଦୋଳନ

**ବାରକୋଟ, ୨୪।୧୨(ସମିସ):** ଦେବଗଡ଼ କେନ୍ଦୁପତ୍ର ଡିଭିଜନର ବାରକୋଟ ଓ କଣ୍ଢେଲରେଞ୍ଜର ବିଜୟନଗର ମାଁ ଶରଣୀପାଟ ମନ୍ଦିର ପ୍ରାଙ୍ଗଣରେ ବିଡବ୍ଲ୍ୟୁଆଇ ସହାୟତାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଶତାଧିକ କେନ୍ଦୁପତ୍ର ତୋଳାଳି, ଋତୁକାଳୀନ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ଯୋଗ ଦେଇଥିଲେ। ସଭାରେ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଦାବି ପୂରଣରେ ସରକାର ଆହେତୁକ ବିଳମ୍ବ କରୁଥିବା ବକ୍ତା ମାନେ ଅଭିଯୋଗ କରିଥିଲେ। ରାଜ୍ୟ ସଭାପତି ଶ୍ରୀ ମହାନ୍ତି କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ଋତୁକାଳୀନ କର୍ମଚାରୀ ମାନଙ୍କର ସର୍ବନିମ୍ନ ମଜୁରି ଅନୁପାତରେ ମାସିକ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକ ମାନଙ୍କର ବଣ୍ଡଲ ପ୍ରତି ମଜୁରି ବୃଦ୍ଧି ଏବଂ ବୋନସ ପରିମାଣ ବୃଦ୍ଧିକୁ ସରକାର ଜାନୁଆରୀ ଶେଷ ସୁଦ୍ଧା ଘୋଷଣା କରିବାକୁ ଦାବି କରିଥିଲେ। ଋତୁକାଳୀନ କର୍ମଚାରୀଙ୍କ ଛଟେଇ, ଫଡି ଉଚ୍ଛେଦ ଆଦି ଶ୍ରମିକ ଓ ତୋଳାଳି ବିରୋଧୀ ବିଚାରରୁ ନିବୃତ୍ତ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ଏହିସବୁ ଦାବି ଜାନୁଆରୀ ଶେଷ ସୁଦ୍ଧା ପୂରଣ ନ ହେଲେ ସଂଘ ପକ୍ଷରୁ ବଡ ଧରଣର ଆନ୍ଦୋଳନ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ଘୋଷଣା କରିଥିଲେ। ଏହି ଆଲୋଚନା ସଭାକୁ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା ପରିଚାଳନା କରିଥିଲେ। ଏଥିରେ ସଂଘର ରାଜ୍ୟ ସାଂଗଠାନିକ ସମ୍ପାଦକ ସଞ୍ଜିତ ମହାନ୍ତି ତାଙ୍କ ଭାଷଣରେ ଦାବି ହାସଲ ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଜଣାଇ ଜିଏସଟି ଉଚ୍ଛେଦ ଲଢ଼େଇରେ ସଂଘ ବିଜୟୀ ହୋଇଥିବା ବେଳେ ଜିଏସଟି ବାବଦରେ ସଂଗ୍ରହ ହୋଇଥିବା ଅର୍ଥକୁ ସରକାର ତୋଳାଳି କର୍ମଚାରୀ ମଧ୍ୟରେ ବଣ୍ଟନ କରିବାକୁ ଓ ମୃତ୍ୟୁ କାଳୀନ ସହାୟତା ବୃଦ୍ଧି କରିବାକୁ ଦାବି କରିଥିଲେ। ଏଥିରେ ଦେବଗଡ଼ ଡିଭିଜନରେ ମୁନସୀ ଓ ଫଡିସାଥୀ ମାନେ ଧାର୍ଯ୍ୟ ସମୟ ସୀମା ଠାରୁ ବହୁ କମ୍ ପରିମାଣର ମାସିକ ମଜୁରି ପାଇଥିବା ଏବଂ ଡିଏସ୍ କାର୍ଯ୍ୟରେ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମଜୁରି ମିଳିଥିବା ଅଭିଯୋଗ ହୋଇଥିଲା। ଏଥିପ୍ରତି ଡିଏଫଓ ଧ୍ୟାନ ଦେଇ ପ୍ରତିକାର କରିବାକୁ ଦାବି କରାଯାଇଥିଲା। ଏହି ଆଲୋଚନା ସଭାରେ ଡିଭିଜନ ସମ୍ପାଦକ ଭୁପେନ୍ଦ୍ର ପ୍ରସାଦ ନାୟକ, ପୂର୍ବତନ ସମବାୟ କେନ୍ଦ୍ର ବ୍ୟାଙ୍କର ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ପୂର୍ବତନ ଡିଭିଜନ ସମ୍ପାଦକ ବିଶ୍ୱନାଥ ସ୍ୱାଇଁ, ଶଙ୍କର୍ଷଣ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, କୌଶିକ ସାହୁ, ଜ୍ଞାନେନ୍ଦ୍ର ଗଡ଼ନାୟକ, ବିରେନ୍ଦ୍ର ଦେବ, ଦୁଃଶାସନ ସାହୁ, ରମାକାନ୍ତ ସାହୁ, ଚିତ୍ରସେନ ନାୟକ, ସୁଶୀଳା ବେହେରା, ଲଳିତା ବେହେରା, ବିନୋଦିନୀ ସାହୁ, ରିମା ମାଝୀ, ଶୈଳବାଳା ସ୍ୱାଇଁ, ଝରଣା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସୁମିତ ପଟେଲ ଯୁବ ସଂଯୋଜକ ସୁମିତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସୁଶାସନ କର୍ମଶାଳା

**ଦେବଗଡ଼, ୨୪।୧୨(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ କର୍ମଶାଳା ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ସୁଶାସନ ସପ୍ତାହ ଅବସରରେ ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗ ଅଧିକାରୀ ନିଜ ନିଜ ବିଭାଗର ସୁବିଧା ସୁଯୋଗ କିପରି ଲୋକାଭିମୁଖୀ ହୋଇପାରିବ ଏବଂ ସେହି ସୁବିଧା ଜନସାଧାରଣ କିପରି ପାଇପାରିବେ ସେ ନେଇ ଜିଲ୍ଲାପାଳ ଶ୍ରୀ ସାହୁ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୂଜୁର୍, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧନୁର୍ଜୟ ମହନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର୍, ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦ୍ରାକୁଜୁର୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ବିଜୟ ପାତ୍ର, ଡିପିଏମ୍ ଓଏଲେମ୍ ଶିଶିର ଷଡଙ୍ଗୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଟିପିଡବ୍ଲୁଡିଏଲ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀରାଜୁ ସାହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବରିଷ୍ଠ ନାଗରିକ ରାମଚନ୍ଦ୍ର ମହାପାତ୍ର, ଗୌରହରି ଷଡଙ୍ଗୀ, ଯୁଧିଷ୍ଠିର ଦାସ, ଭୁବନେଶ୍ୱର ପ୍ରଧାନ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

# ଜାତୀୟ ଉପଭୋକ୍ତା ଦିବସ

**ଦେବଗଡ଼, ୨୪।୧୨ (ସମିସ):** ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ବୈଧ ଓ ମାପ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବୈଧ ମାପ ଓ ବିଜ୍ଞାନ ବିଭାଗ ଉପନ?ୟନ୍ତ୍ରକ ରଞ୍ଜନା ପଟେଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର, ଯୋଗାଣ ଅଧିକାରୀ ସହାୟକ ଯତୀନ ରାଉତ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଅତିଥି ଭାବେ ଯୋଗଦେଇ ଡିଜିଟାଲ ନ୍ୟାୟ ମାଧ୍ୟମରେ କାର୍ଯ୍ୟକୁଶଳ ଏବଂ ଦ୍ରୁତ ନିଷ୍ପତ୍ତି ବିଷୟ ସମ୍ପର୍କିତ ଆଲୋଚନାଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ଲୋକମାନେ କୌଣସି ଜିନିଷ କିଣିବା ବେଳେ ତାହାର ମୂଲ୍ୟ, ଏକ୍ସପାରୀ ତାରିଖ, ଦୋକାନୀ ଠାରୁ ବିଲ ସଂଗ୍ରହକୁ ଧ୍ୟାନ ଦେବା ସହିତ ସଠିକ ମୂଲ୍ୟରେ ଜିନିଷ ନଦେଲେ ଖାଉଟି ଅଦାଲତ ଆଶ୍ରୟ ନେବା ସହ ଆଇନଗତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲ୍ଲା ଯୋଗାଣ ବିଭାଗର କର୍ମଚାରୀ, ବୈଧ ମାପ ବିଜ୍ଞାନ ଉପ ନିୟନ୍ତ୍ରକ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ସରବାହାଲ ସ୍ଥିତ ଲିଟିଲଷ୍ଟାର ପବ୍ଲିକ ସ୍କୁଲ ସଭାଗୃହ ଠାରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଖାଦ୍ୟ ଯୋଗାଣ ବିଭାଗ ତରଫରୁ ଏଇତ ଜୀବନ ଭି ସହଭାଗିତାରେ ଜାତୀୟ ଉପଭୋକ୍ତା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉପନିୟନ୍ତ୍ରକ ଆଶା ମିଞ୍ଜ ଯୋଗ ଦେଇଥିଲେ। ଉପଭୋକ୍ତା ମାନଙ୍କ ଲାଗି ଥିବା ଆଇନ ଗତ ସୁବିଧାର ଅବତରଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଗଙ୍ଗନ ମାରାଣ୍ଡି ଉପଭୋକ୍ତା କିପରି ଆଇନଗତ ସୁବିଧା ନେଇ ପାରିବେ ତାହା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଡ.କୈବଲ୍ୟ ମିଶ୍ର ଜିନିଷ କ୍ରୟ କଲା ବେଳେ କେଉଁ ବିଷୟରେ ଧ୍ୟାନ ଦେବା ବିଧେୟ ତା ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକା ତଥା ଇଜେଭି ଉପ ସଭାପତି ଅଞ୍ଜଳିପ୍ରଭା ପଟ୍ଟନାୟକ ନିଜର ବକ୍ତବ୍ୟରେ ଉପଭୋକ୍ତାର ଅଧିକାର, ଆଇନଗତ ସମୟସୀମା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟୀ ବେହେରା ଉପଭୋକ୍ତାଙ୍କ କର୍ତ୍ତବ୍ୟବୋଧ ଉପରେ ମତ ରଖିଥିଲେ। ଏଲ୍ଏସପି ସ୍କୁଲର୍ ଅଧ୍ୟକ୍ଷ ଗୁରୁଫାନ ଖାଁ ସଭା କାର୍ଯ୍ୟରେ ସଭାପତିତ୍ୱ କରିଥିଲେ। ପୁନମ୍ ପଟେଲ୍ ସ୍ୱାଗତ ଭାଷଣ ରଖିଥିବା ବେଳେ ପ୍ରୀୟାରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଇଜେଭି ଫାଉଣ୍ଡେସନ ପକ୍ଷରୁ ଅନିତା ବାଗ, ମିନତି ମେହେର, ଦୀପ୍ତି ବେହେରା, ହେମଲତା ମେହେର, ଆଶା ସା ପ୍ରମୁଖ ସହଯୋଗ କରିଥିଲେ।

# କମଳା ରସ ପ୍ରକ୍ରିୟାକରଣ କେନ୍ଦ୍ରରେ ତାଲିମ୍

**ଦେବଗଡ଼, ୨୪।୧୨(ସମିସ):** ରିଆମାଳ ବ୍ଲକ ବୁଢ଼ାପାଳ ଠାରେ ଅବସ୍ଥିତ କମଳାରସ ପ୍ରକ୍ରିୟା କରଣ କେନ୍ଦ୍ରରେ ଓୟୁଏଟି ଭୁବନେଶ୍ୱରର ତତ୍ତ୍ୱାବଧାନରେ କମଳାରସ ଗୁଣବତ୍ତା ବୃଦ୍ଧି ସମ୍ପର୍କିତ ଏକଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓୟୁଏଟି ଭୁବନେଶ୍ୱରର ଅଧ୍ୟାପକ ନିହାର ରଞ୍ଜନ ଦାସ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଓୟୁଏଟିର କୈଳାଶ ଚନ୍ଦ୍ର ପରିଡ଼ା ବୈଷୟିକ ପରାମର୍ଶ ଦାତା ତଥା ନବକିଶୋର ସାହୁ ବିଭିନ୍ନ ବିଷୟର ଆଲୋଚନା କରିଥିଲେ। ଶିବିରରେ ନିକଟସ୍ଥ ୪ଟି ଗାଁରୁ ୫୦ ଜଣ ମହିଳା ତାଲିମ୍ ଶିବିରରେ ଯୋଗ ଦେଇଥିଲେ। ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ ତାଲିମ୍ ଶିବିରକୁ ପରିଚାଳନା କରିଥିଲେ।

# ମାଁ ରମ୍ଭାଦେବୀ କ୍ରିକେଟ ପ୍ରତିଯୋଗିତା: ଟାଇଁସର ଚାମ୍ପିଅନ

**ଦେବଗଡ଼, ୨୪।୧୨(ସମିସ):** ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ସଦର ମହକୁମାରେ ମାଁ ରମ୍ଭାଦେବୀ କ୍ରିକେଟ କମିଟି ଆନୁକୂଲ୍ୟରେ ଗତ ସୋମବାରରୁ ଆରମ୍ଭ



ହୋଇଥିବା ମାଁ ରମ୍ଭାଦେବୀ ତ୍ରି-ଦିବସୀୟ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଆଜିର ଫାଇନାଲ ମ୍ୟାଚ୍‌ରେ କାଲକାଠ କ୍ରିକେଟ ଦଳକୁ ୩୦ ରନରେ ପରାସ୍ତ କରି ଟାଇଁସର କ୍ରିକେଟ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ଭାବେ ସୁଶାନ୍ତ ସାହୁ, ଅରୁଣ ସାହୁ, ପିଙ୍କେଶ୍ୱର ପ୍ରଧାନ, ସୁପ୍ରିମ ସାହୁ ଓ ଅନିଲ ସାହୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତି ପ୍ରଧାନ, ସମ୍ବଲପୁର ଲୋକସଭା ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲା ଓକିଲ ସଂଘର ସଭାପତି ତଥା ସୁଗୁଡା ସେବା ସମବାୟ ସମିତିର ସଭାପତି ସିଦ୍ଧେଶ୍ୱର ଗୁରୁ ଓ ସୁଗୁଡା ପଞ୍ଚାୟତର ସରପଞ୍ଚ କୁନୁ ବେହେରା ଯୋଗ ଦେଇଥିଲେ। ଅତିଥି ମାନେ ଚାମ୍ପିଅନ ଟାଇଁସର ଓ ରନର୍ସଅପ୍ କାଲକାଠ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ମାଁ ରମ୍ଭାଦେବୀ କ୍ରିକେଟ କମିଟିର ସଦସ୍ୟ ଶ୍ରୀତମ ସାହୁ, ସଞ୍ଜୟ ସାହୁ, ଚନ୍ଦନ ସାହୁ, ଭାଗିରଥୀ ସାହୁ, ବିକମ ପ୍ରଧାନ, ସୁଶାନ୍ତ ସାହୁ, ଶାନ୍ତନୁ, ଚିନୁ ସାହୁ, ସଚିନ ସାହୁ, ଠାକୁର, ଡେଭିଡ ପ୍ରଦାନ, ବିକାଶ ପ୍ରଧାନ, ହରିହର ସାହୁ ଓ ବିକୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଇଷ୍ଟକୋଷ୍ଟ ଖୋର୍ଦ୍ଧାକୁ ହରାଇ ଫାଇନାଲରେ ଏଏସ୍ ଏକାଡେମୀ ରାଉରକେଲା

ଦେବଗଡ଼, ୨୪।୧୨(ସମିସ)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ବାମଣ୍ଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୩୫ ତମ ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ବୁଧବାର ଗ୍ରୁପ୍ ଏର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଉରକେଲା ଏଏସ ଏକାଡେମୀ ସହ ଖୋର୍ଦ୍ଧା ଇଷ୍ଟକୋଷ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ଖୋର୍ଦ୍ଧାକୁ ୪୩ ରନ୍‌ରେ ପରାସ୍ତ କରି ରାଉରକେଲା ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା। ଦଳ ପକ୍ଷରୁ ଜେକିଆନ୍ତ କାଇୱାର୍ଥ ୪୭, ଶୁଭମ୍ ରାଉତରାୟ ୩୦ ଓ ବିକାଶ ଦୀକ୍ଷିତ ୩୦ ରନ କରିଥିଲେ। ଖୋର୍ଦ୍ଧା ଦଳର ବୋଲର ଜୟନ୍ତ ବେହେରା ୫ ଓ କୌଶଳ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ ଖୋର୍ଦ୍ଧା ଦଳ ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୦ ରନ କରି ପରାଜିତ ହୋଇଥିଲେ। ଦଳ ପକ୍ଷରୁ ଆଦିତ୍ୟ ରାଉତ ୪୦ ଓ ଏମ୍ ପାଣ୍ଡେ ୪୦ ରନ୍ ସଂଗ୍ରହ କରିଥିଲା ବେଳେ ରାଉରକେଲା ଦଳର ବୋଲର ବିକାଶ ଦୀକ୍ଷିତ ୪ ଓ ରୌଶନ୍ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଆଜିର ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ସେହିପରି ବେଣୁଧର ଗଡ଼ନାଏକ ଓ ଦିଲ୍ଲୁ ଦାସଭାୟା ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌ରେ ରାଉରକେଲା ଦଳର ବିକାଶ ଦୀକ୍ଷିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।



# ମଜୁରୀ ବୃଦ୍ଧି ଦାବିରେ ମଣ୍ଡି ଶ୍ରମିକଙ୍କ କାର୍ଯ୍ୟବନ୍ଦ



ମନମୁଣ୍ଡା,୨୪।୧୨(ସମିସ): ମନମୁଣ୍ଡା ମଣ୍ଡିରେ ଶ୍ରମିକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ମଣ୍ଡିର ଶ୍ରମିକମାନେ କୁଇଣ୍ଟାଲ ପ୍ରତି (ଲୋଡ୍ କରିବା ସକାଶେ) ୧୧ ଟଙ୍କା ମଜୁରି ପାଉଥିଲେ। ସରକାର ସେମାନଙ୍କ ଦର ବୃଦ୍ଧି କରିଛନ୍ତି। ବର୍ତ୍ତମାନ ମହଙ୍ଗା ଯୁଗରେ ୧୧ ଟଙ୍କା ଦରରେ ଆଉ କାମ କରିବା ଅସମ୍ଭବ। ସେତିକି ଦରରେ କାମ କଲେ ପରିବାର ପୋଷଣ କରି ହେଉନି। ଚଳିବା କଷ୍ଟକର ହେଉଥିବା ଶ୍ରମିକମାନେ କହିଛନ୍ତି। ଗତ ୧୬ ତାରିଖରେ ମନମୁଣ୍ଡା ମଣ୍ଡିରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ଅଭିଯାନ ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ଉପସ୍ଥିତିରେ ଶ୍ରମିକମାନେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ନିଜ ସମସ୍ୟା ନେଇ ଗୁହାରି କରିଥିଲେ। କୁଇଣ୍ଟାଲ ପ୍ରତି ୧୧ ଟଙ୍କା ବଦଳରେ ୧୫ ଟଙ୍କା ବୃଦ୍ଧି କରାଯିବାକୁ ଦାବି କରିଥିଲେ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନର ଚେତାବନୀ ଦେଇଥିଲେ। ଚେତାବନୀ ପ୍ରକାରେ ୭ ଦିନ ପୂରଣ ହୋଇଛି; ହେଲେ ସେମାନଙ୍କ ଦାବି ପୂରଣ କରାଯାଇନି।

ସେହିପରି ପ୍ରଶାସନ ପକ୍ଷରୁ କୌଣସି ଜଣେ ହେଲେ ଅଧିକାରୀ ଶ୍ରମିକମାନଙ୍କ ସହ ଆଲୋଚନା କରୁ ନାହାନ୍ତି। ମନମୁଣ୍ଡା ମଣ୍ଡିର ଶ୍ରମିକମାନଙ୍କ ଦାବିକୁ କଣ୍ଟାମାଳ ବ୍ଲକର ସମସ୍ତ ମଣ୍ଡିର ଶ୍ରମିକ ଏବଂ ବୌଦ୍ଧ ବ୍ଲକର ୫ଟି ମଣ୍ଡିର ଶ୍ରମିକ ସମର୍ଥନ କରିଛନ୍ତି। ଶେଷରେ ସେମାନେ ମନମୁଣ୍ଡା ମଣ୍ଡିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନମୁଣ୍ଡା ମଣ୍ଡିରୁ ଧାନ ଉଠାଇବା ପାଇଁ ଆସିଥିବା ଜଣେ ମିଲ୍ ମାଲିକଙ୍କ ସହ ଶ୍ରମିକମାନେ ଆଲୋଚନା କରିଥିଲେ। ମିଲ୍ ମାଲିକ କିନ୍ତୁ ହାତ ଟେକି ଦେଇଥିଲେ। ସେମାଙ୍କ ଅନେକ ସମସ୍ୟା ରହଛି। ସେମାନଙ୍କ ଦାବି ମଧ୍ୟ ସରକାର ପୂରଣ କରୁ ନାହାନ୍ତି।

ଏପରିସ୍ଥଳେ ଶ୍ରମିକମାନଙ୍କ ଦାବିକୁ ନେଇ ସେମାନେ କିଛି କରି ପାରିବେ ନାହିଁ ବୋଲି ମିଲ୍‌ମାଲିକ ଜଣକ କହିଥିଲେ। ଏହାଫଳରେ ଶ୍ରମିକ ମାନେ କାର୍ଯ୍ୟ ବନ୍ଦ କରିଥିଲେ। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରମିକମାନେ କହିଛନ୍ତି। ଏହାଦ୍ୱାରା ମନମୁଣ୍ଡା ମଣ୍ଡିରୁ ଧାନ ଉଠି ନ ଥିଲା। ଏହିପରି ଅଚଳ ଅବସ୍ଥା କଣ୍ଟାମାଳ ବ୍ଲକର ସମସ୍ତ ମଣ୍ଡିରେ ଦେଖା ଦେଇଥିଲା। ବୌଦ୍ଧ ବ୍ଲକର ୫ଟି ମଣ୍ଡିରେ ମଧ୍ୟ ଏଭଳି ସମସ୍ୟା ଦେଖା ଦେଇଥିଲା। ଯେପର୍ଯ୍ୟନ୍ତ ସରକାର ଶ୍ରମିକମାନଙ୍କ ଦାବି ପୂରଣ କରି ନାହାନ୍ତି ସେ ପର୍ଯ୍ୟନ୍ତ ବୌଦ୍ଧ ଜିଲ୍ଲାର ସବୁ ମଣ୍ଡିରେ ଏହିଭଳି ଅବସ୍ଥା ଦେଖା ଦେବ ବୋଲି ଅସନ୍ତୁଷ୍ଟ ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

## ପ୍ରହସନ ପାଲଟିଛି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

# ଚାଷୀଙ୍କୁ ଧମକାଉଛନ୍ତି ଏଆରସିଏସ୍

ବୌଦ୍ଧ,୨୪।୧୨(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ପିପିଲିପାଲି ଗ୍ରାମର ଅଶୋକ ପ୍ରଧାନ ଗତ ୨୦୨୫ ରବି ଋତୁରେ ରୁଣ୍ଡି ମହୁଲ ସେବା ସମବାୟ ସମିତିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି; ହେଲେ ଧାନବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ରୁଣ୍ଡିମହୁଲ ସେବା ସମବାୟ ସମିତିର ସମ୍ପାଦକ ଏବଂ ଡାଟା ଏଣ୍ଟ୍ରି ଅପରେଟର ସଂପୂର୍ଣ ଭାବେ ଦାୟୀ ବୋଲି ଜିଲ୍ଲାପାଳଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। ଏ ନେଇ ଅଶୋକ କ୍ରମାଗତ ଭାବେ ୬ଥର ଜିଲ୍ଲପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି; ହେଲେ ନ୍ୟାୟ ମିଳି ନ ଥିବା କହିଛନ୍ତି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରହସନ ପାଲଟିଛି। ଏଥିରୁ ଲୋକଙ୍କୁ ଉଚିତ ନ୍ୟାୟ ମିଳି ପାରୁ ନ ଥିବା ସେ କହିଛନ୍ତି। ଅକ୍ଟୋବର ୧୫ ତାରିଖରେ କଣ୍ଟାମାଳରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ

**୬ଥର ଅଭିଯୋଗ କଲା ପରେ ମଧ୍ୟ ନ୍ୟାୟ ମିଳୁନି**

ସେ ଅଭିଯୋଗ କରିଥିଲେ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୌଦ୍ଧ ଏଆରସିଏସ୍ ନୋଟିସ ଜାରି କରି ଅକ୍ଟୋବର ୨୩ ତାରିଖରେ ତଦନ୍ତ ସଂପର୍କିତ କାଗଜାତ ସହ ଉପସ୍ଥିତ ରହି ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଶୋକ ନିର୍ଦ୍ଧାରିତ ସମୟରେ ଏଆରସିଏସଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦନ୍ତ ସମ୍ପର୍କିତ କାଗଜପତ୍ର ଦାଖଲ କରି ତଦନ୍ତରେ ସହଯୋଗ କରିଥିଲେ; ହେଲେ ଏ ଆରସିଏସ ତଦନ୍ତ କରି ଦୋଷୀକୁ ଦଣ୍ଡ ବିଧାନ କରିବା ସହ ଧାନ ବିକ୍ରି ବ୍ୟବସ୍ଥା କରିବା ପରିବର୍ତ୍ତେ ଓଲଟା ଆପୋଷ ବୁଝାମଣା କରି ଅଭିଯୋଗକୁ ରଫାଦଫା କରିବା ପାଇଁ କହିଥିଲେ। ଅଶୋକ ଏହାକୁ ମନା କରିବାରୁ ଆଗାମୀ ଦିନରେ ବହୁତ ଅସୁବିଧାର ସଂମୁଖୀନ ହେବ ବୋଲି ଧମକ ଦେଇ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଯାହା କରିବା କଥା କର। ଆମର କୌଣସି ଅସୁବିଧା ହେବ ନାହିଁ ବୋଲି ଅଶୋକଙ୍କୁ ଏଆରସିଏସ ଧମକାଇଥିବା ସେ ଅଭିଯୋଗ କରିଛନ୍ତି। ଅର୍ଥ ଅଭାବରୁ ଅଶୋକ ଖରିଫ ଧାନ ଚାଷରେ ସାର ଓ କୀଟନାଶକ ପ୍ରୟାଗ କରି ପାରି ନ ଥିବାରୁ ଖରିଫ ଧାନ ଚାଷ ସଂମ୍ପୂର୍ଣ ରୂପେ ପ୍ରଭାବିତ ହୋଇଥିବା କହିଛନ୍ତି। ରୁଣ୍ଡିମହୁଲ ସେବାସମବାୟ ସମିତିର ସମ୍ପାଦକ ଏବଂ ଡିଇଓ ବୁଝାମଣା କରିବା ପାଇଁ ବାଧ କରୁଛନ୍ତି। ନ ହେଲେ ଜୀବନରେ ମାରିଦେବା ପାଇଁ ଧମକ ଦେଉଥିବା ସେ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ସେ ବହୁତ ମାନସିକ ଚାପରେ ଅଛନ୍ତି। ଯଦି କୌଣସି କ୍ଷତି ହୁଏ ସେଥିପାଇଁ ପ୍ୟାକ୍ସ ସମ୍ପାଦକ, ଡିଇଓ, ବୌଦ୍ଧ ଏଆରସିଏସ୍ ଦାୟୀ ରହିବେ ବୋଲି ଅଶୋକ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ତେବେ ଘଟଣା ସମ୍ପର୍କରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ପଚାରିବାରୁ ଅଭିଯୋଗକାରୀ ୬ଥର ଅଭିଯୋଗ କରିଥିବା ସେ ଜାଣି ନାହାନ୍ତି। ତାଙ୍କୁ ଆବଶ୍ୟକ କାଗଜପତ୍ର ପଠାଇଲା ପରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ବ୍ରାହ୍ମଣୀ ଗ୍ରାମରେ 'ଗାଁ ଦିବସ ସମ୍ମାନ' ମହୋତ୍ସବ

କଣ୍ଟାମାଳ/ଶଗଡା,୨୪।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଅନ୍ତର୍ଗତ ଖଟଖଟିଆ ପଞ୍ଚାୟତ ସ୍ଥିତ ବ୍ରାହ୍ମଣୀ ଗ୍ରାମବିଜୟ କଳା ମଣ୍ଡପରେ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘ ଆୟୋଜକରେ ରାଜ୍ୟସ୍ତରୀୟ ଗାଁ ଦିବସ ସମ୍ମାନ ଓ ବାର୍ଷିକ ମହୋତ୍ସବ କଳାକ୍ଷେତ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ରମେଶ ପ୍ରସାଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସିନେ ଅଭିନେତା ତଥା କଳାକ୍ଷେତ୍ର ଓଡିଶାର ସଭାପତି ଅଶ୍ରୁ ମୋଚନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକ୍ଷେତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସଦସ୍ୟ ତଥା କଳାକ୍ଷେତ୍ରର ସମ୍ପାଦକ ବାସୁଦେବ ମାଲବିଶୋଇ, ସଂଗୀତ ନାଟକ ଏକାଡେମୀ ସଦସ୍ୟ ବସନ୍ତ ସାହୁ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ବିଜେପି ନେତା ଅଟଳ ପ୍ରଧାନ, ଶିବ କମ୍ପ, ରଞ୍ଜୁଧର ପ୍ରଧାନ, ରଘୁନାଥ ମହାପାତ୍ର, ଅତିରାତ୍ର ପ୍ରଧାନ ମଞ୍ଚାସୀନ ଥିଲେ । ଏହି ଅବସରରେ ହରିହର ପ୍ରଧାନଙ୍କୁ ନାଟ୍ୟ କଳାକାର ଭାବେ ସମ୍ମାନିତ କରାଯାଇଥିଲା। ବାମଦେମହାନ୍ତି ସଭା ପରିଚାଳନା କରିଥିବା ବେଳେ ଅରୁଣ ମେଣ୍ଡୁଳି ଧନ୍ୟବାଦ ଅର୍ପଣ କରିଥିଲେ। ସୁରେନ୍ଦ୍ର କର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମବାସୀମାନେ ସହଯୋଗ କରିଥିଲେ।।

## ● ଗ୍ରାମ୍ୟ ରାସ୍ତାକୁ ବେଆଇନ୍ ଅବରୋଧର ପ୍ରତିବାଦ

# ଆର୍‌ଆଇ କାର୍ଯ୍ୟାଳୟ ଆଗରେ ପାହାଡ ବାବା ନିରଞ୍ଜନ କର୍ଣ୍ଣଙ୍କ ଧାରଣା

ମନମୁଣ୍ଡା,୨୪।୧୨(ସମିସ): ଗୋହିପିଟା ସ୍ଥିତ ସୋଲାର ପାୱାର ପ୍ଲାଣ୍ଟ ବେଆଇନ ଭାବେ ଗ୍ରାମ୍ୟ ରାସ୍ତାକୁ ଅବରୋଧ କରିବାର ପ୍ରତିବାଦ କରି କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ପାହାଡ ବାବା ନିରଞ୍ଜନ କର୍ଣ୍ଣ ବୁଧବାର ମନମୁଣ୍ଡା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।



ସୋଲାର ପାୱାର ପ୍ଲାଣ୍ଟ ପକ୍ଷରୁ ବେଆଇନ୍ ଭାବେ ଗ୍ରାମ୍ୟ ରାସ୍ତାକୁ ଅବରୋଧ କରାଯିବା ଦ୍ୱାରା ଗ୍ରାମବାସୀଙ୍କ ଯିବାଆସିବାରେ ଘୋର ଅସୁବିଧା ହେଉଛି। ଉକ୍ତ ଗ୍ରାମ ନିକଟସ୍ଥ ରତାଖଣ୍ଡି କଙ୍କାଳି ପାହାଡରେ ୨୫ ତାରିଖରୁ ନାମଯଜ୍ଞ ସହ ସଂସ୍କୃତ ବନ ବିଦ୍ୟାଳୟ ଶୁଭସ୍ତମ୍ଭ ସ୍ଥାପନ, ରକ୍ତଦାନ ଶିବିର, ବାଜପେୟୀଙ୍କ ସୁ-ଶାସନ ଦିବସ, କ୍ରିକେଟ ମ୍ୟାଚ୍, ଅଭିଯୋଗ ପ୍ରକୋଷ୍ଠ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା କରାଯାଇଛି। ସେଥିରେ ବହୁ ସଂଖ୍ୟକ ସାଧୁ, ସନ୍ଥ, ବାବା, ବିଧାୟକ, ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଉକ୍ତ ରାସ୍ତା ଅବରୋଧ ଦ୍ୱାରା ଅତିଥିମାନେ ଗାଁକୁ ଆସିବାରେ ବାଧା ସୃଷ୍ଟି ହେବ ବୋଲି କୁହାଯାଇଛି। ଉକ୍ତ ରାସ୍ତାରୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ଅବରୋଧ ହଟାଇବାକୁ ଆରଆଇ, ତହସିଲଦାରଙ୍କୁ କୁହାଯାଉଥିବାବେଳେ କେହି ତାହାକୁ କର୍ଣ୍ଣପାତ କରୁ ନ ଥିବାରୁ ଧାରଣା ମାଧ୍ୟମରେ ପ୍ରତିବାଦ ଜଣାଇଥିବା ବାବା ନିରଞ୍ଜନ କହିଛନ୍ତି। ଆରଆଇ ଅଫିସରେ ତାଲା ପଡ଼ି ଥିବାରୁ ଓ ଆର୍‌ଆଇ କ୍ଷେତ୍ର ପରିଦର୍ଶନରେ ଯାଇ ଥିବାରୁ ଯୋଗାଯୋଗ ଅଭାବରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଖେମୁଣ୍ଡିଗଡ଼ରେ ଶୁଳିଆ ଯାତ୍ରା

କଣ୍ଟାମାଳ,୨୪।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଖେମୁଣ୍ଡିଗଡ଼ ଗ୍ରାମରେ ଶୁଳିଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତିରେ ଦେବାଦେବୀଙ୍କୁ ବରଣ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ମଙ୍ଗଳବାର ଦିନ ପୂଜକ ଅନନ୍ତରାମ ମାଝୀ ରୀତିନୀତି ଅନୁଯାୟୀ ପୂଜା କରିବା ପରେ ବରୁଆ ଦୁତିଆ ବିଶିଙ୍କ ଦେହରେ ଠାକୁର ସବାର ହୋଇଥିଲେ। ଏହାପରେ ପାରମ୍ପରିକ ବାଦ୍ୟ, ଘଣ୍ଟ, ଛତିଛତ୍ର ଧରି ଯାତ୍ରା ପୀଠକୁ ଯାଇଥିଲେ। ଖଳାରେ ଶୁଳିଆ ସମେତ ପାଶ୍ୱର୍ ଦେବାଦେବୀଙ୍କୁ ଅରୁଆ ଚାଉଳ, ମନ୍ଦର ଫୁଲ, ଧୋପ, ଦୀପ, ଜୁଗାର ସମର୍ପଣ କରି ଭୋଗ ଲଗାଯିବା ସହ କୁକୁଡ଼ା, ବୋଦା ଓ ପୋଢ଼ ବଳି ଦିଆଯାଇଥିଲା। ତୁର୍କା ଓ କୁଦୁର୍କା ପ୍ରଗଣାର ବିଭିନ୍ନ ଗ୍ରାମରୁ ଝାଙ୍କର ଓ ଦେହୁରୀ ଉକ୍ତ ପୂଜାରେ ଯୋଗ ଦେଇଥିଲେ। ତୁର୍କା ପ୍ରଗଣାର ଏହା ଏକ ପ୍ରମୁଖ ଆଦିବାସୀ ପର୍ବ ହୋଇଥିଲେ ହେଁ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଅଞ୍ଚଳବାସୀ ଭାଇଚାରା ରଖି ଏହି ପର୍ବ ପାଳନ କରିଥାନ୍ତି। ମନୋରଞ୍ଜନ ପାଇଁ ରାତିରେ ଖରଝୁରା ଗ୍ରାମର ମାତୃଶକ୍ତି ମହିଳା ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ସ୍ମାରକପତ୍ର

ବୌଦ୍ଧ,୨୪।୧୨(ସମିସ): ବୌଦ୍ଧ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜିଲ୍ଲା ସଭାପତି ଶମ୍ଭୁ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ସମଗ୍ର ଭାରତ ବର୍ଷରୁ ବାଂଲାଦେଶୀ ରୋହିଙ୍ଗିଆମାନଙ୍କୁ ଚିହ୍ନଟ କରି ବିତାଡିତ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପାତ୍ର ପ୍ରଦାନ କରାଯାଇଛି। ବାଂଲାଦେଶ ଦଳିତ ଯୁବକ ଦୀପୁ ଚନ୍ଦ୍ର ଦାଶଙ୍କୁ ନିର୍ମମ ଭାବେ ଜୀବନ୍ତ ଜାଳି ହତ୍ୟା କରିବା ପ୍ରତିବାଦରେ, ହିନ୍ଦୁ ସମାଜ ପ୍ରତି ହେଉଥିବା ଅତ୍ୟାଚାର ବିରୁଦ୍ଧରେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ରଘୁନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଶ୍ୱ ସମୁଦାୟ ଆଗରେ ବାଂଲାଦେଶୀ ହିନ୍ଦୁମାନଙ୍କ ସାମଗ୍ରିକ ସୁରକ୍ଷାର ସୁନିଶ୍ଚିତ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ବିଶାଳ ଶୋଭାଯାତ୍ରା ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସଂଘଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ଜିଲ୍ଲା ପ୍ରଚାର ପ୍ରମୁଖ ରଘୁନାଥ ଷଡ଼ଙ୍ଗୀ, ଜିଲ୍ଲା ଶାରୀରିକ ପ୍ରମୁଖ ନିରଞ୍ଜନ ମେହେର, ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ଚକିତ ଭଞ୍ଜ, ଅଭିଜିତ କୁମାର ମିଶ୍ର, ସୁମନ କୁମାର ମିଶ୍ର, ଅଜିତ ରଣା, ଆଲୋକ ନାଏକ, ମିଥୁନ ନାଏକଙ୍କ ସହ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ୭ ପର୍ଯ୍ୟନ୍ତ ଗୁଡୁଗୁଦା ସାପ୍ତାହିକ ବଜାରରେ କଟକଣା

## ପୂର୍ବ ସୂଚନା ଦିଆଯାଇ ନ ଥିବାରୁ ବ୍ୟବସାୟୀ, ଗ୍ରାହକଙ୍କ ଅସନ୍ତୋଷ

ମନମୁଣ୍ଡା,୨୪।୧୨(ସମିସ): ମନମୁଣ୍ଡା ଥାନା ବୌଦ୍ଧ ବ୍ଲକ୍ ଖଲିଆପାଲି (ପୁରୁମୁଣ୍ଡା) ପଞ୍ଚାୟତ ଗୁଡୁଗୁଦା ସାପ୍ତାହିକ ବଜାରରେ ଆଇନ ଶୃଙ୍ଖଳାର ଅଧୋଗତି ଓ ଉଦବେଗଜନକ ତଥା ଅପରାଧିକ କାର୍ଯ୍ୟକଳାପକୁ ଆଶଙ୍କା କରି ସାପ୍ତାହିକ ବଜାରରେ ବିଏନ୍‌ଏସ୍‌ଏସ୍ ଧାରା-୧୬୩ ଜାରି କରାଯାଇଛି। ମନମୁଣ୍ଡା ଥାନା ଆଇଆଇସିଙ୍କ ଚିଠି ଏବଂ ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କ ଅଗ୍ରଗାମୀ ପ୍ରକାରେ ବୌଦ୍ଧ ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ଆଦେଶନାମା ନଂ ୯୫୩୮/ ୨୩-୧୨-୨୫ ପ୍ରକାରେ ଉକ୍ତ ବଜାରରେ ବୁଧବାରଠାରୁ ଆସନ୍ତା ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଜାରି କରାଯାଇଛି। ଫଳରେ ଆଜି ସେଠାରେ ସାପ୍ତାହିକ ବଜାର ବସି ନ ଥିଲା। ଆଦେଶ ଜାରି ପରେ ଏନେଇ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇ ନ ଥିବାରୁ ବ୍ୟବସାୟୀମାନେ ନିଜ ନିଜ ଜିନିଷ ଧରି ବଜାରକୁ ଆସିଥିଲେ। ସ୍ଥନୀୟ ସରପଞ୍ଚ ସମସ୍ତ ଦୋକାନୀମାନଙ୍କୁ ୧୬୩ ଧାରା ଲାଗିଥିବା ନେଇ ସୂଚାଇବା ପରେ ସେମାନେ ଫେରିଥିଲେ। ଆସନ୍ତା ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ବଜାରରେ କେହି ଦଳ ହୋଇ ନ ରହିବାକୁ ମଧ୍ୟ ପଞ୍ଚାୟତ ତରଫରୁ ସାଧାରଣ ଲୋକଙ୍କୁ କୁହାଯାଇଥିବା ଜଣାପଡ଼ିଛି। ତେବେ ବ୍ୟବସାୟୀ ଏବଂ ଗ୍ରାହକ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳି ବିନା ସୂଚନାରେ କଟକଣା



ଜାରି କରିବା ଦ୍ୱାରା ଆଜି କ୍ଷତି ସହିବାକୁ ପଡିଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ ଆଜି ସାପ୍ତାହିକ ବଜାର ବନ୍ଦ ରହିଥିବା ବେଳେ ବଜାରକୁ ଲାଗି ରହିଥିବା ଜାତୀୟ ରାଜପଥ ୫୭ କଡରେ ଉଠା ଦୋକାନ ଖୋଲାଥିଲା। ସେଠାରେ ଭିଡ ଦେଖିବାକୁ ମିଳିଥିଲା। ସେହିପରି ନିକଟସ୍ଥ ହୋଟେଲ ମଧ୍ୟ ଖୋଲା ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣ ରେ ନକାରାଣକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି ଘଟଣା ସ୍ଥଳରେ ପୁଲିସ ମଧ୍ୟ ମୁତୟନ ନଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି, ଗତ ୧୦ ତାରିଖରେ ଉକ୍ତ ସାପ୍ତାହିକ ଗୋରୁ ବଜାରରେ ଗୋରୁ ବ୍ୟବସାୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା। ସେଥିରେ ଜଣକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ

**ବଜାର ସ୍ଥଳରେ ନ ଥିଲା ପୁଲିସ୍; ଖୋଲାଥିଲା ଉଠାଦୋକାନ**

ଗୁରୁତର ହୋଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଅଦ୍ୟାବଧି ଫେରାର ଥିବା ଜାଣିବାକୁ ମିଳିଛି। ଏହି ଧାରା ଘଟଣା ଘଟିବା ପରେ ତୁରନ୍ତ ଜାରି କରିବାର ଥିଲା, କିନ୍ତୁ ତାହାର ପରେ ଗୋଟିଏ ଦିନ ସାପ୍ତାହିକ ବଜାର ବସି ସାରିଥିବା ପରେ ପ୍ରଶାସନ ଏହା ଜାରି କରିବା କାରଣ କ'ଣ ବୋଲି ଏବେ ସାଧାରଣରେ ଆଲୋଚନା ଜୋର୍ ଧରିଛି। ଅନ୍ୟପକ୍ଷରେ ଉକ୍ତ ବଜାର ନିକଟରେ ମଦ ଇତ୍ୟାଦି ନିଶା ଦ୍ରବ୍ୟ ବିକ୍ରୟ କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସେ ଉପରେ ପୁଲିସ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ବୌଦ୍ଧ ମହୋତ୍ସବ ଆଲୋଚନାଚକ୍ର କମିଟିର ପ୍ରସ୍ତୁତି

ବୌଦ୍ଧ,୨୪।୧୨(ସମିସ): ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ବିଭିନ୍ନ ଆଲୋଚନାଚକ୍ର ଆୟୋଜନ ନିମନ୍ତେ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟିର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଲୋଚନାଚକ୍ର କମିଟି ଆବାହକ କୃତ୍ତିବାସ ପଲିଆଙ୍କ ଆବାହକତ୍ୱରେ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଆଲୋଚନା ହୋଇଥିଲା। ଜାନୁୟାରୀ ୩, ୪ ଓ ୫ ତିନିଦିନ ଧରି ଆଲୋଚନାଚକ୍ର ଅନୁଷ୍ଠିତ ହେବ। ୩ ତାରିଖରେ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଇତିହାସ ଓ ଜଳବାୟୁ ପରିବର୍ତ୍ତନ ଉପରେ, ୪ ତାରିଖରେ କୃଷି ଓ କୃଷି ସମ୍ପର୍କିତ ଓ ୫ତାରିଖରେ ସାହିତ୍ୟ, କଳା ଓ ସଂସ୍କୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ଏଥିପାଇଁ ଅତିଥି ଓ ଆଲୋଚକ ଚୟନ କରାଯାଇ ଏକ ସମ୍ଭାବ୍ୟ ବଜେଟ ପ୍ରସ୍ତୁତ କରି ଜିଲ୍ଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷଙ୍କ ଅନୁମୋଦନ ନିମନ୍ତେ ପଠେଇବା ପାଇଁ ସ୍ଥିର କରାଯାଇଥିଲା। ବିଭିନ୍ନ ଆଲୋଚନାରେ ଚିତ୍ତରଞ୍ଜନ ଦାଶ, ବିଶ୍ୱେଶ୍ୱର ପୃଷ୍ଟି, ଡ. ଇଂ. ସଞ୍ଜୟ କୁମାର ପଣ୍ଡା, ରାଜକିଶୋର ଅଗ୍ରୱାଲ, ଡ. ଅମରେଶ ସାହୁ, ଅଧ୍ୟାପକ ସଦାନନ୍ଦ ମାହାର, ଶମ୍ଭୁ ଗିରି, ସୀତାକାନ୍ତ ସାହୁ, ସତ୍ୟ ନାରାୟଣ ପାଣି, ନବକିଶୋର ଦୀପ, ସନ୍ତୋଷ କୁମାର କର୍ଣ୍ଣ, ନୀଳଲୋହିତ ମହାପାତ୍ର, କାର୍ତ୍ତିକେଶ୍ୱର ନାୟକ ଓ ଚିତ୍ତରଞ୍ଜନ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ● ମା' ସରସ୍ୱତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



# ନୃପାକୁ ହରାଇ ବାଉଁସୁଣି ବିଜୟୀ

ବିନିକା,୨୪।୧୨(ସମିସ): ବିନିକା ବ୍ଲକ୍ ଅନ୍ତର୍ଗତ ବାଉଁଶୁଣି ଖେଳ ପଡିଆ ଠାରେ ମା' ସରସ୍ୱତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆଲୋକ ମଲ୍ଲିକଙ୍କ ପରିଚାଳନାର ଅନୁଷ୍ଠିତ ଏହି ଖେଳକୁ ମୁଖ୍ୟଅତିଥି ଭାବେ ବିନିକା ତହସିଲଦାର ରେଶ୍ମା ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ଯୁବ ସଂଗଠକ ଜନାର୍ଦ୍ଦନ ଖମାରୀ, ମାନସ ରଞ୍ଜନ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଆଜି ପ୍ରଥମ ଦିନରେ ବୌଦ୍ଧ ଜିଲ୍ଲା ନୃପା ବନାମ ସୋନପୁର ଜିଲ୍ଲା ବାଉଁସୁଣୀ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ନୃପ ବାଉଁଶୁଣୀ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଏହି ଖେଳ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୧୬ଟି କ୍ରିକେଟ ଦଳ ଭାଗ ନେଇଛନ୍ତି।

# ୧୩ତମ ବିରାଟେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କଣ୍ଟାମାଳ,୨୪।୧୨(ସମିସ): ଲଣ୍ଡାଗାଁ ଖେଳ ପଡିଆରେ ବିରାଟେଶ୍ୱର କ୍ରିକେଟ ସଙ୍ଘ ଦ୍ୱାରା ୧୩ତମ ବିରାଟେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ପ୍ରଥମେ ବିରାଟେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ କ୍ରୀଡା ମଶାଲ ଶୋଭାଯାତ୍ରାରେ ଅଣାଯାଇ ଖେଳ ପଡିଆରେ ସ୍ଥାପନ କରାଯାଇଥିଲା। ଉଦ୍‌ଘାଟନୀ ଦିବସର ପ୍ରଥମ ଖେଳ ଖମନଖୋଲ ଓ ବାଲନ୍ଦାପଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲନ୍ଦାପଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୦ ରନ ସଂଗ୍ରହ କରିଥିଲା।

ଜବାବରେ ଖମନଖୋଲ ଦଳ ନିର୍ଦ୍ଧାରିତ ଓଭରରେ ୬୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ରବୀନ୍ଦ୍ର କୁଦେଇ ଓ ବୈକୁଣ୍ଠ ନାଏକ ଖେଳ ପରିଚାଳନା କରିଥିଲେ। ପ୍ରେମରାଜ ଭୋଇ ଧାରବିବରଣୀ ପ୍ରଦାନ କରିଥିଲେ। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଚନ୍ଦ୍ରମା କହଁର ମୁଖ୍ୟ ଅତିଥି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ୱାର୍ଡସଭ୍ୟ ଅଭିରାମ ରଣା, ସାମ୍ବାଦିକ ବଂଶୀଧର ମାଝୀ, ସମିତି ସଭ୍ୟ ହେମସାଗର ମାଝୀ, ପରମାନନ୍ଦ ଠେଲା, ବିଶ୍ୱରଂଜନ ଭୋଇ, ଅନୁକୂଳ ରଣା, ଗଣେଶ ରଣା, ପ୍ରକାଶ ରଣା, ମୋତିଲାଲ ରଣା, ଟଙ୍କଧର ରଣା, କମଳ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିରାଟେଶ୍ୱର କ୍ରିକେଟ ସଙ୍ଘର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ୨୯ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# ପ୍ରୟାଗରାଜକୁ ହରାଇ ଫାଇନାଲ୍‌ରେ ସୋନପୁର

ବୀରମହାରାଜପୁର,୨୪।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଜେଜେଏସସି ଆନୁକୂଲ୍ୟରେ ଚାଲିଥିବା ୨୯ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ପ୍ରଥମ ସେମି ଫାଇନାଲରେ ଏନଏନଏସ ପ୍ରୟାଗରାଜକୁ ହରାଇ ଏସଡିସିଏ ସୋନପୁର ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲ ମ୍ୟାଚ୍‌ଟି ଟି -୨୦, ଟି -୧୦ ଓ ସୁପର ଓଭର ବିଶିଷ୍ଟ ଫର୍ମାଟରେ ହୋଇଥିଲା। ପ୍ରୟାଗରାଜ ଦଳ ଟସ୍ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିଥିଲା। ଦଳର ଆଶିଷ ରତ୍ନମ ୫୬ ରନ ଓ ଦୀପଙ୍କର ସିଂ ୨୫ ରନ୍ କରିଥିଲେ। ବିପକ୍ଷ ସୋନପୁରର ପୁରୁଷୋତ୍ତମ ପାତ୍ର ୩ଟି ଏବଂ କେ. ଜି.କ୍ରିଷ୍ଣା , ଶୁଭମ ବିଷ୍ଟ ଓ ଆବ୍ରାରଉଲ ହକ୍ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ



କରିଥିଲା। ଦଳର ଦୀପକ ପରିଡ଼ା ୩୯ ରନ କରିଥିବା ବେଳେ ବିପକ୍ଷ ପ୍ରୟାଗରାଜର ଏମଡି ଉମର ୪ ଟି ଓ ଅଖିଳେଶ ଯାଦବ ୩ ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ପ୍ରୟାଗରାଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଟି ଉଇକେଟ ହରାଇ ୯୮ ରନ୍ କରିଥିଲା। ଦଳର ଶୁଭମ ଶୁକ୍ଳା ୬୪ ରନ୍ କରିଥିଲେ। ବିପକ୍ଷ ସୋନପୁରର କେଜି କ୍ରିଷ୍ଣା ୨ ଟି ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୯.୩

**ଅଭିଲାଷ ନାଏକ ମ୍ୟାନ ଅଫ ମ୍ୟାଚ**

ଓଭରରେ ୬ ଉଇକେଟ ହରାଇ ଆବଶ୍ୟକୀୟ ୯୯ ରନ କରିଥିଲା। ଦଳର ଅଭିଲାଷ ନାଏକ ୪୬ ରନ କରିଥିଲେ। ବିପକ୍ଷ କ୍ରିଷ୍ଣା ସରୋଜ, ଏମ୍‌ଡି ଉମର ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ଖେଳା ଯାଇଥିଲା। ଏଥିରେ ସୋନପୁର ଦଳ ୧୨ ରନ୍ କରିଥିବା ବେଳେ ପ୍ରୟାଗରାଜ ୮ ରନ୍ କରି ପରାସ୍ତ ହୋଇଥିଲା। ଫଳରେ ସୋନପୁର ଦଳ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା କ୍ରିକେଟ ସଂଘର ସଭାପତି ରାମ ଶଙ୍କର ସାହୁ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘର ସଭାପତି ଦିନେଶ ମିଶ୍ର ଓ ଜିଲ୍ଲା କ୍ରିକେଟ ସଂଘର ଉପସଭାପତି ବି. ସତ୍ୟନାରାୟଣ ରାଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୋନପୁରର ଅଭିଲାଷ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, ପ୍ରୟାଗରାଜର ଆଶିଷ ରତ୍ନମଙ୍କୁ ଦ୍ରୁତତମ ଅର୍ଦ୍ଧଶତକ ପାଇଁ ପୁରସ୍କୃତ କରାଯାଇଥିଲା। ସକାଳୁ ପ୍ରୟାସ ସଂଗଠନର ସଭାପତି ରାଧେଶ୍ୟାମ ମିଶ୍ର ଓ ଶିକ୍ଷକ ସୁରେନ୍ଦ୍ର ଭୋଇ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଶୁଭାରମ୍ଭ କରିଥିଲେ। ମ୍ୟାଚଟିକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ଡି. ରଜନୀକାନ୍ତ ରେଡ୍ଡୀ ପରିଚାଳନା କରିଥିବାବେଳେ ମାନସ ରଞ୍ଜନ ମହାକୁଡ଼ ସ୍କୋରିଙ୍ଗ, ଚାମରୁ ମହାକୁଡ଼ ଅନ୍ ଲାଇନ ସ୍କୋରିଙ୍ଗ ଏବଂ ମ୍ୟାକ ମିଳନ ମହାକୁଡ଼, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ପୁଲ-ବିର ପ୍ରଥମ ମ୍ୟାଚ୍ ବାଙ୍ଗାଲୋର ସିଟି ଏକାଦଶ କର୍ଣ୍ଣାଟକ ଓ ବକରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚଳନ୍ତା କାର୍‌ରେ...

ହୋଇଯାଇଥିଲେ । ଏହାର ସୁଯୋଗ ନେଇ ଦୁହେଁ ତାଙ୍କୁ ଦୁଷ୍କର୍ମ କରିଥିଲେ । ହୋସ ଆସିବା ପରେ ଯୁବତୀ ଜଣକ ଏହା ଜାଣି ପାରିଥିଲେ । ଡିସେମ୍ବର ୨୩ରେ ଯୁବତୀ ଏ ନେଇ ଅଭିଯୋଗ କରିଥିଲେ । ପୀଡିତା ଉଦୟପୁରରେ ରୁହନ୍ତି । ଏହି ମାମଲାର ଯାଞ୍ଚ୍ ପାଇଁ ମହିଳା ଅପରାଧ ଶାଖାର ଏସ୍‌ପି ମାଧୁରୀ ବର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । ୩ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ପୀଡିତାଙ୍କ ମେଡିକାଲ ଟେଷ୍ଟ କରାଯାଇଛି ବୋଲି ଉଦୟପୁର ଏସ୍‌ପି ଯୋଗେଶ ଗୋଏଲ କହିଛନ୍ତି ।

### ମହାକାଶକୁ ଇସ୍ରୋ...

ଓଜନ ୬୪୦ ଟନ ୬ଲକ୍ଷ ୪୦ ହଜାର କେଜି ଓଜନ ବିଶିଷ୍ଟ ଥିଲା । ଏହାକୁ ମଧ୍ୟ ଜିଓସିଙ୍କ୍ରୋନସ ଟ୍ରାନ୍ସଫର ଅର୍ବିଟ (ଜିଟିଓ)ରେ ସ୍ଥାପିତ କରିଥିଲା ।

ବ୍ଲୁବାର୍ଡ ବ୍ଲକ-୨ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ ବିବେଚିତ ହେଉଛି । ଏହି ଉପଗ୍ରହ ଦ୍ୱାରା ସାଧାରଣ ସ୍ମାର୍ଟଫୋନ୍‌ରେ ସିଧାସଳଖ ହାଇ-ସ୍ପିଡ୍ ସେଲ୍ୟୁଲାର ବ୍ରଡବ୍ୟାଣ୍ଡ ସଂଯୋଗ ଆଣିହେବ ଓ ଏଥିପାଇଁ ସ୍ୱତନ୍ତ୍ର ଡିଜାଇନ୍ ମଧ୍ୟ କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି ପୃଥିବୀର ଯେକୌଣସି ସ୍ଥାନରୁ ଟାୱାର ମୁକ୍ତ ୪ଜି ଏବଂ ୫ଜି ଭଏସ୍ କଲ, ଭିଡିଓ କଲ୍, ମେସେଜିଂ, ଷ୍ଟ୍ରିମିଂ ଓ ଡାଟା ସେବା ପ୍ରଦାନ କରିହେବ । ଏହି ମିସନ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଆଇଏଲ୍) ଓ ଆମେରିକା ଭିତ୍ତିକ ଏଏସ୍‌ଟି ସ୍ପେସ୍ ମୋବାଇଲ ଟେକ୍ନୋଲୋଜ (ଏଏସ୍‌ଟି ଆଣ୍ଡ ସାଇନ୍ସ, ଏଲ୍‌ଏଲ୍‌ସି) ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତିର ଅଂଶ ବଶେଷ । ନ୍ୟୁସ୍ପେସ ହେଉଛି ଇସ୍ରୋର ବାଣିଜ୍ୟିକ ଶାଖା । ଏଲ୍‌ଭିଏମ୍‌୩ର ଏହା ୯ମ ଉଡାଣ ବ୍ଲୁବାର୍ଡ ବ୍ଲକ-୨ ଉପଗ୍ରହ ପାଇଁ ଏହା ତୃତୀୟ ବାଣିଜ୍ୟିକ ମିସନ ।

ଇସ୍ରୋ ଅନୁଯାୟୀ ଏଲ୍‌ଭିଏମ୍‌୩ ୮ଟି ସଫଳ ପ୍ରକ୍ଷେପଣ ସମାପ୍ତ କରିଛି । ଏଥିରେ ଚନ୍ଦ୍ରଯାନ-୨ ଓ ଚନ୍ଦ୍ରଯାନ-୩ ଭଳି ପ୍ରମୁଖ ମିସନ ଅନ୍ତର୍ଭୁକ୍ତ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ମିସନ ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ଏହା ଭାରତର ଅନ୍ତରିକ୍ଷ କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି ।। ଭାରତର ମହାକାଶ ଯାତ୍ରାରେ ଏହା ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

### ଚାନ୍ଦବାଲି ଅଶାନ୍ତ...

ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ । ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ବୁଧବାର ସକାଳେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି । ୧୦ବର୍ଷୀୟା ଏହି ଛାତ୍ରୀଙ୍କ ବାପା ପ୍ରଶାନ୍ତ ମିଶ୍ରଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ବବୁଲ ଦାସ (୨୪) କୁ ପୁଲିସ ଜଗତସିଂହପୁରରୁ ଗିରଫ କରିଛି ।

ଏହି ଘଟଣାକୁ ନେଇ ଚାନ୍ଦବାଲିରେ ଆଜି ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଅନ୍ୟପକ୍ଷରେ ମୃତକଙ୍କୁ ନ୍ୟାୟ ଦାବିରେ ହାଟପଟି, ମଧୁବାବୁ ଛକ ଓ ବସ୍‌ଷ୍ଟାଣ୍ଡରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ସେହିଭଳି ଅଭିଯୁକ୍ତଙ୍କ ଘରେ ପଶି ଲୋକେ ବହୁ ସାମଗ୍ରୀ ଭାଙ୍ଗି ଦେଇଥିଲେ । ସମସ୍ତ ବ୍ୟାଙ୍କ୍ ଓ ସରକାରୀ ଅଫିସ ବନ୍ଦ ରହିଥିଲା । ଖବର ପାଇ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅରୂପ ବେହେରା, ଏସ୍‌ଡିପି ଓ ତ୍ରିଲୋଚନ ସେଠୀଙ୍କ ସମେତ ୧୦ରୁ ଅଧିକ ଇନ୍ସପେକ୍ଟର ୪ ପ୍ଲାଟୁନ ଫୋର୍ସ ସହ ପହଞ୍ଚି ଘଟଣା ଉପରେ ନଜର ରଖିଥିଲେ । ଅଭିଯୁକ୍ତକୁ ଧରିବାକୁ ପୁଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଯାହାର ନେତୃତ୍ୱ ନିଜେ ଏସ୍‌ପି ନେଇଥିଲେ । ଘଟଣା ଘଟିଥିବା ଛକରେ ସରକାରୀ ଜମି ଜବରଦଖଲ କରି ଅଭିଯୁକ୍ତ ଦୋକାନ କରିଥିବାବେଳେ ସେଗୁଡ଼ିକୁ ପ୍ରଶାସନ ଜେସିବି ଲଗାଇ ଆଜି ଉଚ୍ଛେଦ କରିଛି । ବାଲେଶ୍ୱର ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ଘଟଣାସ୍ଥଳରେ ରହି ସ୍ଥିତି ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷରେ ଘଟଣାକୁ ବିଜେଡି ଓ କଂଗ୍ରେସ ତୀବ୍ର ନିନ୍ଦା କରିଥିବାବେଳେ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଚାନ୍ଦବାଲି ବନ୍ଦ ଡକରା ଦିଆଯାଇଛି ।

ଅନ୍ୟପକ୍ଷରେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର ଆୟୋଗ(ଏନଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି । କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଏହାର ଡାଏରୀ ନମ୍ବର ୨୯୩୨୪/ ଆଇଏନ୍/୨୦୨୫ ପ୍ରଦାନ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଦ୍ରୁତ ଶୁଣାଣି ବ୍ୟବସ୍ଥା କରିବା ଓ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ...

ସହାୟତା ଘୋଷଣା କରିଛନ୍ତି । ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହା କେବଳ ସରକାରର ନୁହେଁ, ଏଥିରେ ସମାଜର ବି ଦାୟିତ୍ୱ ଅଛି । ସରକାର-ସମାଜ ଭାଗିଦାରୀ କରି ଝିଅମାନଙ୍କ ଉପରେ ଆସୁଥିବା ଅକଥନୀୟ ଅତ୍ୟାଚାରକୁ ରୋକିବାକୁ ପଡିବ । ପୁଲିସ ଓ ଆଇନ ତା ବାଟରେ ଯିବ, ଯାହା ଆବଶ୍ୟକତା ତାହା କରାଯିବ । ଘଟଣାରେ ମହିଳା କମିଶନର ସଦସ୍ୟା ନ୍ୟାୟିକ ତଦନ୍ତ କରିବେ ବୋଲି ସେ କହିଛନ୍ତି ।

### ରାଜ୍ୟବାସୀ ବିଚଳିତ...

ସାମାଜିକ ଗଣଣାଧମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ମହିଳାଙ୍କ ସୁରକ୍ଷା ଓ ଦୃଢ଼ ଆଇନଶୃଙ୍ଖଳା ପାଇଁ ଦିନେ ସୁନାମ ସାଉଁଟୁଥିବା ଓଡ଼ିଶାର ଛବି ଆଜି ସାରା ଦୁନିଆ ଆଗରେ କଳଙ୍କିତ । ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ବେଳେ ବିଜେପି ସରକାରର ସ୍ଥାଣୁତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି? କେତେ ଆଉ ନିରୀହ ଜୀବନ ଗଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି । ଓଡ଼ିଶାର ମା'ଭଉଣୀମାନେ ସୁରକ୍ଷା ଚାହୁଁଛନ୍ତି, ଡବଲ୍ ଇଞ୍ଜିନ୍ ସରକାରର ମିଛ ବାହାସ୍ଫୋଟ ନୁହେଁ । ସ୍ଥିତି ଆହୁରି ବିଗିଡ଼ିବା ଆଗରୁ ସରକାର ଆଗୁଆ ତତ୍ପର ହୋଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରନ୍ତୁ ବୋଲି ନବୀନ ଦାବି କରିଛନ୍ତି ।

### ବିଶ୍ୱ ପ୍ରସିଦ୍ଧ...

ପୌରାଣିକ ଘଟଣାବଳୀ ସଜୀବ ଭାବେ ଉପସ୍ଥାପିତ ହେବ । ଆଜି ରଙ୍ଗମଞ୍ଚର ପ୍ରଥମ ଦିନର ରାଜ ଦରବାରରେ ମହାରାଜ ଉଗ୍ରସେନ ଦେବକୀ ଓ ବାସୁଦେବଙ୍କ ବିବାହ ରାମଜୀ ମନ୍ଦିରରେ ବିବାହ ସମ୍ପନ୍ନ ହୋଇଥିଲା । ଦିଗ୍‌ବିଜୟ ସାରି କଂସ ଫେରିବା ପରେ ଦେବକୀର ଅଷ୍ଟମ ଗର୍ଭ ସନ୍ତାନ ତୋ ମୃତ୍ୟୁର କାରଣ ହେବ ବୋଲି ଦୈବ ଆକାଶବାଣୀ ହୋଇଥିଲା । ଏହା ଶୁଣି କଂସ ବିବ୍ରତ, କ୍ରୋଧିତ ହୋଇ ଉଠିଥିଲା । ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ୍ କରି ନିଜେ କଂସ ସିଂହାସନ ଆରୋହଣ କରିଥିଲା । ପରେ କଂସ ରାଜା ଦେବକୀ ବାସୁଦେବଙ୍କୁ କାରାଗାରକୁ ପ୍ରେରଣ କରିଥିଲେ । ଆଜି ସମସ୍ତଙ୍କ ଅଭିନୟ ଖୁବ୍ ଚିତ୍ତାକର୍ଷକ ହୋଇଥିଲା । ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ପ୍ରଚେଷ୍ଟା କ୍ରମରେ ଚଳିତ ବର୍ଷ ଏକ ନୂତନ ରୂପରେ ବରଗଡ଼ ସହର ସଜେଇ ହୋଇଛି । ସହରର ପ୍ରତ୍ୟେକ ଗଳିକନ୍ଦି, ସଡ଼କ, ମଞ୍ଚ ଓ ଖୋଲା ପ୍ରାଙ୍ଗଣ ଜୀବନ୍ତ ରଙ୍ଗମଞ୍ଚ ପାଲଟିଛି । କୌଣସି ଏକ ନିର୍ଦ୍ଦିଷ୍ଟ ମଞ୍ଚ ବଦଳରେ ସମଗ୍ର ସହର ଯାତ୍ରାର ମଞ୍ଚ ଭାବେ ପରିଣତ ହେବା ହିଁ ଧନୁଯାତ୍ରାର ସବୁଠୁ ବଡ଼ ବୈଶିଷ୍ଟ୍ୟ । ଧନୁଯାତ୍ରା କେବଳ ଏକ ନାଟକୀୟ ଉତ୍ସବ ନୁହେଁ ବରଂ ଏହା ଓଡ଼ିଶାର ଲୋକସଂସ୍କୃତି, ଐତିହ୍ୟ ଓ ପରମ୍ପରା ତଥା ଆସ୍ଥାର ଜୀବନ୍ତ ପରିଚୟ । ବିଶ୍ୱର ସବୁଠୁ ବଡ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ପରିଚିତ । ଏହି ଧନୁଯାତ୍ରାକୁ ଦେଖିବା ପାଇଁ ପ୍ରତିବର୍ଷ ଦେଶ-ବିଦେଶରୁ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ବରଗଡ଼କୁ ଆସିଥାନ୍ତି । ପ୍ରଥମ ଦିନରୁ ହିଁ ଯାତ୍ରା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି । ସମସ୍ତ ଜନସାଧାରଣ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ ନିୟମ ମାନି ଚଳିବାକୁ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ଅନୁରୋଧ କରିଛନ୍ତି ।

### ଆଜିଠୁ ବଢ଼ିବ...

ଉଦୟଗିରି ୮.୭, ଫୁଲବାଣୀ ୯, ବୌଦ୍ଧ ୯.୭ ଡିଗ୍ରୀ ରେକର୍ଡ କରାଯାଇଛି । ଅନ୍ୟପଟେ ରାଜ୍ୟର ଶୀତ ସହ କୁହୁଡ଼ିର ମଧ୍ୟ ପ୍ରଭାବ ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ଼, ସୋନପୁର, କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏହି ସହିତ ଜଗତସିଂହପୁର, ଅନୁଗୁଳ, କୋରାପୁଟ, କଳାହାଣ୍ଡି, ଭଦ୍ରକ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି । କୁହୁଡ଼ି ସ୍ଥିତି ପ୍ରାୟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଯାନ ବାହନ ଚଳାଚଳରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି ।

### ଅନୁ ଗର୍ଗ...

ଝାରସୁଗୁଡ଼ାର ଉପଜିଲ୍ଲାପାଳ ଭାବେ ୧୯୯୩ ଅଗଷ୍ଟ ୩୦ରୁ ୧୯୯୪ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଲେ । ପରବର୍ତ୍ତୀ ସମୟରେ ସେ କଳାହାଣ୍ଡି ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ୧୯୯୮ ମସିହା ମେ ମାସରେ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟେରୀ ଭାବେ ନିଯୁକ୍ତି ମିଳିଥିଲା । ୨୦୧୨ ଅକ୍ଟୋବରରୁ ୨୦୧୫ ଏପ୍ରିଲ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ ଓ ୨୦୨୩ ମସିହାରେ ରାଜ୍ୟ ଉନ୍ନୟନ କମିଶନର ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ଶ୍ରୀମତୀ ଗର୍ଗ ବର୍ତ୍ତମାନ ଜଳସମ୍ପଦ ଏବଂ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

## ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ମୋହର

# ଆରମ୍ଭ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା

**୨୫ ଗାଁ ଚିହ୍ନଟ, ପ୍ରତି ଗାଁକୁ ୧୫ କୋଟି ଟଙ୍କା**

ଭୁବନେଶ୍ୱର,୨୪।୧୨(ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ରାଜ୍ୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଲାଗୁ କରିବା ନିଷ୍ପତ୍ତି ଉପରେ ମୋହର ବାଜିଛି । ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ପାଇଁ ୨୫ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରଣ ହୋଇଛି । ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ପାଇଁ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବ । ଏଥିପାଇଁ ରାଜ୍ୟ ସରକାର ୩୪୫ କୋଟି ଟଙ୍କା ଖର୍ଚ୍ଚ କରିବେ । ଏତଦ୍ ବ୍ୟତୀତ ବୈଠକରେ ୭ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ ମୋହର ବାଜିଛି ।

ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ ଐତିହ୍ୟ ଗ୍ରାମ ଯୋଜନା ଅଧିନରେ ବରପୁତ୍ରମାନଙ୍କର ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରାଯିବ । ସେମାନଙ୍କର ପ୍ରତିମୂର୍ତ୍ତି, ସ୍ମାରକୀ ନିର୍ମାଣ ସହ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁଉଦ୍ୟାନ ସ୍ଥାପନ ସହ ଆନୁଷଙ୍ଗିକ ବିକାଶ କରାଯିବ । ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ଏବଂ ସଭା କରାଯିବ । ସେହିପରି କ୍ୟାବିନେଟରେ ଉତ୍କର୍ଷ ଆଇଟିଆଇ ଯୋଜନାରେ ପୁରୀ ସରକାରୀ ଆଇଟିଆଇ, ବଲାଙ୍ଗୀର ସରକାରୀ ଆଇଟିଆଇ, କୋରାପୁଟର ଅମ୍ବାଗୁଡ଼ା ସରକାରୀ ଆଇଟିଆଇ, କେନ୍ଦ୍ରାପଡାର ରାଜକନିକା ସରକାରୀ ଆଇଟିଆଇ ଓ ସୁନ୍ଦରଗଡ଼ର ରାଉରକେଲା ସରକାରୀ ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ଭାବେ ରୂପାନ୍ତରିତ କରାଯିବ । ଏଥିପାଇଁ ଆଗାମୀ ୩ ବର୍ଷରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହି ୫ଟି ଆଇଟିଆଇରେ ବର୍ତ୍ତମାନ ସମୁଦାୟ ୨୮୦୦ ସିଟ୍ ଥିବାବେଳେ ଏହାକୁ ୬୦୦୦କୁ ବୃଦ୍ଧି କରାଯିବ । ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ଏକ ସଂରକ୍ଷଣ ନୀତି ପ୍ରଣୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି । ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ)ଅଧ୍ୟାଦେଶ, ୨୦୨୫ର ପ୍ରଣୟନକୁ ସ୍ୱୀକୃତି ମିଳିଛି । ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱ ବିଦ୍ୟାଳୟଟିକୁ ଏକକ ଭାବରେ ବିଚାର କରିବାକୁ ଏହି ଅଧ୍ୟାଦେଶରେ ପ୍ରସ୍ତାବ ରହିଛି ।

### ଭାରତକୁ ମାଗିଲା...

କୌଣସି ଅନୁକମ୍ପା ନ ଦେଖାଇବା ପାଇଁ ଭାରତୀୟ ବ୍ୟବସାୟୀ ସଂଘ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଭାରତ ବିରୋଧୀ ହିଂସା ଚଳାଇଥିବା ଢାକାକୁ ସବୁ ପକାର ରପ୍ତାନୀ ନିଷିଦ୍ଧ କରିବାକୁ ଦାବି କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ବାଂଲାଦେଶ ଛାଡ଼ିବା ପୂର୍ବରୁ କୂଟନୈତିକ ସ୍ତରରେ ଭାରତ ସହ ବାଂଲାଦେଶର ସମ୍ପର୍କ ଖରାପ ହେବାରେ ଲାଗିଛି । ମାତ୍ର ବାଣିଜ୍ୟ ଦୃଷ୍ଟିରୁ ନୂଆଦିଲ୍ଲୀ ଉପରେ ଢାକା ସମ୍ପୂର୍ଣ୍ଣ ନିର୍ଭରଶୀଳ । ବାଂଲାଦେଶର ରପ୍ତାନୀରେ ଭାରତର ଅଂଶ ପ୍ରାୟ ୯୦ ପ୍ରତିଶତ ରହିଛି । ଏବେ ମହମ୍ମଦ ୟୁନୁସ ତାହା ବୁଝି ପାରିଛନ୍ତି । ସ୍ଥିତି ଅଧିକ ବିଗିଡ଼ି ଗଲେ ଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ସୃଷ୍ଟି ହେବ । ଭାରତ ଶସ୍ତାରେ ଯୋଗାଉଥିବା ସାମଗ୍ରୀକୁ ଅଣଦେଖା କଲେ ଅର୍ଥ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ । ତେଣୁ ଅଧିକ ଅର୍ଥ ଦେଇ ପାକିସ୍ତାନ, ଚୀନ୍ କିମ୍ବା ଆଉ କୌଣସି ଦେଶରୁ ଚାଉଳ ଆଣିବାକୁ ବାଂଲାଦେଶ ପଛଘୁଞ୍ଚା ଦେଉଛି । ଏଥିପାଇଁ ୫୫ ହଜାର ଟନ୍ ଚାଉଳ ଦେବାଲାଗି ଭାରତକୁ ୟୁନୁସ ସରକାର ଅନୁରୋଧ କରିଛନ୍ତି । ବାଂଲାଦେଶ ସମ୍ବାଦପତ୍ର 'ଡେଲି ଷ୍ଟାର' ଅନୁଯାୟୀ, ଟନ୍ ପିଛା ୩୫୫ ଡଲାର (ପ୍ରାୟ ୩୨ ହଜାର ଟଙ୍କା) ମୂଲ୍ୟରେ ଭାରତରୁ ୫୦ ହଜାର ଟନ୍ ଚାଉଳ ମଗା ଯାଇଛି । ପାକିସ୍ତାନ ଏଥିପାଇଁ ୩୯୫ ଡଲାର ମାଗୁଥିଲା । ଭାରତ ବ୍ୟତୀତ ଆଉ କୌଣସି ରାଷ୍ଟ୍ରରୁ ଏତେ କମ୍ ମୂଲ୍ୟରେ ଚାଉଳ ମିଳିବନି ବୋଲି ବାଂଲାଦେଶ ଅଧିକାରୀ କହିଛନ୍ତି । ବାଂଲାଦେଶ ୯ ଲକ୍ଷ ଟନ୍ ଚାଉଳ ଆମଦାନୀ କରିବାକୁ ଚାହୁଁଛି । ପ୍ରତି ପର୍ଯ୍ୟାୟରେ ୫୦ ହଜାର ଟନ୍ ଲେଖାଏଁ ପଠାଇବାକୁ କୁହାଯାଇଛି ।

ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବାଂଲାଦେଶ ଭାରତ ଉପରେ ନିର୍ଭର କରୁଛି । ଏଥିରେ ରହିଛି ଚାଉଳ ସମେତ ଗହମ, ଡାଲି, ଚିନି, ପିଆଜ, ରସୁଣ ଏବଂ ଅଦା । ରୁଷ-ୟୁକ୍ରେନ ଯୁଦ୍ଧ ପରେ ଏହିସବୁ ସାମଗ୍ରୀ ପାଇଁ ଭାରତ ଛଡ଼ା ବାଂଲାଦେଶ ନିକଟରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଅନ୍ୟ ସୂତ୍ରରୁ ଯୋଗାଣ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯାଇଥିବାରୁ ସେଠାରେ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିବାରେ ଲାଗିଛି । ୟୁକ୍ରେନ ଯୁଦ୍ଧ ପରେ ବାଂଲାଦେଶ ଭାରତ ଠାରୁ ବର୍ଷକୁ ୪୫ ଲକ୍ଷ ଟନ୍ ଗହମ, ୨୦ ଲକ୍ଷ ଟନ୍ ଚାଉଳ, ୭ ଲକ୍ଷ ଟନ୍ ପିଆଜ, ୩୦ ହଜାର ଟନ୍ ଡାଲି, ୧୫ ଲକ୍ଷ ଟନ୍ ଚିନି, ୧୦ ହଜାର ଟନ୍ ରସୁଣ ଏବଂ ଦେଢ଼ ଲକ୍ଷ ଟନ୍ ଅଦା ଆମଦାନୀ କରୁଛି । ଏହାସହିତ ପାଣି ଓ ବିଦ୍ୟୁତ ପାଇଁ ମଧ୍ୟ ବାଂଲାଦେଶ ଭାରତ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭରଶୀଳ । ଅନ୍ୟପକ୍ଷରେ ଚାଉଳ ରପ୍ତାନୀ କରିବାକୁ ଭାରତର ବ୍ୟବସାୟୀ ରାଜି ହେଉନାହାନ୍ତି । ସାର୍ବଭୌମତ୍ୱକୁ ବାଜିରେ ଲଗାଇ ବନ୍ଧୁତା କରାଯାଇପାରିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି । ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଲୋକଙ୍କ ଉପରେ ୟୁନୁସ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେମାନେ ଚାହୁଁଛନ୍ତି । ତେବେ ବାଂଲାଦେଶ ବ୍ୟବସାୟୀ ସଂଘ କହୁଛି ଯେ ରାଜନୈତିକ ସ୍ତରରେ ତିକ୍ତତା ବଢ଼ିଥିଲେ ମଧ୍ୟ ବାଣିଜ୍ୟିକ ଦୃଷ୍ଟିରୁ ଭାରତ ସହ ଭଲ ସମ୍ପର୍କ ରହିଛି । ଏହା ଉପରେ ରାଜନୀତିର କୌଣସି ପ୍ରଭାବ ପଡ଼ିବାକୁ ଦିଆଯିବନି । ତେଣୁ ସେମାନେ ଭାରତକୁ ଚାଉଳ ଦେବାକୁ ଅନୁରୋଧ କରିଛନ୍ତି ।


## ଖରିଫ ଧାନ ସଂଗ୍ରହ, ୨୦୨୫-୨୬

ବିଜ୍ଞାପନ ସଂଖ୍ୟା: ୦୫ — ତାରିଖ: ୨୪.୧୨.୨୦୨୫

ଏତଦ୍ୱାରା କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତା. ୨୬.୧୨.୨୦୨୫ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତି ନିଆଯାଇଅଛି । ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS)ମାନଙ୍କ ରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

" ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫା କରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷମୁକ୍ତ ହୋଇଥିବ ।"

ଧାନ କ୍ରୟ ଦିବସ - ସୋମ, ମଙ୍ଗଳ, ବୁଧ, ଶୁକ୍ର, ଶନି — ସମୟ – ସକାଳ ୮ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-**

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩,୧୦୦.୦୦ |

ନିବେଦକ
ଉପଜିଲ୍ଲାପାଳ, ଆଠଗଡ଼-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର



XXVII-23

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No.: 2388/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ବାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ରେ ନିମ୍ନ ସୂଚିତ ' କ ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭ /୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ -ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ -ତଥା -ତହସିଲଦାର, ମାଥିଲି ଙ୍କ ତହସିଲ କାର୍ଯ୍ୟାଳୟ ,ମାଥିଲି ଠାରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

ଭୂମି ଅନୁସୂଚୀ
ମୌଜା: ମୁଣ୍ଡାଗୁଡା, ଥାନା- ମାଥିଲି ନଂ.-୧୦୮, ତହସିଲ- ମାଥିଲି, ଜିଲ୍ଲା- ମାଲକାନଗିରି
ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା -ପି ରାମଚନ୍ଦ୍ର ଧୋବା ଜା-: ଧୋବା ବା-ମାଥିଲି |
| ୧୭ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବ ପରମା ପି-ମାଧବ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା- ଭୂମିଆ ବା-ମାଥିଲି |
| | ୩୦୯ | ୦.୮୭୫ | ୦.୮୭୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୭୭ | ଡଙ୍ଗର ଦୁଇ | |
| ୬୨/୫୬ | ୩୧୯ | ୦.୬୨୩ | ୦.୬୨୨୭ | ଧାନ ଏକ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୯୪ | ୨୭୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦନାୟକ ପି-ଭଗବାନ ନାୟକ , ସୀତା ନାୟକ ସ୍ୱା-ମୁକୁନ୍ଦ ନାୟକ ଜା-: ଭୂମିଆ ବା-ମାଥିଲି |
| | ୨୭୫ | ୨.୭୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫ /୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା ପି-ହାଡୁ ବନ୍ଧୁ ହୋତା ଜା-: ବ୍ରାହ୍ମଣ ବା-ମାଥିଲି |
| ୬୨/୨୮ | ୨୯୩/୫୩ ୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଟ୍ରୁ ମାଡି ପି-ପାଣ୍ଡୁ ମାଡି ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯ ୪ | ୦.୨୧୦ | ୦.୨୧୦୦ | ଘରବାରୀ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୨୩୮ | ୩୧୯/୭୦ ୭/୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ ସ୍ୱା-ଦିଲ୍ଲିପ କୁମାର କର ଜା-ବ୍ରାହ୍ମଣ ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦ ୭/୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣି ପାତ୍ର ସ୍ୱା-:ଇ. ରାଜ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୦ | ୩୧୯/୭୦ ୭/୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୧ | ୩୧୯/୭୦ ୭/୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ରଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୨ | ୩୧୯/୭୦ ୭/୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ମଲ୍ଲିକ ଜା-:ଭଣ୍ଡାରୀ ବା-ମାଥିଲି |
| ୬୨/୨୪୩ | ୩୧୯/୭୦ ୭/୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ ପି- ବିଶ୍ୱ ନାଥ ସାମଲ ଜା-:ଖଣ୍ଡାୟତ ବା-ମାଥିଲି |
| ୬୨/୨୪୯ | ୩୧୯/୭୦ ୭/୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ ପି-ଈଶ୍ୱର ଚନ୍ଦ୍ର ପଟ୍ଟନାୟକ ଜା-କରଣ ବା-ମାଥିଲି |
| ୬୨/୨୫୦ | ୩୧୯/୭୦ ୭/୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାଳୁ ବିଶୋଇ ପି-କରପା ବିଶୋଇ ଜା-କାଳଞ୍ଜି ବା-ଧବଳପୁର ଗଞ୍ଜାମ |
| ୬୨/୨୫୧ | ୩୧୯/୭୦ ୭/୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି ପି-ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ଜା-:କରଣ ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦ ୭/୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ ସ୍ୱା-ସୁଧାକର ସେଠି ଜା-ଧୋବା ବା-ମାଥିଲି |
| ୬୨/୨୫୩ | ୩୧୯/୭୦ ୭/୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ ପ-ସନାତନ ସାମର୍ଲ ଜା-ଖଣ୍ଡାୟତ ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦ ୭/୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ ସ୍ୱା-କୁମାର ପୂର୍ଣ୍ଣଚନ୍ଦ୍ର ବରାଳ ଜା-ଖଣ୍ଡାୟତ ବା-ଏଡୁକେସନ କଲୋନି ମାଲକାନଗିରି |
| ୬୨/୨୧୭ | ୩୧୯/୭୦ ୭ | ୦.୮୦୧ | ୦.୪୨୫୨ | ଧାନ ଏକ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୪୨ | ୩୨୪/୭୦ ୮/୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ବାରିକ ଜା-ଭଣ୍ଡାରି ବା-ମାଥିଲି |
| ୬୨/୨୪୭ | ୩୨୫/୭୦ ୯/୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହି ପି-ମୁକ୍ତିକାନ୍ତ ପାଣିଗ୍ରାହି ଜା-:ବ୍ରାହ୍ମଣ ବା-୧୧୯ କଲୋନି ମାଲକାନଗିରି |
| ୬୨/୨୧୬ | ୩୧୧/୫୬ ୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ ପି-ଗଙ୍ଗାଧର ନାୟକ ଜା-:ଖଣ୍ଡାୟତ ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦ ୮ ' | ୦.୧୦୯ | ୦.୦୮୨୧ | ଧାନ ଦୁଇ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପିତା- ସତ୍ୟ ନାରାୟଣ ପଟ୍ଟନାୟକ, ଜା- କରଣ ବା - ଅମ୍ବା ଗୁଡା ଜୟପୁର, ଧୋବା ରଣା, ପି- ଭରତ ରଣା, ଜା- ରଣା, ବା- ପାଣ୍ଡିପାଣୀ |
| ୬୨/୨୬୯ | ୩୧୧/୫୬ ୧/୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି- ପଂଚାନନ ମିଶ୍ର, ଜା- ବ୍ରାହ୍ମଣ, ବା- ନିଜଗାଁ |
| ୬୨/୨୭୦ | ୩୧୧/୫୬ ୧/୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜିବ ନାୟକ, ପି- ଲକ୍ଷ୍ମଣ ନାୟକ, ଜା- ଗୌଡ,ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

ତଫସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ ,ମାଲକାନଗିରି

OIPR-24074/14/0019/2526




## ଆଜିର ଇତିହାସ

- ୧୭୭୧- ଶାହା ଆଲମ୍ ଦ୍ୱିତୀୟ ଦିଲ୍ଲୀ ସିଂହାସନରେ ବସିଲେ।
- ୧୮୯୨- ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀରେ ତିନିଦିନ ପର୍ଯ୍ୟନ୍ତ ସାଧନା କଲେ।
- ୧୯୭୭- ଜଣାଶୁଣା ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଦେହାନ୍ତ।
- ୧୯୯୧- ମିଖାଇଲ୍ ଗୋର୍ବାଚୋଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।
- ୨୦୧୫- ବଲିଉଡ୍ ଅଭିନେତ୍ରୀ ସାଧନାଙ୍କ ପରଲୋକ।

## ଆଜି ଆସିଥିଲେ

# ମହାନ୍ ଜନନାୟକ ଅଟଳ ବିହାରୀ ବାଜପେୟୀ



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଆଜି ଜନ୍ମ ଜୟନ୍ତୀ। ଜଣେ ଉଦାରବାଦୀ ନେତା ଭାବେ ବାଜପେୟୀ ଥିଲେ ବେଶ୍ ଲୋକପ୍ରିୟ। ନିଜର ଭାଷଣର ଦକ୍ଷତା, ହସ ହସ ମୁହଁ ଓ ବିଚାରଧାରା ପାଇଁ ବାଜପେୟୀ ଲୋକଙ୍କର ବେଶ୍ ପ୍ରିୟ ଥିଲେ। ଜଣେ ରାଜନେତା ଭାବେ ସେ ଯେତିକି ପରିଚିତ ହୋଇଥିଲେ ତାଙ୍କର କାଳଜୟୀ କବିତା ପାଇଁ ସେତିକି ଲୋକପ୍ରିୟ ହୋଇଥିଲେ। ସେ ଏମିତି ଜଣେ ପ୍ରଧାନମନ୍ତ୍ରୀ ଥିଲେ ଯାହାଙ୍କ କଥା ଓ କବିତାରେ ବିରୋଧୀ ବି ତାଳି ମାରିବାକୁ ପଛାଉ ନ ଥିଲେ। ତିନି ତିନି ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ବାଜପେୟୀ। ସେ ୧୯୨୪ ମସିହା ଆଜିର ଦିନରେ ଗ୍ୱାଲିୟରର ଜଣେ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ କୃଷ୍ଣ ବିହାରୀ ବାଜପେୟୀ ଓ ମା'ଙ୍କ ନାଁ ହେଉଛି କୃଷ୍ଣା ଦେବୀ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ସେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ଛାତ୍ର ଜୀବନରୁ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍)ରେ ସ୍ୱୟଂସେବକ ହୋଇଥିଲେ। ଏପରିକି ସେ ଅଧାରୁ ପାଠପଢ଼ା ଛାଡ଼ି ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସେ କାନପୁରର ଡିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ କାନପୁରରେ ଏଲ୍ଏଲ୍ବି ପଢ଼ା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ସାହିତ୍ୟ ପ୍ରତି ରୁଚି ଥିଲା। ବିଭିନ୍ନ କବି ସମ୍ମିଳନୀରେ ଯୋଗ ଦେବାରୁ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଲା ଓ ଧୀରେ ଧୀରେ ସେ କବିତା ଲେଖା ଆରମ୍ଭ କଲେ। ତାଙ୍କର ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ ଜୀବନ ଆଦି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳିଥାଏ। ତାଙ୍କ କବିତା ସଂକଳନ ମଧ୍ୟରୁ 'ମେରି ଇକ୍ୟାବନ୍ କବିତାଏଁ' ଖୁବ୍ ଲୋକପ୍ରିୟ। ଅନ୍ୟପଟେ ସଂସଦରେ ସେ ଏକାଧିକବାର କବିତା ମାଧ୍ୟମରେ ନିଜ ମତ ମଧ୍ୟ ରଖିଛନ୍ତି। ୧୯୪୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ ଯାଇଥିଲେ। ବାଜପେୟୀ ୧୯୫୧ରେ ରାଜନୀତିରେ ପାଦ ଥାପିଲେ। ୧୯୫୫ରେ ସେ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୧୯୫୭ରେ ସାଂସଦ ହୋଇଥିଲେ । ସେହିପରି ସେ ଲୋକସଭାକୁ ନଅ ଥର ଓ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ। ସାରା ଦେଶରେ ସେ ହିନ୍ଦୀ ଭାଷାର ପ୍ରଚାର କରିଥିଲେ। ୧୯୭୭ ମସିହାରେ ମୋରାର୍‌ଜୀ ଦେଶାଇ ସରକାର ସମୟରେ ସେ ବିଦେଶ ମନ୍ତ୍ରୀ ଥିଲେ। ଏହି ସମୟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସେ ହିନ୍ଦୀରେ ଭାଷଣ ଦେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ। ବାଜପେୟୀ ୩ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୬ ମସିହାରେ ୧୩ ଦିନ ପାଇଁ, ୧୯୯୮ ମସିହାରେ ୧୩ ମାସ ପାଇଁ ଏବଂ ୧୯୯୯ ମସିହାରେ ସଂପୂର୍ଣ୍ଣ ୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। କେବଳ ଉଦାରବାଦ ହିଁ ନୁହେଁ ପରାକ୍ରମରେ ମଧ୍ୟ ବାଜପେୟୀଙ୍କ ଜବାବ ନଥିଲା। ସେ ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନ ସହ ସମ୍ପର୍କ ସୁଦୃଢ଼ କରିବା ଲାଗି ଅନେକ ପ୍ରୟାସ କରିଥିଲେ। ନିଜ ଦଳର ଅନେକ ନେତାଙ୍କ ଦ୍ୱାରା ବିରୋଧର ଶିକାର ହେବା ସତ୍ତ୍ୱେ ସେ ପାକିସ୍ତାନ ଯାତ୍ରା କରିଥିଲେ। ହେଲେ ଏହାପରେ ୧୯୯୯ ମସିହାରେ ପାକିସ୍ତାନ କାରଗିଲ ଯୁଦ୍ଧ ଆରମ୍ଭ କରି ବିଶ୍ୱାସଘାତ କରିଥିଲା। ଏହି ଯୁଦ୍ଧରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା। ଯୁଦ୍ଧରେ ଭାରତର ବିଜୟ ପାଇଁ ଭାରତୀୟ ସେନାର ପରାକ୍ରମ ସହ ବାଜପେୟୀଙ୍କ ନେତୃତ୍ୱକୁ ସାରା ବିଶ୍ୱ ପ୍ରଶଂସା କରିଥିଲା। ବାଜପେୟୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିସାନ' ସ୍ଲୋଗାନରେ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ। ଦେଶ ପ୍ରତି ଥିବା ତାଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଭାରତ ରତ୍ନ, ପଦ୍ମବିଭୂଷଣ ଆଦି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ୨୦୧୮ ଅଗଷ୍ଟ ୧୬ରେ ଏହି ମହାନ ରାଜନେତାଙ୍କ ପରଲୋକ ଘଟିଥିଲା।

# ଅକ୍ଟୋବର ୨ରେ 'ଦୃଶ୍ୟମ୍ ୩'



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍‌ଙ୍କ 'ଦୃଶ୍ୟମ୍' ଓ 'ଦୃଶ୍ୟମ୍ ୨'କୁ ଦର୍ଶକୀୟ ଆଦୃତି ମିଳିଥିଲା। କ୍ରାଇମ୍ ଥ୍ରିଲର୍ ଉପରେ ଆଧାରିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ଇତିମଧ୍ୟରେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ବିଷୟରେ ଘୋଷଣା କରାଯାଇଛି। ଏହି ଫିଲ୍ମ ଅକ୍ଟୋବର ୨, ୨୦୨୬ରେ ପରଦାକୁ ଆସିବ। ତେବେ ଫିଲ୍ମ ନିର୍ମାତା ଏକ ଭିଡିଓ ମାଧ୍ୟମରେ 'ଦୃଶ୍ୟମ୍ ୩' ବିଷୟରେ ଘୋଷଣା କରିଛନ୍ତି। ୧ ମିନିଟ୍ ୩୩ ସେକେଣ୍ଡର ଏହି ଭିଡିଓରେ ଅଜୟଙ୍କ ଦମ୍ଦାର୍ ସ୍ୱର ଶୁଣାଯାଉଛି। ଭିଡିଓରେ ଅଜୟ ଲୋକଙ୍କୁ ତାଙ୍କ ପରିବାର ସମ୍ପର୍କରେ କହୁଥିବା ଶୁଣାଯାଉଛି। ଭିଡିଓ ଶେଷରେ ବିଜୟ ସଲଗାଁଓକର(ଅଜୟ) କହୁଛନ୍ତି, 'କାହାଣୀ ଏବେ ସରି ନାହିଁ। ଶେଷ ଅଂଶ ବାକି ଅଛି।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଭିଷେକ ପାଠକ ରହିଛନ୍ତି। 'ଦୃଶ୍ୟମ୍ ୨' ଯେଉଁଠାରେ ସରିଥିଲା, ସେହିଠାରୁ 'ଦୃଶ୍ୟମ୍ ୩'ର କାହାଣୀ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅନ୍ୟ କେଉଁ କଳାକାରମାନେ କାମ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏଠାରେ ପ୍ରକାଶ ଥାଉ କି 'ଦୃଶ୍ୟମ୍' ମୋହନଲାଲଙ୍କ ମଲାୟଲମ୍ ଫିଲ୍ମର ହିନ୍ଦୀ ରିମେକ୍। ଏହି ଫିଲ୍ମ ୨୦୧୫ରେ ଆସିଥିଲା। ଏହା ବକ୍ସଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାର ସାତ ବର୍ଷ ପରେ ୨୦୨୨ରେ 'ଦୃଶ୍ୟମ୍ ୨' ଆସିଥିଲା। ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଏହାର ଚାରି ବର୍ଷ ପରେ 'ଦୃଶ୍ୟମ୍ ୩' ଆସିବ। କିଛି ଦିନ ପୂର୍ବରୁ ମୋହନଲାଲ 'ଦୃଶ୍ୟମ୍ ୩' (ମଲାୟଲମ୍) ସୁଟିଂ ଆରମ୍ଭ କରିଥିବା ଘୋଷଣା କରିଥିଲେ। ତେବେ ଏହି ଫିଲ୍ମର ସଫଳତାକୁ ଦେଖି ମଲାୟଲମ୍ ନିର୍ମାତା ଏହାକୁ ହିନ୍ଦୀରେ ରିଲିଜ୍ କରିବା ପାଇଁ ଯୋଜନା କରିଛନ୍ତି।


# ପବିତ୍ର ବଡ଼ଦିନ



ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ଖୁସିରେ ଖ୍ରୀଷ୍ଟମାସ ତଥା ପବିତ୍ର ବଡ଼ଦିନକୁ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବଡ଼ ଧୂମଧାମ୍‌ରେ ପାଳନ କରିଥାନ୍ତି । ପବିତ୍ର ଗ୍ରନ୍ଥ ବାଇବେଲ୍‌ରେ ଯୀଶୁଙ୍କ ଜନ୍ମଦିନକୁ ନେଇ ସଠିକ୍ ତାରିଖ ଉଲ୍ଲେଖ ନ ଥିଲେ ମଧ୍ୟ ଏହି ଦିନକୁ ସାରା ବିଶ୍ୱରେ କ୍ରିସ୍‌ମାସ୍ ଭାବେ ପାଳନ କରାଯାଇଥାଏ। ବାଇବେଲ ଅନୁସାରେ, ଭଗବାନ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ । ପୃଥିବୀରେ ପ୍ରେମ ଏବଂ ଶ୍ରଦ୍ଧାର ବାର୍ତ୍ତା ପ୍ରଚାର କରିବା ପାଇଁ ସେ ଧରାବତରଣ କରିଥିଲେ । ଖ୍ରୀଷ୍ଟ ଧର୍ମରେ ଏହି ଦିନକୁ ସବୁଠାରୁ ପବିତ୍ର ମନେ କରାଯାଇଥାଏ। ଦୟା, କ୍ଷମା, କରୁଣାର ଅବତାର ଥିଲେ ପ୍ରଭୁ ଯୀଶୁ। ମାନବ ସମାଜକୁ ଦିଗ୍‌ଦର୍ଶନ ଦେବା ଲାଗି ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସେ ଧରାବତରଣ କରିଥିଲେ। ସମାଜର ମଙ୍ଗଳ ପାଇଁ ସେ ହସିହସି ପ୍ରାଣବଳି ଦେଇଥିଲେ। ପ୍ରଭୁ ଯୀଶୁ ମାନବ ସମାଜକୁ ପ୍ରେମ ଏବଂ ମାନବିକତା ଶିକ୍ଷା ଦେଇଥିଲେ। ସେ ଜଗତର ଲୋକଙ୍କୁ ପ୍ରେମ ଏବଂ ଭାଇଚାରା ସହିତ ବଞ୍ଚିବାକୁ ବାର୍ତ୍ତା ଦେଇଥିଲେ। ଏହି ଦିନଟିକୁ ଇଉରୋପୀୟ ରାଷ୍ଟ୍ରରେ ଖୁବ୍ ଜାକଜମକରେ ପାଳନ କରାଯାଉଥିଲାବେଳେ ଆଜିକାଲି ପ୍ରାୟତଃ ସବୁସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ବଡ଼ଦିନ ପାଳନ ଅବସରରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଖ୍ରୀଷ୍ଟ ଧର୍ମର ଲୋକେ ବଡ଼ଦିନ ଉପଲକ୍ଷେ ନିଜ ଘରକୁ ଆଲୋକମାଳା ଓ ଫୁଲରେ ସଜାଇବା ସହ ନୂତନ ପୋଷାକ ପରିଧାନ କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ବଡ଼ଦିନରେ କେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ ମିଳିତ ହୋଇ କେକ୍ କାଟିବା ସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇଥାନ୍ତି। ଛକ ଛକରେ ଲାଇଟ୍ ଲଗାଇ ଖ୍ରୀଷ୍ଟମାସ ଗଛ ସଜାଇ ଥା'ନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକେ। ଏହି ଅବସରରେ ଲୋକେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ଏହି ଦିନର ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି କ୍ରିସ୍‌ମାସ୍ ଟ୍ରି ଓ ସାନ୍ତାକ୍ଲଜ୍। ପ୍ରଥମେ ଲଣ୍ଡନରେ ଏହି କ୍ରିସ୍‌ମାସ୍ ଟ୍ରି ପରମ୍ପରା ଆରମ୍ଭ ହୋଇଥିଲା। ପିଲାଙ୍କ ଆୟୁଷ ବଢ଼ିବା ନିମନ୍ତେ ଏହି ଗଛ ସଜାଯାଉଥିବା କୁହାଯାଏ। ସାଧାରଣତଃ ପାଇନ୍ ବା ଫର୍ ଗଛ କିମ୍ବା ଚେରି ଗଛରେ କ୍ରିସ୍‌ମସ୍ ଟ୍ରି ପ୍ରସ୍ତୁତ ହୋଇଥାଏ। ତ୍ରିଭୂଜାକାର ଗଛ ଡାଳରେ ରଙ୍ଗିନ ବଲ୍, ଚକୋଲେଟ୍ ଓ ତାରା ଖଞ୍ଜାଯାଇ ଏହାକୁ ସଜାଯାଏ। ଖ୍ରୀଷ୍ଟମାସ ପର୍ବଟି ମୁଖ୍ୟତଃ ଛୋଟ ପିଲାମାନଙ୍କ ପାଇଁ ଅଧିକ ଆନନ୍ଦ ଓ ଉଲ୍ଲାସ ଆଣି ଦେଇଥାଏ। ଏହି ଦିନରେ ପିଲାମାନଙ୍କୁ ତାଙ୍କ ପସନ୍ଦର ଖାଦ୍ୟଦ୍ରବ୍ୟ ଖାଇବାକୁ ମିଳିବା ସହ ବହୁ ଉପହାର ମଧ୍ୟ ମିଳିଥାଏ। । ମାନ୍ୟତା ଅନୁଯାୟୀ, ସାନ୍ତାକ୍ଲଜ୍ ସ୍ୱର୍ଗରୁ ଆସି ସମସ୍ତଙ୍କ ପାଇଁ ଉପହାର ସହ ଖୁସି ଦେଇଯାଆନ୍ତି। ଏହା ଖ୍ରୀଷ୍ଟମାସ ସହିତ ଜଡିତ ଏକ ଲୋକପ୍ରିୟ କାଳ୍ପନିକ ଚରିତ୍ର । ଖ୍ରୀଷ୍ଟମାସ ରାତିରେ ବଡ଼ ଧଳା ଦାଢ଼ି ରଖିଥିବା ସାନ୍ତା କ୍ଲଜ୍ ସ୍ୱର୍ଗରୁ ପ୍ରତ୍ୟେକ ଘରକୁ ଓହ୍ଲାଇ ଆସି ଖ୍ରୀଷ୍ଟମାସ ଗଛ ପାଖରେ ପିଲାମାନଙ୍କ ପାଇଁ ଉପହାର ଛାଡ଼ି ଯାଆନ୍ତି ବୋଲି କୁହାଯାଏ । ତେଣୁ ଏହି ଦିନରେ କିଛି ବ୍ୟକ୍ତି ସାନ୍ତାକ୍ଲଜ୍ ବେଶରେ ସଜେଇ ହୋଇ ପିଲାମାନଙ୍କୁ ଉପହାର ପ୍ରଦାନ କରିଥାଆନ୍ତି। ସାନ୍ତାକ୍ଲଜ୍ ବିଷୟରେ ଅନେକ ଲୋକକଥା ରହିଛି । ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମତରେ, ସନ୍ଥ ନିକୋଲାସଙ୍କୁ ହିଁ ସାଣ୍ଟାକ୍ଲଜ୍ ଭାବେ ବର୍ଣ୍ଣିତ କରାଯାଇଛି । ସମଗ୍ର ବିଶ୍ୱର ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ନିଜ ନିଜ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ଭକ୍ତି ଓ ବିଶ୍ୱାସର ସହିତ ପାଳନ କରନ୍ତି ।


# ଦୀର୍ଘାୟୁର ରହସ୍ୟ ଫାଇବର

ଫିଟ୍ ରହିବା ତଥା ଦୀର୍ଘାୟୁ ହେବା ଲାଗି ଆଜିକାଲି ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି। କିଏ ଜିମ୍ ଯାଉଛନ୍ତି ତ ଆଉ କିଏ ମହଙ୍ଗା ସପ୍ଲିମେଣ୍ଟ ନେଉଥିବା ବେଳେ ଅନେକ ଡାଏଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାରି ଭିତରେ ଲଣ୍ଡନର ପ୍ରତିଷ୍ଠିତ ହାର୍ଟ ସର୍ଜନ ଡାକ୍ତର ଜେରେମି ଲଣ୍ଡନ କହିଛନ୍ତି, ଦୀର୍ଘାୟୁ ହେବା ପାଇଁ ତଥା ଉତ୍ତମ ସ୍ୱାସ୍ଥ୍ୟ ଲାଗି ଏସବୁର କୌଣସି ଆବଶ୍ୟକତା ନାହିଁ। ତାଙ୍କ ମତରେ, ନିତିଦିନ ଖାଦ୍ୟରେ ହିଁ ଦୀର୍ଘାୟୁ ହେବାର ରହସ୍ୟ ଲୁଚି ରହିଛି। ଦୀର୍ଘାୟୁ ହେବା ଲାଗି ମୁଖ୍ୟ ଉପାଦାନ ହେଉଛି ଫାଇବର୍ ବା ତନ୍ତୁ। ଏହା କୌଣସି ଚମତ୍କାରୀ ଔଷଧ ନୁହେଁ କିମ୍ବା ଏହାର ପ୍ରଭାବ ତୁରନ୍ତ ଦେଖିବାକୁ ମିଳି ନ ଥାଏ। ଏହାର ପ୍ରଭାବ ଧୀରେ ଧୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଡାକ୍ତର ଜେରେମି ଏହାକୁ ନେଇ ଏକ ଭିଡିଓ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ସେ କହିଛନ୍ତି, ବୟସାଧିକ ଲୋକଙ୍କୁ ଫାଇବରଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଏ। କାରଣ ବୟସ ବଢ଼ିଲେ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ ଭଲ ରହେ। ହେଲେ ବାସ୍ତବରେ ଫାଇବର ପ୍ରତ୍ୟେକ ବୟସବର୍ଗଙ୍କ ଲାଗି



ଜରୁରି। ଫାଇବର ହୃଦୟ ଏବଂ ମେଟାବଲିଜିମ୍ ସ୍ୱାସ୍ଥ୍ୟକୁ ମଜଭୁତ ରଖେ। ଏହାଦ୍ୱାରା ମଧୁମେହ ଏବଂ ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ। ଏପରିକି ପାଚନତନ୍ତ୍ର ଉପରେ ଫାଇବରର ସବୁଠୁ ଭଲ ପ୍ରଭାବ ପଡ଼ିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ସହ ଏଥିଯୋଗୁ ଅନ୍ତନଳୀ ରୋଗ ହେବା ଆଶଙ୍କା କମ୍ ଥାଏ। ସେହିପରି ଆବଶ୍ୟକତା ଅନୁସାରେ, ଫାଇବର ଗ୍ରହଣ କଲେ ଏହା ଯୋଗୁଁ କୋଲନ୍ କ୍ୟାନସର ଆଶଙ୍କା ହ୍ରାସ ପାଏ। ତେଣୁ ଫାଇବରକୁ କେବଳ ଖାଦ୍ୟ ହଜମ ପାଇଁ ନୁହେଁ, ବରଂ ପୂରା ସ୍ୱାସ୍ଥ୍ୟ ସହିତ ଯୋଡ଼ି ଦେଖିବା ଉଚିତ। କିଛି ଫାଇବର ଅନ୍ତନଳୀରେ ଥିବା ଥିବା ଭଲ ଜୀବାଣୁକୁ ଖାଦ୍ୟ ପ୍ରଦାନ କରେ। ଏହି ଜୀବାଣୁ ଶରୀରରେ ମେଟାବୋଲିଜିମ୍‌ରେ ସୁଧାର ଆଣେ ଏବଂ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଏହି ପ୍ରକ୍ରିୟା ବୟସ ବୃଦ୍ଧି ସହିତ ହେଉଥିବା ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ଅଧିକାଂଶ ଲୋକ ନିତିଦିନ ପର୍ଯ୍ୟାପ୍ତ ପରିମାଣର ଫାଇବର ଗ୍ରହଣ କରି ନ ଥାନ୍ତି। ତେବେ ଗବେଷଣାନୁସାରେ, ଫାଇବର ସେବନ ଯେତେ ବଢ଼େ, ଏହାର ଫାଇଦା ବି ସେହି ଅନୁସାରେ ବୃଦ୍ଧି ପାଏ। ଅନ୍ୟପକ୍ଷରେ ଫାଇବର ପାଇଁ କିଛି ଅଲଗା ଖାଦ୍ୟ ଖାଇବାର ଆବଶ୍ୟକତା ନାହିଁ, ବରଂ ନିତିଦିନ ଖାଉଥିବା ଖାଦ୍ୟରେ ହିଁ ଏହା ରହିଛି। ତେଣୁ ଫାଇବର ଲାଗି ନାସପାତି, ସେଓ, ଷ୍ଟ୍ରବେରି, ରସବେରି, କଦଳୀ, ଗାଜର, ବିଟ୍, ବ୍ରୋକଲି କନ୍ଦମୂଳ ଆଦିକୁ ଖାଦ୍ୟରେ ସାମିଲ କରିବା ଭଲ।

# କାଫେକୁ ସମର୍ପିତ ଭବିଷ୍ୟତ ଚିଠି



ପ୍ୟାରିସ୍‌ରେ 'କାଫେ ପ୍ଲି' ନାମକ ଏକ ନିଆରା କାଫେ ଏବେ ଚର୍ଚ୍ଚା ସାଉଁଟୁଛି। ଏହି କାଫେ ଗ୍ରାହକଙ୍କୁ ନିଜ ଆଶା, ସ୍ୱପ୍ନ ତଥା ଗୁପ୍ତ କଥାକୁ କାଗଜରେ ଲେଖିବାର ଅନୁମତି ପ୍ରଦାନ କରିଥାଏ। ଅବଶ୍ୟ ଗ୍ରାହକ କାଗଜରେ ଲେଖୁଥିବା କଥା ସିଲ୍ ହୋଇଯିବା ପରେ କାଫେ ଏହାକୁ ସୁରକ୍ଷିତ ଭାବେ ସାଇତି ରଖେ। କେବଳ ସେତିକି ନୁହେଁ, ଉକ୍ତ କାଫେ ପାଞ୍ଚ ବର୍ଷ କି ୨୦ ବର୍ଷ ପରେ ଚିଠିଟିକୁ ସମାନ ତାରିଖରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବା କାମ କରେ। ଏହି କାଫେଟିକୁ ୨୦୨୪ ମସିହା ଜୁଲାଇରେ ଜେନେଭିଭ ଲ୍ୟାଣ୍ଡସମ୍ୟାନ୍ ପ୍ରତିଷ୍ଠା କରିଥିଲେ।

ୟୁରୋପର ଏହା ପ୍ରଥମ କାଫେ, ଯାହାକି ଭବିଷ୍ୟତ ଉଦ୍ଦେଶ୍ୟରେ ଲେଖାଯାଉଥିବା ଚିଠି ଲାଗି ସମର୍ପିତ। ଦକ୍ଷିଣ କୋରିଆର ସିଓଲରେ ଥିବା 'ନଲଡ୍ୟାମ୍ ସ୍ୱେଶ୍' ନାମକ କାଫେଦ୍ୱାରା ପ୍ରେରିତ ହୋଇ ଜେନେଭିଭ ଏଭଳି ଏକ କାଫେ ନିର୍ମାଣ ପାଇଁ ଚିନ୍ତା କରିଥିଲେ। ତେବେ ଗ୍ରାହକ ଲଫାପା, ପୋଷ୍ଟକାର୍ଡ, କଲମ, ପେନ୍‌ସିଲ, ସିଲିଂ ୱାକ୍ସ, ଷ୍ଟିକର ଆଦିରେ ନିଜ ମନକଥା ଲେଖିବାର ସୁଯୋଗ ପାଇଥାନ୍ତି। ନିଜ ପାଇଁ ହେଉ ଅବା ନିଜ ମନର ମଣିଷ ପାଇଁ ପ୍ରତ୍ୟେକ ଚିଠିକୁ ଜଣେ ନିଜ ପସନ୍ଦ ଅନୁସାରେ ଲେଖିପାରିବେ। ଏହି କାଫେକୁ ଗ୍ରାହକ ଆସିବା ପରେ କଫି କି ପେଷ୍ଟ୍ରି ଅର୍ଡର ଦେବାକୁ ହୁଏ। ଏହାପରେ ଗ୍ରାହକ ଜଣକ କେଉଁଥିରେ ନିଜର ମନକଥା ଲେଖିବେ ତାହା ବାଛିବାକୁ ହୋଇଥାଏ। ଜଣେ ଏଠାରେ ନିଜ ପାଇଁ କି ଅନ୍ୟ କାହା ପାଇଁ ଚିଠି ଲେଖିପାରିବେ। ଲେଖିବା ପରେ ଲଫାପାକୁ ସୁନ୍ଦର ଭାବେ ସଜାଇ ତାହାକୁ ସିଲ୍ କରାଯାଏ। ଅବଶ୍ୟ ଏହି ସିଲ୍ ମହମକୁ ତରଳାଇ କରିବାକୁ ହୋଇଥାଏ। ଏହାପରେ ଗ୍ରାହକ ଚିଠିକୁ କାଫେରେ ଥିବା ବାକ୍ସ ମଧ୍ୟରେ ରଖନ୍ତି। କାନ୍ଥରେ ଥିବା ପ୍ରତ୍ୟେକ ବାକ୍ସ ବିଭିନ୍ନ ଡେଲିଭରି ସମୟକୁ ନେଇ ରହିଛି। ଏଠାରେ ବର୍ଷେ, ପାଞ୍ଚବର୍ଷ କିମ୍ବା ୨୦ ବର୍ଷରେ ଚିଠି ପହଞ୍ଚାଇବାର ସୁବିଧା ଅଛି। ଅବଶ୍ୟ ଚିଠିଟିକୁ ଯେଉଁ ଦିନ ପହଞ୍ଚାଇବାର ଥାଏ, ସେହି ବାକ୍ସକୁ ଚୟନ କରିବାକୁ ହୋଇଥାଏ। ଏହାପରେ କାଫେ କର୍ମଚାରୀ ଏହାକୁ ସୁରକ୍ଷିତ ଭାବେ ସାଇତି ରଖନ୍ତି ଏବଂ ଯେଉଁ ତାରିଖରେ ପ୍ରାପ୍ତକର୍ତ୍ତାଙ୍କ ପାଖରେ ପହଞ୍ଚିବାର ଥାଏ, ସେଦିନ ଚିଠିକୁ ଡେଲିଭରି ଦିଆଯାଏ। ଅବଶ୍ୟ ଚିଠି ପହଞ୍ଚାଇବା ପାଇଁ ଲୋକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ। ବର୍ଷକ ପାଇଁ ୧୫୦୦, ପାଞ୍ଚ ବର୍ଷ ଲାଗି ୨୪୦୦, ୨୦ ବର୍ଷ ଏଲାଗି ୪,୩୦୦ ଟଙ୍କା ଦେବାକୁ ହୁଏ।

# କ୍ରିସ୍‌ମାସ୍ କେଶ ବିନ୍ୟାସ

କ୍ରିସ୍‌ମାସ୍ ପାର୍ଟିକୁ ନେଇ ମହିଳାମାନେ ଅଧିକ ଉତ୍ସାହିତ ଥାଆନ୍ତି। ଏଥିପାଇଁ ସାଜସଜଠୁ ନେଇ ବେଶପୋଷାକ ପ୍ରତି ଧ୍ୟାନ ଦିଅନ୍ତି। ଏଥିପାଇଁ ମହିଳାମାନେ ମେକ୍‌ଅପ୍ ସହ କେଶ ବିନ୍ୟାସ ମଧ୍ୟ କରନ୍ତି। ସେହିପରି କ୍ରିସ୍‌ମାସ୍‌ରେ ଆକର୍ଷଣୀୟ କେଶ ବିନ୍ୟାସ ଚାହୁଁଥଲେ ମାଳି, ବୋ- କ୍ଲିପ୍ ଆଦି ଲଗାଇପାରିବେ। ଏହା କେଶକୁ ସୁନ୍ଦର କରିଥାଏ।



- କ୍ରିସ୍‌ମାସ୍ ପାର୍ଟିରେ ରେଡ୍ ଆଉଟ୍‌ଫିଟ୍ ସହ ଏକ ସୁନ୍ଦର ଲୁକ୍ ଚାହୁଁଥିଲେ, ବୋ-ଡିଜାଇନ ନାଲିରଙ୍ଗ ହେୟାର ଆସେସରିଜ୍ ବ୍ୟବହାର କରିପାରିବେ।
- ସେହିପରି ମହିଳାମାନେ କେଶରେ କ୍ଲିପ୍ ବଦଳରେ ନାଲି , ସବୁଜ ରଙ୍ଗ କ୍ଲିପ୍ ଲଗାଇପାରିବେ।
- କ୍ରିସ୍‌ମାସ୍ ପାର୍ଟିରେ କେଶକୁ ଖୋଲା କରି ଏଥିରେ ନାଲି ବୋ କ୍ଲିପ୍ ଲଗାଇପାରିବେ। ଏହା କେଶକୁ ଖୁବ୍ ସୁନ୍ଦର ମାନିଥାଏ।
- ସେହିପରି କେଶକୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏଥିରେ ଛୋଟ ନାଲିମାଳି, ଛୋଟ ବଲ୍ ଲଗାଇ କେଶକୁ ସଜାଇପାରିବେ। ସେହିପରି ଚାହିଁଲେ ନାଲି ରିବନ ଫିତାବାନ୍ଧି କେଶକୁ ସୁନ୍ଦର କରିପାରିବେ। କେଶକୁ ବାନ୍ଧିବା ବଦଳରେ ଛାଡ଼ିଲେ, ଭଲ ମାନିଥାଏ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ବିଜୟ ହଜାରେ ଟ୍ରଫିରେ ରେକର୍ଡ ବର୍ଷା

# ବିହାର ଓ ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୧୨(ଏଜେନ୍ସି/ସମିସ): ଭାରତର ଲିଷ୍ଟ-ଏ (ଘରୋଇ ଦିନିକିଆ ଫର୍ମାଟ) କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜି ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଦୁଇଟି ବିଶ୍ୱରେକର୍ଡ ସହ ଅଧା ଡଜନରେ ଅଧିକ ରେକର୍ଡ ସୃଷ୍ଟି ହୋଇଛି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ୬ ୱିକେଟରେ ୫୭୪ ରନ୍ କରି ବିଶ୍ୱର ସମସ୍ତ ଲିଷ୍ଟ-ଏ' (ଅନ୍ତର୍ଜାତୀୟ ମ୍ୟାଚ୍ ସମେତ) କ୍ରିକେଟରେ ସର୍ବୋଚ୍ଚ ଦଳଗତ ସ୍କୋର କରିଛି। ଏହି ମ୍ୟାଚ୍‌ରେ ଟିନ୍‌ଏଜ୍ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ୨୭୨ ଦିନରେ ଶତକ ହାସଲ କରି ବିଶ୍ୱର ସର୍ବକନିଷ୍ଠ ସେଞ୍ଚୁରିଆନ୍ ଭାବେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ୍ ଗନି ୩୨ ବଲ୍‌ରେ ଶତକ ହାସଲ କରି ଭାରତରେ ଦ୍ରୁତତମ ଓ ବିଶ୍ୱରେ ତୃତୀୟ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏଠାରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀ ୩୬ ବଲ୍‌ରେ ଓ ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇଶାନ କିସାନ ୩୩ ବଲ୍‌ରେ ଶତକ ହାସଲ କରି ଯଥାକ୍ରମେ ଭାରତର ଚତୁର୍ଥ ଓ ଦ୍ୱିତୀୟ ଦ୍ରୁତତମ ଶତକହାସଲ କରିବାରେ ରେକର୍ଡ କରିଛନ୍ତି।

ଓଡ଼ିଶା ମଧ୍ୟ ଆଜିର ରେକର୍ଡ ବହିରେ ସାମିଲ ହୋଇଛି। ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଦଳର ଓପନର ସ୍ୱସ୍ତିକ ସାମଲ ୨୧୨ ରନ୍ କରି ରାଜ୍ୟର ପ୍ରଥମ ଦ୍ୱିଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏହା ସତ୍ତ୍ୱେ ଦଳ ୫ ୱିକେଟରେ ପରାଜିତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଅନେକ ଖେଳାଳି ମଧ୍ୟ ବ୍ୟକ୍ତିଗତ ରେକର୍ଡ ବହିରେ ନିଜ ନାମ ଲିପିବଦ୍ଧ କରିଛନ୍ତି।





### ବିଶ୍ୱ ଲିଷ୍ଟ-ଏ'ରେ ୫ଟି ସର୍ବୋଚ୍ଚ ଦଳଗତ ସ୍କୋର

| ସ୍କୋର | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ତାରିଖ/ବର୍ଷ |
|---|---|---|---|---|
| ୫୭୪/୬ | ବିହାର | ଅରୁଣାଚଳ ପ୍ର. | ରାଞ୍ଚି | ୨୪-୧୨-୨୦୨୫ |
| ୫୦୬/୨ | ତାମିଲନାଡୁ | ଅରୁଣାଚଳ ପ୍ର. | ବେଙ୍ଗାଲୁରୁ | ୨୧-୧୧-୨୦୨୨ |
| ୪୯୮/୪ | ଇଂଲଣ୍ଡ | ନେଦରଲାଣ୍ଡସ | ଆମଷ୍ଟଲଭିନ୍ | ୧୭-୬-୨୦୨୨ |
| ୪୯୬/୪ | ସରେ | ଗ୍ଲୁସେଷ୍ଟରସାୟର | ଓଭାଲ | ୨୯-୪-୨୦୦୭ |
| ୪୮୧/୬ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ନଟିଂହାମ | ୧୯-୬-୨୦୧୮ |

### ଲିଷ୍ଟ-ଏ'ରେ ବିଶ୍ୱ ରେକର୍ଡ ଦଳଗତ ସ୍କୋର

**ବିହାର-୫୭୬/୪ ବନାମ ଅରୁଣାଚଳ ପ୍ରଦେଶ**

ରାଞ୍ଚି: ଏଠାରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିପକ୍ଷ ୨୦୨୫-୨୬ ସିଜନ ବିଜୟ ହଜାର ଟ୍ରଫି ପ୍ଲେଟ୍ ଲିଗ୍‌ର ଏକ ମ୍ୟାଚ୍‌ରେ ବିହାର ୫୦ ଓଭରରେ ୫୭୬ ରନ୍ ସଂଗ୍ରହ କରିଛି। ଦିନିକିଆ ବା ୫୦ ଓଭର ଫର୍ମାଟରେ ଏହି ବିଶ୍ୱରେ ସର୍ବାଧିକ ଦଳଗତ ସ୍କୋର। ପୂର୍ବରୁ ଏହି ରେକର୍ଡ ତାମିଲନାଡୁ ନାମରେ ଥିଲା। ୨୦୨୨ ନଭେମ୍ବର ୨୧ ତାରିଖ ବେଙ୍ଗାଲୁରୁରେ ଖେଳାଯାଇଥିବା ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ତାମିଲନାଡୁ ୨ ୱିକେଟରେ ୫୦୬ ରନ୍ କରି ଏହି ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ଏହି ଫର୍ମାଟରେ କେବଳ ଦୁଇଥର ଗୋଟିଏ ଦଳ ୫୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ଏହି ତାଲିକାରେ ଇଂଲଣ୍ଡ ଦଳ ତୃତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ଦଳ ୪ ୱିକେଟରେ ୪୯୮ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଛି। ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏହା ମଧ୍ୟ ସର୍ବୋଚ୍ଚ ଦଳଗତ ସ୍କୋର। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୧୯୦, ଆୟୁଷ ଲୋହାରୁକା ୧୧୬ ଓ ସାକିବୁଲ ଗନି ୪୦ ବଲ୍‌ରେ ଅପରାଜିତ ୧୨୮*ରନ କରିଥିଲେ। ବିହାର ଏହି ମ୍ୟାଚ୍‌କୁ ୩୯୭ ରନ୍‌ରେ ଜିତିଥିଲା।

### ସର୍ବକନିଷ୍ଠ ସେଞ୍ଚୁରିଆନ୍: ବୈଭବ ସୂର୍ଯ୍ୟବଂଶୀ

**୧୪ ବର୍ଷ ୨୭୨ ଦିନ ବନାମ ଅରୁଣାଚଳ**

ରାଞ୍ଚି: ଅରୁଣାଚଳ ବିପକ୍ଷ ମ୍ୟାଚ୍‌ରେ ଟିନ୍ ଏଜ୍ ଓପନର ବୈଭବ ସୂର୍ଯ୍ୟବଂଶୀ ୮୪ବଲ୍‌ରେ ୧୯୦ ରନ୍ କରିଛନ୍ତି। ଏଥିରେ ୧୬ଟି ଚୌକା ଓ ୧୫ଟି ଛକା ରହିଛି। ଏହା ଫଳରେ ସେ ମାତ୍ର ୧୪ ବର୍ଷ ୨୭୨ ଦିନରେ ସମସ୍ତ ଲିଷ୍ଟ-ଏ' ମ୍ୟାଚ୍‌ରେ ସର୍ବକନିଷ୍ଠ ଶତକ ହାସଲ କରିବାର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଜହୁର ଇଲାହୀଙ୍କ ନାମରେ ଥିଲା। ୧୯୮୬ ରେଲୱେ ବିପକ୍ଷ ମ୍ୟାଚ୍‌ରେ ଜହୁର ମାତ୍ର ୧୫ ବର୍ଷ ୨୦୯ ଦିନରେ ଶତକ ହାସଲ କରି ଏହି ରେକର୍ଡ କରିଥିଲେ। ନିକଟରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓ ୧୩ ବର୍ଷରେ ଆଇପିଏଲ୍‌ରେ ଶତକ ହାସଲ କରି ସର୍ବକନିଷ୍ଠ ଖେଳାଳି ହେବାର ଯୋଗ୍ୟତା ଅର୍ଜନ କରିଥିଲେ।

### ସ୍ୱସ୍ତିକ-୨୧୨: ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍

ଅଲୁର: ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଅନୁଷ୍ଠିତ ସୌରାଷ୍ଟ୍ର ବିପକ୍ଷ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ସ୍ୱସ୍ତିକ ସାମଲ ୨୧୨ ରନ୍ କରିଛନ୍ତି। ଏହି ମ୍ୟାଚ୍‌ରେ ଓପନର ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ରନ୍ କରିଥିଲେ। ଏହା ଫଳରେ ବିଜୟ ହଜାରେ ଟ୍ରଫିରେ ସେ ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍ ହୋଇଥିଲେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ବିବିସିସି (ବିଶ୍ୱ ବିଜୟୀ ଚନ୍ଦ୍ରଚୂଡ) ମହାପାତ୍ର ୨୦୦୫ ଜାନୁଆରୀ ୧୫ରେ ଯାଦବପୁର ୟୁନିଭର୍ସିଟି ଗ୍ରାଉଣ୍ଡରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ କରିଥିବା ୧୪୫ ରନ୍ ଓଡ଼ିଶାର ଲିଷ୍ଟ-ଏ'ରେ ସର୍ବାଧିକ ସ୍କୋର ରହିଥିଲା।



### ବିଶ୍ୱ ଲିଷ୍ଟ-ଏ'ରେ ୧୦ଟି ଦ୍ରୁତତମ ଶତକ

| ବଲ୍ | ଖେଳାଳି | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ତାରିଖ/ବର୍ଷ |
|---|---|---|---|---|
| ୨୯ | ଜେକ୍ ଫ୍ରେଜର | ସାଉଥ୍ ଅଷ୍ଟ୍ରେଲିଆ | ଟାସ୍‌ମାନିଆ | ୨୦୨୩-୨୪ |
| ୩୧ | ଏବି ଡିଭିଲର୍ସ | ଦ.ଆଫ୍ରିକା | ୱେଷ୍ଟଇଣ୍ଡିଜ୍ | ୨୦୧୪-୧୫ |
| ୩୨ | ସାକିବୁଲ ଗନି | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୩ | ଇଶାନ କିସାନ | ଝାଡଖଣ୍ଡ | କର୍ଣ୍ଣାଟକ | ୨୦୨୫-୨୬ |
| ୩୫ | ଅନ୍‌ମୋଲପ୍ରୀତ୍ ସିଂହ | ପଞ୍ଜାବ | ଅରୁଣାଚଳ | ୨୦୨୪-୨୫ |
| ୩୬ | କୋରୀ ଆଣ୍ଡରସନ | ନ୍ୟୁଜିଲାଣ୍ଡ | ୱେଷ୍ଟଇଣ୍ଡିଜ୍ | ୨୦୧୪ |
| ୩୬ | ଜି ରୋଜ୍ | ସମରସେଟ୍ | ଡେଭନ | ୧୯୯୦ |
| ୩୬ | ବୈଭବ ସୂର୍ଯ୍ୟବଂଶୀ | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୭ | ସାହିଦ୍ ଆଫ୍ରିଦୀ | ପାକିସ୍ତାନ | ଶ୍ରୀଲଙ୍କା | ୧୯୯୬ |
| ୩୮ | ରୋଭମାନ ପାୱେଲ | ଜାମାଇକା | ଲିୱାର୍ଡ ଆଇଲାଣ୍ଡ | ୨୦୧୯-୨୦ |

### ଗନିଙ୍କ ୩୨ ବଲ୍‌ରେ ଶତକ

**ଲିଷ୍ଟ-ଏ'ରେ ଭାରତରେ ଦ୍ରୁତତମ**

ରାଞ୍ଚି: ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ୍ ଗନି ମାତ୍ର ୩୨ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ଲିଷ୍ଟ-ଏ' କ୍ରିକେଟରେ ସେ ଭାରତର ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଏହି ରେକର୍ଡ ଗତବର୍ଷ ପଞ୍ଜାବର ଅନ୍‌ମୋଲପ୍ରୀତ୍ ସିଂହଙ୍କ ନାମରେ ଥିଲା। ୨୦୨୪ରେ ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଅନ୍‌ମୋଲପ୍ରୀତ୍ ୩୫ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟର ବୈଭବ ମାତ୍ର ୩୬ ବଲ୍‌ରେ ଶତକ ପୂରଣ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଗନି ରେକର୍ଡ କରିବାର ୧୦ ମିନିଟ୍ ପୂର୍ବରୁ ଆଜି ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଝାଡଖଣ୍ଡ ଅଧିନାୟକ ଇଶାନ କିସାନ ମାତ୍ର ୩୩ ବଲ୍‌ରେ ଶତକ ହାସଲ କରିଥିଲେ। ଗନି ତାଙ୍କ ରେକର୍ଡକୁ ଭାଙ୍ଗିଦେଇଥିଲେ। ଲିଷ୍ଟ-ଏ'ରେ ବିଶ୍ୱରେ ଦ୍ରୁତତମ ଶତକ ହାସଲକାରୀଭାବେ ଗନିଙ୍କଠାରୁ ଦୁଇଜଣ କମ୍ ବଲ୍‌ରେ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଘରୋଇ କ୍ରିକେଟେ ଟାସ୍‌ମାନିଆ ବିପକ୍ଷ ମ୍ୟାଚ୍‌ରେ ସାଉଥ୍ ଅଷ୍ଟ୍ରେଲିଆର ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ୍ ୨୯ ବଲ୍‌ରେ ଓ ୨୦୧୪-୧୫ ସିଜନରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସ ୩୧ ବଲ୍‌ରେ ଶତକ ହାସଲ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ବିଶ୍ୱର ପ୍ରଥମ ୫ଜଣ ଦ୍ରୁତତମ ଶତକହାସଲକାରୀଙ୍କ ମଧ୍ୟରେ ଭାରତର ୩ ଜଣ ଖେଳାଳି ରହିଛନ୍ତି।

---

**● ଜାନୁଆରୀ ୧୧ରୁ ୩୧ ସୀମିତ ଓଭର ସିରିଜ୍**

## ଭାରତ ଗସ୍ତ ଲାଗି ନ୍ୟୁଜିଲାଣ୍ଡ ଦଳ

ଅକ୍‌ଲାଣ୍ଡ,୨୪।୧୨(ଏଜେନ୍ସି): ଆସନ୍ତାବର୍ଷ ଭାରତ ଗସ୍ତରେ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଦଳର ପ୍ରମୁଖ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଜନ୍ ବ୍ରେସ୍‌ୱେଲଙ୍କୁ ଦିନିକିଆ ଓ ମିଚେଲ ସାଣ୍ଟନରଙ୍କୁ ଟି-୨୦ ଦଳର ନେତୃତ୍ୱ ଦିଆଯାଇଛି। ଏହି ସିରିଜ୍‌ରେ ୩ଟିଦିନିକିଆ ମ୍ୟାଚ୍ ଜାନୁଆରୀ ୧୧, ୧୪ ଓ ୧୮ ରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଯଥାକ୍ରମେ ଭଦୋଦରା, ରାଜକୋଟ ଓ ଇନ୍ଦୋରରେ ଖେଳାଯିବ। ସେହିପରି ଟି-୨୦ ମ୍ୟାଚ୍ ଗୁଡିକ ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ୨୩, ଗୁଆହାଟୀରେ ୨୫, ବିଶାଖାପାଟଣାରେ ୨୮ ଓ ତିରୁଅନନ୍ତପୁରମରେ ୩୧ରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ଦିନିକିଆ ଦଳ:** ମାଇକେଲ ବ୍ରେସ୍‌ୱେଲ୍ (ଅଧିନାୟକ), ଜୋସ୍ କ୍ଲାର୍କସନ, ଡେଭନ କନୱେ, ମିଚେଲ ହେ', ହେନରୀ ନିକୋଲସ୍, ୱିଲ ୟଙ୍ଗ୍, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନକ୍ସ, ଆଦିତ୍ୟ ଅଶୋକ, କ୍ରିଷ୍ଟିଆନ୍ କ୍ଲାର୍କ, କାଏଲ ଜାମିସନ, ମାଇକେଲ ରାଏ।

**ନ୍ୟୁଜିଲାଣ୍ଡ ଟି-୨୦ ଦଳ:** ମାର୍କ ଚାପ୍‌ମ୍ୟାନ୍, ଟିମ୍ ସେଇଫର୍ଟ, ମାଇକେଲ ବ୍ରେସ୍‌ୱେଲ, ବେଭନ ଜ୍ୟାକବ୍ସ, ଡାରିଲ ମିଚେଲ, ଜେମ୍ସ ନୀଶାମ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋକ୍ସ, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଏଲ ଜାମିସନ, ଇସ୍ ସୋଧି।

---

**ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଉଦ୍‌ଘାଟିତ**

## କଣ୍ଟାବାଞ୍ଜିକୁ ହରାଇ ବିଶାଖାପାଟଣା ସେମିରେ

ପାଇକମାଲ,୨୪।୧୨(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ କଣ୍ଟାବାଞ୍ଜି ଫ୍ରେଣ୍ଡସକୁ ହରାଇ ବିଶାଖାପାଟଣା ରେଲୱେ ସେମିଫାଇନାଲକୁ ପ୍ରବେଶ କରିଛି। କଣ୍ଟାବାଞ୍ଜି ଦଳ ଟସ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶମ୍ଭୁ ହାତୀ ୭୯ ରନ, ଶେଖର ହାତୀ ୫୬ ଓ ଅଂଶୁମାନ ମିଶ୍ର ୫୨ ରନ ସଂଗ୍ରହ କରିଥିଲେ। ଜବାବରେ ୨୨୦ ରନ ବିଜୟ ଲକ୍ଷ୍ୟ ନେଇ ବିଶାଖାପାଟଣା ୧୮.୫ ଓଭରରେ ୬ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଏମ ୱଶବନ୍ତ ୫୯, ଏନଏଲରୟରାଜୁ ୫୮ ଓ ଏମଏସ ଦୀପକ ୪୮ରନ ସଂଗ୍ରହ କରିଥିଲେ। କଣ୍ଟାବାଞ୍ଜି ଦଳରୁ ଗୌରବ ରାଉତ, ବିଜୟ ୨ଟି ଲେଖାଏ ୱିକେଟ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାମାୟା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଏମଡି ଟଙ୍କଧର ସାହୁ ଓ ସମ୍ମାନିତ ଅତିଥି ଭାବେ ଛିନ୍ଦେଇକେଲା ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ନନ୍ଦିକିଶୋର ନନ୍ଦ, ଛିନ୍ଦେଇକେଲା ହାଇସ୍କୁଲ ପ୍ରଧାନଶିକ୍ଷକ କାହ୍ନୁଚରଣ ମେହେର, ମାଳତୀକୁଅଁର ପ୍ରମୁଖ ଖେଳ ଉଦ୍‌ଘାଟନ କରିଥିଲେ। ବିଶାଖାପାଟଣା ରେଲୱେ ଦଳର ଏନଏଲ ରାଜୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଆସନ୍ତାକାଲି ପ୍ରୟାଗରାଜ (ୟୁପି) ଓ ରାୟପୁର (ଛତିଶଗଡ) ମଧ୍ୟରେ ମ୍ୟାଚ୍ ହେବ ବୋଲି ଉପଦେଷ୍ଟା ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି। ଓସିଏ ଅମ୍ପାୟାର ଚୁଡାମଣି ପାଢ଼ୀ ଓ ବିଶ୍ୱମ୍ବର ମହାକୁଡ ଖେଳ ପରିଚାଳନା କରିଥିଲେ।



---

## ସନ୍ତୋଷ ଟ୍ରଫିରେ ଓଡ଼ିଶାର କ୍ରମାଗତ ବିଜୟ

କଟକ, ୨୪।୧୨ (ସମିସ): ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟକ କାର୍ତ୍ତିକ ହନ୍ତାଳ ମ୍ୟାଚର ୪୨ତମ ମିନିଟ୍‌ରେ ଏହି ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲେ। ଫଳରେ ଏବେ ଦୁଇଟି ମ୍ୟାଚରୁ ୨ଟି ବିଜୟ ସହ ଓଡ଼ିଶା ୬ ପଏଣ୍ଟ ପାଇ ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଗ୍ରୁପ୍ ମ୍ୟାଚ ଶୁକ୍ରବାର ଆୟୋଜକ ଛତିଶଗଡ଼କୁ ଭେଟିବ।

---

**ଜାତୀୟ କ୍ରୀଡ଼ା ପୁରସ୍କାର**

## ହାର୍ଦ୍ଦିକ ପାଇବେ 'ଖେଳରତ୍ନ', ୨୪ଜଣଙ୍କୁ ଅର୍ଜୁନ

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଭାରତୀୟ ପୁରୁଷ ହକି ଦଳର ଉପ-ଅଧିନାୟକ ହାର୍ଦ୍ଦିକ ସିଂହଙ୍କ ନାମ ଚଳିତ ବର୍ଷ ଲାଗି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ଖେଳରତ୍ନ' ପୁରସ୍କାର ଲାଗି ସୁପାରିସ କରାଯାଇଛି। ଏକମାତ୍ର କ୍ରୀଡ଼ାବିତ୍ ଭାବେ ହାର୍ଦ୍ଦିକଙ୍କ ନାମକୁ ଚୟନ କମିଟି କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇଛି। ସେହିଭଳି ଯୁବ ଚେସ୍ ତାରକା ଦିବ୍ୟା ଦେଶମୁଖ ଓ ଆଥ୍‌ଲେଟ୍ ତେଜସ୍ୱିନ ଶଙ୍କରଙ୍କ ସମେତ ୨୪ଜଣ କ୍ରୀଡ଼ାବିତଙ୍କ ନାମ 'ଅର୍ଜୁନ' ପୁରସ୍କାର ଲାଗି ସୁପାରିସ ହୋଇଛି। ୨୭ ବର୍ଷୀୟ ହାର୍ଦ୍ଦିକ ୨୦୨୧ ଟୋକିଓ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟପଦକ ବିଜୟୀ ହୋଇଥିବା ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଚଳିତ ବର୍ଷ ଏସିଆ କପ୍‌ରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ୨୭ ବର୍ଷୀୟ ହାର୍ଦ୍ଦିକ ବର୍ତ୍ତମାନ ସୁଦ୍ଧା ଭାରତ ପାଇଁ ୧୬୬ଟି ମ୍ୟାଚ୍ ଖେଳିସାରିଛନ୍ତି।



**ସୁପାରିସ କ୍ରୀଡ଼ାବିତ୍‌ଙ୍କ ନାମ:**

**ଖେଳରତ୍ନ: ହାର୍ଦ୍ଦିକ ସିଂହ**

**ଅର୍ଜୁନ ପୁରସ୍କାର:** ତେଜସ୍ୱିନ ଶଙ୍କର, ପ୍ରିୟଙ୍କା, ନରେନ୍ଦ୍ର, ଭିଦିତ ଗୁଜରାଥି, ଦିବ୍ୟା ଦେଶମୁଖ, ଧନୁଶ ଶ୍ରୀକାନ୍ତ, ପ୍ରଣତି ନାୟକ, ରାଜକୁମାର ପାଲ୍, ସୁରଜିତ୍, ନିର୍ମଳା ଭାଟି, ରୁଦ୍ରାଂଶ ଖଣ୍ଡେୱାଲ, ଏକତା ଭ୍ୟାନ, ପଦ୍ମନାଭ ସିଂ, ଅରବିନ୍ଦ ସିଂ, ଅଖିଳ ଶୋଓରାନ, ମେହୁଲି ଘୋଷ, ସୁତୀର୍ଥ ମୁଖାର୍ଜୀ, ସୋନମ ମଳିକ, ଆରତି ପଲ୍, ତ୍ରିସା ଜୋଲି. ଗାୟତ୍ରୀ ଗୋପୀଚାନ୍ଦ, ଲାଲରେମସିଆମି, ମହମ୍ମଦ ଅଫଜାଲ ଓ ପୂଜା।

---

## ସ୍ୱସ୍ତିକଙ୍କ ଦ୍ୱିଶତକ, ବିପ୍ଳବଙ୍କ ଶତକ ବୃଥା; ଓଡ଼ିଶା ପରାସ୍ତ

ଭୁବନେଶ୍ୱର,୨୪।୧୨(ସମିସ): ପ୍ରଥମ ଓଡ଼ିଆ ଖେଳାଳି ଭାବେ ସ୍ୱସ୍ତିକ ସାମଲଙ୍କ ଦ୍ୱିଶତକ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଶତକ ବିଜୟ ହଜାରେ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବୃଥା ଯାଇଛି। ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଏ'ର ପ୍ରଥମ ମୁକାବିଲାରେ ପ୍ରତିଦ୍ୱନ୍ଦ୍ୱୀ ସୌରାଷ୍ଟ୍ର ୫ ୱିକେଟରେ ଓଡ଼ିଶାକୁ ପରାସ୍ତ କରିବା ଫଳରେ ଦଳକୁ ନିରାଶ କରିଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ଓ ବିପ୍ଳବ ୯୧ ବଲ୍‌ରୁ ୧୦୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୪୫ ରନ୍ କରିଥିଲା। ଲିଷ୍ଟ-ଏ'ରେ ଓଡ଼ିଶାର ଏହା ଚତୁର୍ଥ ସର୍ବାଧିକ ସ୍କୋର। ଜବାବରେ ୨୨ ବର୍ଷୀୟ ଡେବ୍ୟୁଟାଣ୍ଟ ଖେଳାଳି ସମର ଗଜ୍ଜରଙ୍କ ଅପରାଜିତ ୧୩୨ ଓ ଅଭିଜ୍ଞ ଚିରାଗ ଜାନିଙ୍କ ୮୬ ରନ୍ ସହାୟତାରେ ସୌରାଷ୍ଟ୍ର ୭ଟି ବଲ ଓ ୫ଟି ୱିକେଟ ବାକିଥାଇ ଏହି ମ୍ୟାଚ୍ ଜିତିନେଇଥିଲା। ଦଳକୁ ଫେରିଥିବା ଦେବବ୍ରତ ପ୍ରଧାନ ୩ଟି, ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ଓ ବିପ୍ଳବ ଚତୁର୍ଥ ୱିକେଟରୁ ୨୬୧ ରନ୍‌ର ପାର୍ଟନରସିପ୍ କରିଥିଲେ। ଲିଷ୍ଟ-ଏ'ରେ ଓଡ଼ିଶା ଖେଳିଥିବା ମ୍ୟାଚ୍‌ରେ ଏହା ରେକର୍ଡ ରନ୍। ପୂର୍ବରୁ ତ୍ରିପୁରା ବିପକ୍ଷରେ ବିବିସିସି ମହାପାତ୍ର ଓ ଶିବସୁନ୍ଦର ଦାସ ପ୍ରଥମ ୱିକେଟରୁ ସର୍ବାଧିକ ୨୩୯ ରନ୍ କରିଥିଲେ।



### ପରିଶ୍ରମ, ଆତ୍ମବିଶ୍ୱାସର ଫଳ ପାଇଛି: ସ୍ୱସ୍ତିକ

ବିଜୟ ହଜାରେ ଟ୍ରଫି ଆରମ୍ଭରୁ ଦ୍ୱିଶତକୀୟ ପାଳି ଖେଳି କ୍ରିକେଟ ଜଗତରେ ଚହଳ ସୃଷ୍ଟି କରିଛନ୍ତି ଓଡ଼ିଶା ଦଳର ଓପନର ସ୍ୱସ୍ତିକ ସାମଲ। ପ୍ରଥମ ଓଡ଼ିଆ ଭାବେ ସ୍ୱସ୍ତିକ ଏଭଳି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ନିକଟ ଅତୀତରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ କଟକ ପାନ୍ଥର୍ସକୁ ଚାମ୍ପିଅନ କରାଇଥିଲେ ଏହି ୨୫ବର୍ଷୀୟ ଡାହାଣହାତୀ ବ୍ୟାଟରଜଣକ। ଏବେ ତାଙ୍କର ବିସ୍ଫୋରକ ପାଳି ଜାତୀୟ ସ୍ତରରେ ଗୁଞ୍ଜରଣ ସୃଷ୍ଟି କରିଛି। ସୌରାଷ୍ଟ୍ର ବିପକ୍ଷରେ ୧୬୯ ବଲରୁ ୨୧ଟି ଚୌକା ଏବଂ ୮ଟି ଛକା ବଳରେ ୨୧୨ରନର ପାଳି ଖେଳିଥିବା ସ୍ୱସ୍ତିକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...

**ପ୍ର: ପ୍ରାରମ୍ଭିକ ୱିକେଟ ପତନ ପରେ କ୍ରିଜରେ ତିଷ୍ଠି ରହି ଦ୍ୱିଶତକ ହାସଲ କରିବା ସହଜ ଥିଲା?**

ଉ: ତୃତୀୟ ୱିକେଟ ପତନ ସୁଦ୍ଧା ମୁଁ ୨୦/୨୫ ବଲ ଖେଳିଥିଲି। ଅଧିନାୟକ ବିପ୍ଳବ(ରାଜା) ଭାଇ କ୍ରିଜକୁ ଆସିବା ପରେ କଣ ରଣନୀତି ହେବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ତେବେ ପ୍ରତିପକ୍ଷକୁ ଆଉ ୱିକେଟ ଭେଟି ନଦେଇ ଖେଳକୁ ୪୦ ଓଭର ପର୍ଯ୍ୟନ୍ତ ଟାଣି ନେବା ହିଁ ଲକ୍ଷ୍ୟ ରଖିଥିଲୁ। ତାହା ଭିତରେ ଉଭୟ ନିଜ ଉପରୁ ଚାପ ହଟାଇ ବଡ ସଟ୍ ମାରି ଦଳ ପାଇଁ ଉପଯୋଗୀ ପାଳି ଖେଳି ପାରିଥିଲୁ।

**ପ୍ର: ହାତଗଣତି ଭାରତୀୟ ଖେଳାଳି ବିଜୟ ହଜାରେ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି। ଆପଣ ହେଉଛନ୍ତି ପ୍ରଥମ ଓଡ଼ିଆ। ଏଭଳି ବିରଳ ସଫଳତା ପାଇଁ ପ୍ରସ୍ତୁତି କିପରି କରିଥିଲେ?**

ଉ: ଏବେ ନିଜ ଉପରେ ଅଧିକ ଧ୍ୟାନ ଦେଉଛି। ସମ୍ପୂର୍ଣ୍ଣ ଶୃଙ୍ଖଳିତ ଢ଼ଙ୍ଗରେ କ୍ୟାରିୟରକୁ ଆଗକୁ ବଢ଼ାଇ ନେବା ପାଇଁ ଉଦ୍ୟମ କରୁଛି। ଦ୍ୱିଶତକ ମାରି ପାରିବି ବୋଲି ଆତ୍ମବିଶ୍ୱାସ ଥିଲା। ଆଜି ସେହି ବିଶ୍ୱାସ କାର୍ଯ୍ୟରେ ପରିଣତ ହୋଇଛି।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS